
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୫ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 05 September 2024
Vol.No. 35 ■ No.238 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସେମାନେ ଭାଙ୍ଗିଥାନ୍ତି, ଆମେ ଯୋଡ଼ିଥାଉ: ବିଜେପିକୁ ରାହୁଲଙ୍କ ଟାର୍ଗେଟ



ଜମ୍ମୁ, ୪/୯ : ଜମ୍ମୁ-କଶ୍ମୀର ଏବଂ ହରିୟାଣା ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ସମସ୍ତ ରାଜନେ?ତିକ ଦଳ ନିଜ ନିଜସ୍ତରରେ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। କଂଗ୍ରେସ ଏବଂ ଆମ୍ ଆଦମୀ ପାର୍ଟି (ଆପ୍) ହରିୟାଣାରେ ବିଧାନସଭା ନିର୍ବାଚନ ପାଇଁ ମେଣ୍ଟ ବିଷୟରେ କହୁଛନ୍ତି। ସେପ୍ଟେମ୍ବର ୧୮ରେ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ୨୪ ଟି ଆସନରେ ମତଦାନ ହେବ। କଂଗ୍ରେସ ସାଂସଦ ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ପ୍ରଚାର ପାଇଁ ବୁଧବାର ଜମ୍ମୁ-କଶ୍ମୀରରେ ପହଞ୍ଚିଛନ୍ତି। ରାହୁଲଙ୍କ ପ୍ରଥମ ରାଲି ରାମବନ୍ ଗୁଲରେ ଚାଲିଛି। ଦ୍ୱିତୀୟ ରାଲି ଅପରାହ୍ନ ସାଢ଼େ ଗୋଟାଏରୁ ଅନନ୍ତନାଗର ଡୁରୁ ଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଜମ୍ମୁ-କଶ୍ମୀର ପୁଲିସ୍ ଉଭୟ ସ୍ଥାନରେ କଡା ସୁରକ୍ଷା ବ୍ୟବସ୍ଥା କରିଛି। ଜମ୍ମୁ-କଶ୍ମୀର ନିର୍ବାଚନ ୧୮ ସେପ୍ଟେମ୍ବର, ୨୫ ସେପ୍ଟେମ୍ବର ଏବଂ ୧ ଅକ୍ଟୋବରରେ ୩ ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। କଂଗ୍ରେସ ଦଳ ୪୦ ତାରକା ପ୍ରଚାରକଙ୍କ ନାମ ସ୍ଥିର କରିଛି। ମଲ୍ଲିକାର୍ଜୁନ ଖଡଗେ ସୋନିଆ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନାମ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଜମ୍ମୁ-କଶ୍ମୀରରେ ଅନୁଷ୍ଠିତ ଏହି ରାଲିରେ ରାହୁଲ ଗାନ୍ଧୀ କହିଛନ୍ତି, ଭାରତୀୟ ଜନତା ପାର୍ଟି ଏବଂ ଆରଏସଏସର ଲୋକମାନେ ସାରା ଦେଶରେ ଘୃଣା ଓ ହିଂସା ପ୍ରଚାର କରୁଛନ୍ତି। ସେମାନଙ୍କର କାମ ହେଉଛି ଘୃଣା ବିସ୍ତାର କରିବା ତଥା ଭାଙ୍ଗିବା ଏବଂ ଆମର କାମ ହେଉଛି ପ୍ରେମ ବିସ୍ତାର କରିବା। ସେମାନେ ଭାଙ୍ଗନ୍ତି ଏବଂ ଆମେ ଯୋଡ଼ିଥାଉ। ଘୃଣା କେବଳ ପ୍ରେମ ଦ୍ୱାରା ପରାଜିତ ହୋଇପାରିବ। ରାହୁଲ ଗାନ୍ଧୀ ଆହୁରି କହିଛନ୍ତି ଯେ ଶେଷରେ କେବଳ ପ୍ରେମ ଜିତେ। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛାତି ଖୋଲା କରି ଆସୁଥିଲେ ଏବଂ ବର୍ତ୍ତମାନ ସେ ନଇଁ କରି ଆସୁଛନ୍ତି। ଭାରତ ଇତିହାସରେ ପ୍ରଥମ ଥର ପାଇଁ ରାଜ୍ୟ ମାନ୍ୟତା ଛଡ଼ାଇ ନିଆଯାଇଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି।

## 'ସୁଭଦ୍ରା'କୁ ନେଇ ବଡ଼ ଅପ୍‌ଡେଟ୍



ଭୁବନେଶ୍ୱର, ୪/୯ (ନି.ପ୍ର): ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ 'ସୁଭଦ୍ରା' ଯୋଜନା ଫର୍ମ ଦାଖଲକୁ ନେଇ ଲୋକଙ୍କ ମନରେ ରହିଛି ବହୁ ଦ୍ୱନ୍ଦ୍ୱ। ଆଜି ଏହି ଦ୍ୱନ୍ଦ୍ୱ ଦୂର କରିଛନ୍ତି ଜନସେବା କେନ୍ଦ୍ରର 'ସୁଭଦ୍ରା' ଯୋଜନା କାର୍ଯ୍ୟକାରୀ ମୁଖ୍ୟ ଦିଲ୍ଲୀପ ଦାଶ। ସେ କହିଛନ୍ତି, ଘରେ ରହି ଅନ୍‌ଲାଇନରେ କରି ପାରିବେନି ସୁଭଦ୍ରା ଯୋଜନା ଆବେଦନ। ଶ୍ରୀ ଦାଶ କହିଛନ୍ତି, ସୁଭଦ୍ର ପାଇଁ ଆବେଦନ କରିବାକୁ ହେଲେ ଜନସେବା କେନ୍ଦ୍ରକୁ ଆସିବାକୁ ପଡ଼ିବ। ଆଜି ସନ୍ଧ୍ୟାରୁ ଖୋଲିବ ସୁଭଦ୍ରା ପୋର୍ଟାଲ। ତେଣୁ ଏବେଠୁ ଜନସେବା କେନ୍ଦ୍ରରେ ଲଗାନ୍ତୁନି ଭିଡ଼। ସେହିପରି ସୁଭଦ୍ରା ଯୋଜନା ଆବେଦନ ପାଇଁ କୌଣସି ଶେଷ ତାରିଖ ଘୋଷଣା ହୋଇନାହିଁ। ତେଣୁ ଶେଷ ଆବେଦନକାରୀ ଥିବା ଯାଏଁ ଜାରି ରହିବ ଫର୍ମ ଗ୍ରହଣ ବୋଲି ଶ୍ରୀ ଦାଶ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟ ସରକାର ଅଙ୍ଗନବାଡି କର୍ମୀଙ୍କ ଜରିଆରେ ଆବେଦନକାରୀଙ୍କ ପାଖରେ ଉପଲବ୍ଧ କରାଇଛନ୍ତି ସୁଭଦ୍ରା ଫର୍ମ। କିଛି ଜନସେବା କେନ୍ଦ୍ରରେ ମଧ୍ୟ ଫର୍ମ ଉପଲବ୍ଧ ହେଉଛି। ସେମାନଙ୍କଠାରୁ ଫର୍ମ ନେଇ ପୂରଣ କରି ଜନସେବା କେନ୍ଦ୍ରରେ ଦାଖଲ କରିବେ। ଏଥିପାଇଁ ସାଥିରେ କେବଳ ଆଧାର ଆଣିବାକୁ ପଡ଼ିବ। ମୋବାଇଲ ନମ୍ବର, ଆଙ୍ଗୁଠି ଛାପ, ମୁହଁ କିମ୍ବା ଆଖି ଡୋଳା ଭଳି ୪ଟି ବିକଳ୍ପରେ ହୋଇପାରିବ ଆଧାର ଅଥେଣ୍ଟିକେସନ। ତେଣୁ ଆଧାର ଅପଡେଟ୍ କରାଇବା ଲାଗି ମଧ୍ୟ ଲୋକମାନେ ଜନସେବା କେନ୍ଦ୍ରରେ ଅଯଥା ଭିଡ଼ ଲଗାନ୍ତୁ ନାହିଁ। ଅନେକ ସ୍ଥାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରାଯାଇ ସୁଭଦ୍ରା ଯୋଜନା ଫର୍ମ ଗ୍ରହଣ ବ୍ୟବସ୍ଥା କରାଯାଉଛି ବୋଲି ଶ୍ରୀ ଦାଶ କହିଛନ୍ତି। ସେପଟେ ▶▶ପୃଷ୍ଠା ୭

## ବିଜେଡିକୁ ଘାରିଛି ଅନାସ୍ଥା ଭୟ: ପଞ୍ଚାୟତ ପ୍ରତିନିଧିଙ୍କୁ ପୁରୀରେ ଶପଥ କରାଇଲେ



ପାରାଦୀପ, ୪/୯ (ନି.ପ୍ର): ପାରାଦୀପ ବିଜେଡିକୁ ଘାରିଛି ଅନାସ୍ଥା ଭୟ। ସେଥିପାଇଁ ପଞ୍ଚାୟତ ପ୍ରତିନିଧିଙ୍କୁ ଧରି ପୁରୀ ପଳାଇଲେ ବିଜେଡି ନେତା। ଆଉ ସେଠାରେ ସେମାନଙ୍କୁ ଶପଥ କରାଯାଇଥିବା ଚର୍ଚ୍ଚା ହେଉଛି। ଯାହାକୁ ନେଇ ଜଗତସିଂହପୁର ରାଜନୀତି ସରଗରମ ହୋଇଛି। ହେଲେ ଏପରି ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଓ ବିଜେଡି ନେତା ବାପି ସର୍ଖେଲ। କୁଜଙ୍ଗ ବ୍ଲକରେ ୨୮ ପଞ୍ଚାୟତ ରହିଛି। ପଞ୍ଚାୟତ ନିର୍ବାଚନରେ ବିଜେଡି ସପକ୍ଷରେ ଯାଇଥିଲା ମତଦାନ। ବ୍ଲକ ଚେୟାରମ୍ୟାନ୍ ହୋଇଥିଲେ ସମର୍ଥିତ ନିନାରାଣୀ ସାହୁ। ହେଲେ ଗତ ସାଧାରଣ ନିର୍ବାଚନରେ ପାରାଦୀପ ନିର୍ବାଚନମଣ୍ଡଳୀରେ ବିଜେଡିକୁ ▶▶ପୃଷ୍ଠା ୭

## ଆଳୁ ଦର ଖସୁ ଖସୁ ତୋଡ଼ ଦେଖାଇଲାଣି ପିଆଜ: ଅମୂଲ ମୂଲ ରସୁଣ ସପ୍ତାହକରେ ୨ଶହ ବଢ଼ିଲାଣି



ଭୁବନେଶ୍ୱର, ୪/୯ (ନି.ପ୍ର): ଆଳୁ ଦର ଖସୁ ଖସୁ ବଢିଗଲା ପିଆଜ । ଅମୂଲ ମୂଲ ରସୁଣ । ଆମିଷ ହେଉ କି ସାଦା, ପିଆଜ-ରସୁଣ ନଥିଲେ ସୁଆଦ ପାଣିଚିଆ। ହେଲେ ବଜାରରେ ଦର ଯାହା ହାତ ମାରି ହେଉନି ରସୁଣ ଦେହରେ। କ୍ୱାଲିଟି ନଥିଲେ ବି ମହଙ୍ଗା ଦର। ସପ୍ତାହେ ତଳେ ଯେଉଁ ରସୁଣ ୧୬୦ରେ ବିକ୍ରି ହେଉଥିଲା ଏବେ ୩୬୦। ୭ ଦିନରେ ୨ଶହ ଟଙ୍କା ବଢିଲାଣି। ବଡ ସାଇଜ୍‌ର ରସୁଣ ତ ଚାରିଶହ ପାର। ଖାଉଟି ଅଢେଇଶହରୁ ଶହେ ଗ୍ରାମକୁ ଖସିଥିଲେ ବି ଶହେ ଟଙ୍କା ଦେବା ବେଳେ ମୁହଁ ଆମ୍ବିଳ, ନାକ ଟେକୁଛନ୍ତି। ସେପଟେ ଆଳୁ ଦର ସୁଧୁରିଲା ବେଳେ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି ପିଆଜ। କେଉଁଠି ୫୦ ତ କେଉଁଠି ୫୫। ସପ୍ତାହ ଭିତରେ ୧୫ ଟଙ୍କା ବଢିଲାଣି। ବ୍ୟବସାୟୀ ତ କହିଲେଣି ଆଗକୁ ଆହୁରି ମହଙ୍ଗା ହେବ। ବାଧୁଥିଲେ ବି ଗ୍ରାହକ ପାଖରେ ଉପାୟ ନାହିଁ। ଅଦା-ରସୁଣ ପେଷ୍ଟରେ କାମ ଚଳିଯିବ ହେଲେ ବିନା ପିଆଜରେ କଣ ରୋଷେଇ ସମ୍ଭବ। ସାଧାରଣତଃ, ଗୁଜରାଟ ଓ ୟୁପିରୁ ଓଡ଼ିଶାକୁ ରସୁଣ ଆସିଥାଏ। ହେଲେ ପ୍ରବଳ ବର୍ଷା ଯୋଗୁଁ ଆମଦାନୀ ବହୁତ କମିଛି। ଜାନୁଆରୀରେ ନୂଆ ଫସଲ ବାହାରିବା ଯାଏଁ ଦର କମିବା ସମ୍ଭାବନା କମ୍। ପିଆଜ ଅବସ୍ଥା ବି ସମାନ। ବର୍ଷା ଯୋଗୁଁ ମହାରାଷ୍ଟ୍ର ନାସିକରେ ନଷ୍ଟ ହୋଇଯାଇଛି ଫସଲ। ଆନ୍ଧ୍ରରୁ ଆସୁଥିବା ପିଆଜରେ ଅବଶ୍ୟକତା ମେଣ୍ଟୁଥିବା ବେଳେ ସେଠାରେ ବି ଏବେ ବନ୍ୟା ସ୍ଥିତି। ତେଣୁ ଆଗକୁ ପିଆଜ ବେଶ୍ କନ୍ଦାଇବା ନିଶ୍ଚିତ। ତେବେ ଖାଉଟିଙ୍କୁ ରସୁଣ ଓ ପିଆଜ ଦରରୁ କେବେ ମୁକ୍ତି ମିଳୁଛି, ତାକୁ ଅପେକ୍ଷା।


## ସୋମବାର ସ୍କୁଲ ଛୁଟି

ଭୁବନେଶ୍ୱର, ୪/୯ (ନି.ପ୍ର): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ଅବସରରେ ଆସନ୍ତା ସୋମବାର (ସେପ୍ଟେମ୍ବର ୯ ତାରିଖ) ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରିବାକୁ ଆଜି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହା ପୂର୍ବରୁ ଗତ ଅଗଷ୍ଟ ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେପ୍ଟେମ୍ବର ୯ ତାରିଖକୁ ଛୁଟି ଘୋଷଣା କରିଥିଲେ। ଚଳିତ ବର୍ଷ ସେପ୍ଟେମ୍ବର ୮ ତାରିଖରେ ନୂଆଁଖାଇ ପଡୁଛି। ତେବେ ସେହିଦିନ ରବିବାର। ରବିବାର ଛୁଟି ଦିବସ ହୋଇଥିବାରୁ ୯ ତାରିଖକୁ ଅର୍ଥାତ୍ ଆସନ୍ତା ସୋମବାରକୁ ମୁଖ୍ୟମନ୍ତ୍ରୀ ଛୁଟି ଘୋଷଣା କରିଛନ୍ତି।

## ନଭେମ୍ବର ୧୫ରୁ କଟକର ବିଶ୍ୱ ପ୍ରସିଦ୍ଧ ବାଲିଯାତ୍ରା

କଟକ, ୪/୯ (ନି.ପ୍ର): ଆସନ୍ତା ନଭେମ୍ବର ୧୫ ତାରିଖରୁ କଟକର ବିଶ୍ୱ ପ୍ରସିଦ୍ଧ ବାଲିଯାତ୍ରା ଆରମ୍ଭ ହେବ। ତେବେ ଚଳିତ ବର୍ଷ କେତେ ଦିନ ପାଇଁ ବାଲିଯାତ୍ରା ହେବ, ତାହା ପରବର୍ତ୍ତୀ ରାଜ୍ୟସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ସୂଚନା ଦେଇଛନ୍ତି। ଜିଲ୍ଲାପାଳ କହିଛନ୍ତି, ବାଲିଯାତ୍ରାକୁ ଆସୁଥିବା ସମସ୍ତ ବ୍ୟବସାୟୀଙ୍କୁ ସୁଚାରୁ ରୂପେ ଷ୍ଟଲ ଆବଣ୍ଟନ ପାଇଁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ସହ ସମ୍ପୂର୍ଣ ବାଲିଯାତ୍ରାକୁ ଇଣ୍ଟିଗ୍ରେଟେଡ୍ କରାଯିବ। ପାର୍କିଙ୍ଗ ସମସ୍ୟା ଦୂର କରିବା ପାଇଁ ଅଧିକ ଜାଗା ଚିହ୍ନଟ କରାଯିବ ଏବଂ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ଉପରେ ଅଧିକ ଗୁରୁତ୍ୱ ଦିଆଯିବ।

## ସେପ୍ଟେମ୍ବର ସୁଦ୍ଧା ହିତାଧିକାରୀଙ୍କୁ ଦିଆଯିବ ନୂଆ ରାସନ କାର୍ଡ


Government of Odisha/ଓଡ଼ିଶା ସରକାର
Ration Card /ରେସନ କାର୍ଡ
Ration Card No/ ରେସନ କାର୍ଡ ନଂ :
Ration Card Type/ ରେସନ କାର୍ଡର ପ୍ରକାର : ଅଗ୍ରାଧିକାର ପରିବାର /PHH
Head of Household/ ପରିବାରର ମୁଖ୍ୟ :
Mobile No/ମୋବାଇଲ ନଂ :
NRP Family ID :
Present Address/ବର୍ତ୍ତମାନ ଠିକଣା
House No : GP :
Village/Locality : Block :
District :
FRP Code and Name :
-PEO,
Electricity Connection Status/ବିଦ୍ୟୁତ ସଂଯୋଗ : No
Distribution Company : Consumer Number :
Division :
Gas Connection Status/ଗ୍ୟାସ ସଂଯୋଗ : No
Consumer Number : Agency :
Old Ration Card No :
Ration Per Month :
Total Family Members/ପରିବାରର ସଦସ୍ୟ ସଂଖ୍ୟା :
Date of issue of card
02/10/2015
ADM, BOLANGIR

ଭୁବନେଶ୍ୱର, ୪/୯ (ନି.ପ୍ର): ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ନୂଆ ରାସନ କାର୍ଡ ଦେବେ ରାଜ୍ୟ ସରକାର। ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ୧୦ ଲକ୍ଷରୁ ଅଧିକ ଲୋକ ନୂଆ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି। ଅଗଷ୍ଟ ୨୨ ତାରିଖ ଠାରୁ ଇ-କେୱାଇସି ପ୍ରକ୍ରିୟାରେ ଜାଲ କାର୍ଡ ଧରିବା ପାଇଁ କାମ ଆରମ୍ଭ ହୋଇଛି। ଏହା ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଚାଲିବ। ସେପଟେ ଏବେ ଯାଏଁ ପାଖାପାଖି ୪୪ ଲକ୍ଷ ୩୩ ହାଜର କାର୍ଡ ଯାଞ୍ଚ ସାରିଛି । ଯେଉଁଥିରେ ଅନେକ ଜାଲ କାର୍ଡ ଧରା ପଡ଼ିଛି । ଏବେ ଯାଏଁ ୨୦ରୁ ୨୫ ପ୍ରତିଶତ ଜାଲ କାର୍ଡ ଧରା ପଡ଼ିଲାଣି। ଏଥିରେ ଆଉ କିଛି ସମୟ ଲାଗିବ। ସବୁ କାର୍ଡ ଯାଞ୍ଚ ହୋଇ ଜାଲ କାର୍ଡ ଧରିବା ପରେ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ନୂଆ କାର୍ଡ ଦେବେ ରାଜ୍ୟ ସରକାର ବୋଲି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ ।

## ଚଳିତ ମାସରୁ ଜିଲ୍ଲା ଗସ୍ତରେ ଯିବେ ସଚିବ: ପ୍ରତି ମାସରେ ବଦଳିବ ଆବଣ୍ଟିତ ଜିଲ୍ଲା



ଭୁବନେଶ୍ୱର, ୪/୯ (ନି.ପ୍ର): ଦୀର୍ଘ ପ୍ରାୟ ଦୁଇବର୍ଷ ପରେ ସଚିବମାନେ ପୁଣିଥରେ ଚଳିତ ମାସରୁ ଜିଲ୍ଲା ଗସ୍ତରେ ଯିବେ । ସେମାନଙ୍କୁ ଆଜି ଜିଲ୍ଲା ଆବଂଟିତ ହୋଇଛି । ପ୍ରତିମାସରେ 'ସଚିବମାନଙ୍କୁ ଆବଂଟିତ ଜିଲ୍ଲା' ବଦଳିବ । ବିଜେଡି ସରକାରରେ 'ଭିକେ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ' ପାଇଁ ସଚିବମାନଙ୍କ ଜିଲ୍ଲା ଗସ୍ତ ଉପରେ ଅଘୋଷିତ କଟକଣା ଜାରି ହୋଇଥିଲା । ତେବେ ରାଜ୍ୟରେ ବିଜେପି ସରକାର ଆସିବା ପରେ ଗତ ଅଗଷ୍ଟ ୨୪ତାରିଖରେ 'ପୁଣି ଜିଲ୍ଲା ଗସ୍ତରେ ଯିବେ ସଚିବ' ଶୀର୍ଷକ ଏକ ତଥ୍ୟଭିତ୍ତିକ ଖବର 'ଓଡ଼ିଶା ରିପୋର୍ଟର' ପ୍ରକାଶ କରିଥିଲା । ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ ଆଜି ସମସ୍ତ ବିଭାଗର ସଚିବ ଓ ଅନ୍ୟ ୮ଜଣ ନିର୍ଦ୍ଦେଶକ ପାହ୍ୟାର ଅଫିସରଙ୍କୁ ଚିଠି ଲେଖି ଜିଲ୍ଲା ଗସ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କୁ ଆବଂଟିତ ଜିଲ୍ଲାକୁ ପରିଦର୍ଶନ କରିବା ପାଇଁ ୨-୩ଦିନର ଯୋଜନା ପ୍ରସ୍ତୁତ କରିବା ସହ ଅନ୍ୟ ୧୧ଟି ଦିଗ ଉପରେ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଛି । ଏହି ଆଇଏଏସ୍ ଅଫିସରମାନଙ୍କୁ ଆବଂଟିତ ଜିଲ୍ଲାର ଯେକୌଣସି ସ୍ଥାନକୁ ନିଜ ଇଚ୍ଛା ଅନୁସାରେ ପରିଦର୍ଶନରେ ଯାଇପାରିବେ । ତେବେ ଏଥିରେ ଅପହଂଚ ଓ ଆଦିବାସୀ ବହୁଳ ଅଂଚଳକୁ ସାମିଲ କରିବାକୁ କୁହାଯାଇଛି । ଗସ୍ତ ସମୟରେ ସେମାନେ ଯେକୌଣସି ଗୋଟିଏ ପଂଚାୟତକୁ ପରିଦର୍ଶନ କରି ସେଠାରେ ସରକାରଙ୍କ ବିଭିନ୍ନ ଯୋଜନାରେ ମୌଳିକ ସୁବିଧାଗୁଡ଼ିକ କିଭଳି ଉପଲବ୍ଧ ହେଉଛି ତାହା ▶▶ପୃଷ୍ଠା ୭

## ବିଧାନସଭାରେ ବିଲ୍ ପାରିତ: ଦଳବଦଳ କରିଥିବା ବିଧାୟକଙ୍କୁ ମିଳିବନି ଭତ୍ତା



ନୂଆଦିଲ୍ଲୀ, ୪/୯ : ହିମାଚଳ ପ୍ରଦେଶର କଂଗ୍ରେସ ସରକାର ବିଧାନସଭାରେ ଏକ ନୂତନ ବିଲ୍ ପାରିତ କରିଛନ୍ତି। ଏହି ବିଲ୍ ବିଧାୟକମାନଙ୍କୁ ମିଳୁଥିବା ଭତ୍ତା ଉପରେ ଉଦ୍ଦିଷ୍ଟ। ନୂଆ ବିଲ୍ ଅନୁସାରେ, ଯଦି କୌଣସି ବିଧାୟକ ରାଜନୈତିକ କ୍ୟାରିଅରରେ ଦଳବଦଳ କରିଥାନ୍ତି, ତେବେ ତାଙ୍କୁ ଭତ୍ତା ବା ପେନସନ୍ ମିଳିବ ନାହିଁ। ଆଜି ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ହିମାଚଳ ପ୍ରଦେଶ ବିଧାନସଭା (ସଦସ୍ୟଙ୍କ ଭତ୍ତା) ସଂଶୋଧନ ବିଲ୍ ୨୦୨୪ ବିଲ୍ ଆଗତ କରିଥିଲେ। ବିରୋଧୀ ଦଳ ସଦସ୍ୟଙ୍କ ବିରୋଧ ସତ୍ତ୍ୱେ ବିଲ୍ ପାରିତ ହୋଇଛି। ଏହାପରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ବିଲ୍ ଆଇନରେ ପରିଣତ ହେବା ପରେ କାର୍ଯ୍ୟକାରୀ ହେବ। ଏହି ବିଲକୁ ବିରୋଧି ଦଳ ବିଧାୟକମାନେ ପ୍ରବଳ ବିରୋଧ କରିଥିଲେ। ଏପରି ଅଣାଯିବା ଦ୍ୱାରା ବିଧାୟକଙ୍କ ଅଧିକାର ଉଲ୍ଲଂଘନ ହେବ ବୋଲି ବିରୋଧୀ ଦଳ ଅଭିଯୋଗ କରିଥିଲେ। କିନ୍ତୁ ଶାସକ କଂଗ୍ରେସ କହିଛି, ରାଜନୀତିରେ ଦୁର୍ନୀତି ହ୍ରାସ କରିବାରେ ଏହି ଆଇନ ସହାୟକ ହେବ।

## ହରିୟାଣା ନିର୍ବାଚନ: ଆସିଲା ବିଜେପିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା, ବାଦ୍ ପଡ଼ିଲେ ୯ ବିଧାୟକ



ନୂଆଦିଲ୍ଲୀ, ୪/୯ : ଆସନ୍ତା ଅକ୍ଟୋବର ୫ ତାରିଖରେ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ଆଜି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି ବିଜେପି। ହରିୟାଣାରେ ୯୦ଟି ବିଧାନସଭା ଆସନ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୬୭ଟି ପାଇଁ ପ୍ରାର୍ଥୀ ଘୋଷଣା କରିଛି ଦଳ। ଏହି ତାଲିକାରେ ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କ ନାଁ ଅଛି। ସେ ଲାଡୱା ଆସନରୁ ଲଢ଼ିବେ। ଚଳିତ ବର୍ଷ ମାର୍ଚ୍ଚ ମାସରେ ସୈନି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ମନୋହର ଲାଲ ଖଟ୍ଟରଙ୍କ ସ୍ଥାନରେ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଚୌକିରେ ବସିବା ପୂର୍ବରୁ ସେ କୁରୁକ୍ଷେତ୍ରରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ହେବା ପରେ ସେ ଗତ ଜୁନ୍ ମାସରେ କର୍ନାଲ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ଅନୀଲ ବିଜଙ୍କୁ ଦଳ ଟିକେଟ ଦେଇଛି। ସେ ପୁଣି ଅମ୍ବାଲା କ୍ୟାଣ୍ଟନମେଣ୍ଟ ଆସନରୁ ଲଢ଼ିବେ। ସେ ୨୦୦୯ରୁ ଏହି ଆସନରୁ ବିଜୟୀ ହୋଇଆସୁଛନ୍ତି। ଅନ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରେ ଅଛନ୍ତି ଅମ୍ବାଲା ମେୟର ଓ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିନୋଦ ଶର୍ମାଙ୍କ ପତ୍ନୀ ଶକ୍ତିରାଣୀ ଶର୍ମା। ଦଳ ତାଙ୍କୁ କାଲକା ▶▶ପୃଷ୍ଠା ୭

# ତସ୍ମୈ ଶ୍ରୀ ଗୁରବେ ନମଃ

୨

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ଗୁରୁବାର, ୦୫ ସେପ୍ଟେମ୍ବର, ୨୦୨୪

## ସାମ୍ପ୍ରତିକ ସମୟରେ ଗୁରୁ ଶିଷ୍ୟ ସମ୍ପର୍କ



ରାଜସ୍ମିତା ବାରିକ



ଶ୍ରୀମଦ ଭାଗବତରେ ଅଛି -
ଗୁରୁଙ୍କୁ ନ ମଣିବ ନର
ଗୁରୁ ହିଁ ସାକ୍ଷାତ୍ ଈଶ୍ୱର

ଭାଗବତରେ ଗୁରୁଙ୍କୁ ସକ୍ଷାତ ଈଶ୍ୱରଙ୍କ ସହିତ ତୁଳନା କରାଯାଇଛି । ଗୁରୁ ସାଧାରଣ ମନୁଷ୍ୟ ନୁହଁନ୍ତି । ମୂର୍ତ୍ତି କାରିଗର ଯେପରି କଞ୍ଚା ମାଟିକୁ ଗୋଟେ ସୁନ୍ଦର ମୂର୍ତ୍ତିରେ ତିଆରି କରେ ଗୁରୁ ସେହିପରି ସମାଜ ରେ ଗୋଟିଏ ଶିଷ୍ୟକୁ ସୁନ୍ଦର କରି ଗଢି ତୋଳି ଦେଇଥାନ୍ତି । ସମାଜ ରେ ଗୋଟିଏ ଶିଷ୍ୟକୁ ଭଲ ମଣିଷ କରି ତିଆରି କରିବାରେ ଗୁରୁଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ପ୍ରତ୍ୟେକ କାର୍ଯ୍ୟରେ ଜଣେ ଗୁରୁଙ୍କର ଆବଶ୍ୟକତା ରହିଛି । କେବଳ ଯିଏ ଆମକୁ ବିଦ୍ୟା ଦାନ କରେ ସେ ଯେ ଗୁରୁ ତାହା ନୁହଁ। ଆମେ ଯାହାଠାରୁ କିଛି ଜ୍ଞାନ ଆହରଣ କରୁ ସେ ଆମ ଗୁରୁ ହୋଇଥାଏ । ଏକ କୋଷି ପ୍ରାଣୀ ଏମିବାଠାରୁ ଆରମ୍ଭ କରି ବୃହତକାୟ ତିମି ପର୍ଯ୍ୟନ୍ତ ସମସ୍ତଙ୍କଠାରୁ ଶିଖିବାର ଆବଶ୍ୟକତା ରହିଛି। ଭଗବାନଙ୍କ ସୃଷ୍ଟି ରେ କୌଣସି ଜିନିଷ ମୂଲ୍ୟ ହୀନ ନୁହଁ। ସମସ୍ତଙ୍କଠାରେ ଭାଗବାନ କିଛି ଦିବ୍ୟଗୁଣ ଦେଇ ଏ ସଂସାରକୁ ପଠେଇଛନ୍ତି। ତେଣୁ ସଂସାରରେ କୌଣସି ଜିନିଷକୁ ହେୟ ମନେ କରିବା ଉଚିତ ନୁହେଁ । ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜ୍ଞାନ ଆହରଣ କରିବା ଉଚିତ୍ । ଜୀବନକୁ ଅଜ୍ଞାନ ରୂପକ ଅନ୍ଧାରରୁ ମୁକ୍ତ କରି ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି ଗୁରୁ । ଓଡିଆ ଭାଗବତରେ ଅଛି ' ମୁହିଁ ବସଇ ଗୁରୁ ଦେହେ ମୋ ବିନୁ ଗୁରୁ ଭିନ୍ନ ନୁହେଁ ' ଅର୍ଥାତ୍ ଭଗବାନ ସର୍ବତ ବିଦ୍ୟମାନ। ମାତ୍ର ଭଗବାନ ସବୁ କରିଥାନ୍ତି ଆମେ ସାଧାରଣ ମାଧମ ହୋଇଥାଉ। ସେଇ ଭଳି ଭଗବାନ ଗୁରୁ ହୋଇ ଆମକୁ ସବୁ ଶିକ୍ଷା ଦେଇଥାଆନ୍ତି । ଆମର ପ୍ରତ୍ୟେକ ଭୁଲ କର୍ମ ପୂର୍ବରୁ ଆମକୁ କୌଣସି ନ କୌଣସି ମାଧମ ରେ ଜଣାଇଥାନ୍ତି। ଲୀଳାମୟ ଈଶ୍ୱର ସୃଷ୍ଟିକୁ ଏତେ ସୁନ୍ଦର ନିୟମରେ ତିଆରି କରିଛନ୍ତି ସେଥିରେ ତୁଳନା ନାହିଁ।

ପୁରାଣ ଯୁଗରୁ ଗୁରୁ ଶିଷ୍ୟଙ୍କ ସମ୍ପର୍କରେ ଏକ ନିବିଡତା ରହିଆସିଛି ଏବଂ ଅନେକ ଉଦାହରଣ ମଧ ରହିଛି। ଗୁରଙ୍କ ଆଦର୍ଶ ରେ ଅନୁପ୍ରାଣିତ କରିବାର ଫଳ ଓ ଗୁରୁଙ୍କ ଆଜ୍ଞାକୁ ଅବମାନନା କରିବାର ଫଳ ଶିଷ୍ୟ ମାନଙ୍କୁ କେମିତି ଭୋଗିବାକୁ ପଡ଼ିଛି ସେ ବିଷୟରେ ଅନେକ ଉଦାହରଣ ମଧ ରହିଛି । ଯେମିତି ବୀର କର୍ଣ୍ଣ ଗୁରୁଙ୍କୁ ମିଥ୍ୟା କହି ବିଦ୍ୟାଲାଭ କରିଥିଲେ ମଧ ଗୁରୁଙ୍କ ଅଭିଶାପରୁ ସବୁ ବିଦ୍ୟାରେ ପାରଙ୍ଗମ ଥାଇ ସୁଦ୍ଧା ଗୁରୁଙ୍କ ଅଭିଶାପରୁ ମହାଭାରତ ଯୁଦ୍ଧରେ ପ୍ରାଣରକ୍ଷା କରିପାରି ନଥିଲେ। ବଳୀ ରାଜା ବାମନଙ୍କୁ ତ୍ରିପାଦ ଭୂମି ଦେବାକୁ ଜଳ ତୁଳସୀ ଛୁଇଁ ତ୍ରିବାର ସତ୍ୟ କରିବା ସମୟରେ ଗୁରୁ ଶୁକ୍ରାଚାର୍ଯ୍ୟ ତାଙ୍କୁ ବାରଣ କରିଥିଲେ ମାତ୍ର ଗୁରୁଙ୍କ କଥା ଅବମାନନା କରିଥିବାରୁ ବଳି ପାତାଳକୁ ଚାଲିଗଲେ।

ପୁରାତନ କାଳରେ ଶିକ୍ଷା ବ୍ୟବସ୍ଥା ଏବଂ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ବହୁତ୍ ଭିନ୍ନତା ରହିଛି। ପୁରାତନ କାଳର ଶିକ୍ଷା ବ୍ୟବସ୍ଥା ସ୍ୱତନ୍ତ୍ର ଥିଲା। ଅରଣ୍ୟ ଆଶ୍ରମ ରେ ଶିକ୍ଷା ଦିଆଯାଉଥିଲା । ଶିଷ୍ୟମାନେ ଆଶ୍ରମରେ ମୁନି ଋଷି ମାନଙ୍କ ଚରଣ ତଳେ ବସି ଶିକ୍ଷା ଲାଭ କରୁଥିଲେ। ସେତେବେଳେ କେବଳ ପୁସ୍ତକଗତ ଶିକ୍ଷା ଦିଆଯାଉନଥିଲା । ଶିକ୍ଷା ବ୍ୟବସ୍ଥାର ତରିକା ବହୁତ ଭିନ୍ନ ଥିଲା ବର୍ତ୍ତମାନର ଶିକ୍ଷାଠାରୁ । ଶିଷ୍ୟମାନେ ପାଠ ପଢ଼ିବା ସହିତ ଆଶ୍ରମ କାମ, ବୃକ୍ଷରୋପଣ, ଗୋରୁ ଚରାଇବା, ଭିକ୍ଷା ବୃତ୍ତି କରିବା , ଧନୁଚାଳନା ଇତ୍ୟାଦି ଶିକ୍ଷା ମଧ ଦିଆଯାଉଥିଲା। ଛାତ୍ର ମାନେ ଶିକ୍ଷା କ୍ଷେତ୍ରରେ କେବଳ ପୁସ୍ତକ ମଧ ରେ ସୀମିତ ହୋଇ ରହିଯାଉନଥିଲେ । ସେହି ଶିକ୍ଷାରେ ପୁସ୍ତକ ସବୁ କିଛି ନଥିଲା । ପ୍ରକୃତ ଶିକ୍ଷା ସହିତ ଛାତ୍ର ମାନଙ୍କୁ ଯୋଡ଼ିତ କରାଯାଉଥିଲା । ଆମେ ପୁସ୍ତକରେ ଯାହା ପଢୁ ପରୀକ୍ଷାରେ ପାସ୍ କରିବା ପାଇଁ କିନ୍ତୁ ଆମ ନୀତି ଦିନିଆ ଜୀବନରେ କିଛି ଆସେନି। ଅସଲି ଜୀବନର ଶିକ୍ଷା ଆଉ କିଛି ଥାଏ । ଜୀବନ ନିର୍ବାହ କରିବାର ଶିକ୍ଷା ଏବଂ ପ୍ରତ୍ୟେକ ପରିସ୍ଥିତିକୁ ମୁକାବିଲା କରିବାର ଶିକ୍ଷା। ସେହି ଶିକ୍ଷା ଗୁରୁକୁଳ ଆଶ୍ରମରେ ଦିଆଯାଉଥିଲା ।

ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ପୁସ୍ତକକୈନ୍ଦ୍ରିକ ହୋଇଯାଉଛି । ଛାତ୍ର ମାନେ କେବଳ ପୁସ୍ତକ ମଧ୍ୟରେ ସୀମିତ ହୋଇଯାଉଛନ୍ତି । ବର୍ତ୍ତମାନର ଶିକ୍ଷା କେବଳ ପରୀକ୍ଷା ପର୍ଯ୍ୟନ୍ତ ଦରକାର ହେଉଛି। ଜୀବନରେ ପ୍ରକୃତ ଶିକ୍ଷା ନିକଟରେ ଆମେ ପହଞ୍ଚି ପାରୁନୁ। ଯେଉଁ ଶିକ୍ଷା ଆମକୁ ସମାଜରେ ପ୍ରତିଷ୍ଠିତ କରାଇବ । ଜୀବନର ଗୂଢ ବିଷୟଗୁଡିକ ଜାଣି ପାରୁନୁ। ଆଧୁନିକ ଯୁଗରେ ଶିକ୍ଷା ବ୍ୟବସ୍ଥାରେ ଚାକଚକ୍ୟର ପରିବେଶରେ ଶିକ୍ଷା ଦିଆଯାଉଛି । କିନ୍ତୁ ଶିକ୍ଷାରେ କୌଣସି ଚାକଚକ୍ୟ ନାହିଁ । ଶିକ୍ଷା ବ୍ୟବସ୍ଥା କଳୁଷିତ ହେବାରେ ଲାଗିଛି। ବର୍ତ୍ତମାନ ସମୟରେ ଗୁରୁ ଶିଷ୍ୟ ସମ୍ପର୍କ ରେ ସେତିକି ପବିତ୍ରତା ରହୁନି । ଗୁରୁ ଜଣେ ଛାତ୍ରର ପଥ ପ୍ରଦର୍ଶକ ଅଟନ୍ତି କିନ୍ତୁ ଶିଷ୍ୟ ମାନଙ୍କର ଗୁରୁଙ୍କ ପ୍ରତି ଉପଯୁକ୍ତ ସମ୍ମାନ ରହୁନି।

ଗୁରୁ ଆଉ ଶିଷ୍ୟଙ୍କ ସମ୍ପର୍କରେ ସମନ୍ୱୟ ରହିବାର ଆବଶ୍ୟକତା ରହିଛି । ଗୁରୁ ସଦା ସର୍ବଦା ଶିଷ୍ୟର ପଥ ପଦର୍ଶକ ହେବା ସହିତ ସ୍ନେହ ଶ୍ରଦ୍ଧାରେ ଶିକ୍ଷା ଦେବାର ଆବଶ୍ୟକତା ରହିଛି। ଶିଷ୍ୟଟି ସେହିପରି ଗୁରୁଙ୍କୁ ଭକ୍ତି କରି ପ୍ରତ୍ୟେକ ଶିକ୍ଷା କୁ ଗ୍ରହଣ କରି ଜୀବନ ପଥରେ ଆଗେଇ ଯିବା ଉଚିତ୍। ଗୁରୁ ଓ ଈଶ୍ୱର ମଧ୍ୟରେ କୌଣସି ପାର୍ଥକ୍ୟ ଭାବ ନ ଆଣି ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସମନ୍ୱୟ ଜ୍ଞାନ କରିବା ଉଚିତ୍। କାରଣ ବ୍ରହ୍ମା ସୃଷ୍ଟି କର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଏବଂ ମହେଶ୍ୱର ସଂହାର କର୍ତ୍ତା ବୋଲି ବିଶ୍ୱାସ କରାଯାଏ। ଠିକ୍ ସେହିପରି ଗୁରୁଙ୍କର ଶିକ୍ଷା ଶିଷ୍ୟ ମାନଙ୍କ ମଧ୍ୟରେ ଥିବା କୁସଂସ୍କାରକୁ ଦୂର କରିବା ସହିତ ବିଭିନ୍ନ ନକାରାତ୍ମକ ଚିନ୍ତାଠାରୁ ଦୂର କରି ଅଲୌକିକ ଦିବ୍ୟ ଶକ୍ତି ପ୍ରଦାନ କରିଥାଏ।

+ନୀଳଗିରି

## ଗୁରୁ ଗୌରବ : ଡ଼. ସର୍ବପଲ୍ଲୀ ରାଧାକ୍ରିଷ୍ଣନ

ବିପିନ ବିହାରୀ ମହାନ୍ତି




ଭାରତୀୟ ପରମ୍ପରାରେ ଗୁରୁପୂଜା କେଉଁ ପୁରାତନ ଯୁଗରୁ ଚଳି ଆସୁଅଛି । ତେବେ ବ୍ୟକ୍ତି ବିଶେଷଙ୍କୁନେଇ ଏବଂ ତାଙ୍କ ଜନ୍ମତିଥିକୁ ଧରି ଗୁରୁଦିବସ କେବଳ ଦୁଇଜଣଙ୍କପାଇଁ ପାଳନ କରାଯାଏ। ପ୍ରଥମଟି ଦିବସଟି ହେଲା ମହର୍ଷି ବ୍ୟାସଦେବଙ୍କପାଇଁ ତାଙ୍କ ଜନ୍ମ ତିଥି ଆଷାଢ଼ ପୂର୍ଣ୍ଣିମା ବା ଗୁରୁ ପୂର୍ଣ୍ଣିମା ଏବଂ ଦ୍ୱିତୀୟଟି ହେଲା ସେପ୍ଟେମ୍ବର ୫ ତାରିଖ ଯାହାକି ଆମର ପୂର୍ବତନ ରାଷ୍ଟ୍ରପତି, ମହାନ ଦାର୍ଶନିକ ଏବଂ ପ୍ରଣମ୍ୟ ଗୁରୁଙ୍କର ଜନ୍ମ ତିଥି। ପ୍ରଥମ ଗୁରୁ ଦିବସଟି ଅତି ପୁରାତନ ଯୁଗରୁ ପ୍ରଚଳିତ ଥିଲାବେଳେ, ଦ୍ୱିତୀୟଟି ୧୯୬୨ ମସିହା ସେପ୍ଟେମ୍ବର ୫ ତାରଖରୁ ପାଳିତ ହୋଇଆସୁଅଛି।

ଡ଼. ସର୍ବପଲ୍ଲୀ ରାଧା କ୍ରିଷ୍ଣନ ସେପ୍ଟେମ୍ବର ୫, ୧୮୮୮ ମସିହାରେ ମାଡ୍ରାସ ସହର ନିକଟବର୍ତ୍ତୀ ତୀରୁତାନୀଠାରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଶୈଶବରୁ ତାଙ୍କ ବାପା ଚାହିଁଥିଲେ ଯେ, ସେ ଇଂରାଜି ନ ପଢୁ ଏବଂ ତା' ପରିବର୍ତ୍ତେ ପୁରୋହିତୀ କାମ କରୁ। କିନ୍ତୁ ପଢ଼ାରେ ତାଙ୍କ ବିଚକ୍ଷଣତା ତାଙ୍କୁ ତିରୁପତୀ ବିଦ୍ୟାଳୟ ଏବଂ ପରେ ଭେଲୋର ରେ ପଢ଼େଇବାକୁ ବାଧ କଲା। ତାପରେ ସେ ମାଡ୍ରାସର ଖ୍ରୀଷ୍ଟିଆନ କଲେଜରେ ଦର୍ଶନ ଶାସ୍ତ୍ର ଅଧୟନ କଲେ ଏବଂ ସେହି ଶାସ୍ତ୍ରରେ ସେ ଅଗାଧ ଜ୍ଞାନ ଆହାରଣ କଲେ। ଏହାପରେ ସେ ଇଂଲଣ୍ଡ ଯାଇ ଶିକ୍ଷା ଗ୍ରହଣ କରିଥିଲେ।

ଦର୍ଶନ ଶାସ୍ତ୍ରରେ ଅଧ୍ୟୟନ କଲାବେଳେ ସେ ତାଙ୍କ ସ୍ନାତକୋତ୍ତର ପରୀକ୍ଷା ନିମନ୍ତେ "ବେଦାନ୍ତର ନୈତିକ ନିୟମାବଳୀ ଏବଂ ଏହାର ବସ୍ତୁବାଦୀ ପୂର୍ବକଳ୍ପନା (The Ethics of Bedant & Its Material Pre supposition)" ନାମକ ଗବେଷଣା ମୂଳକ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଏହିଟି ମାଡ୍ରାସ ବିଶ୍ୱବିଦ୍ୟାଳୟ ଦ୍ୱାରା ୧୯୦୮ରେ ପ୍ରକାଶିତ ହେଲା। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଏହି ପ୍ରକାଶନଟି ତାଙ୍କର ସୁନାମ ଆଣିବା ସହିତ ଜଣେ ଉଚ୍ଚ କୋଟିର ଦାର୍ଶନିକ ବୋଲି ପ୍ରମାଣିତ କରାଇଦେଲା। ଦର୍ଶନ ଉପରେ ତାଙ୍କର ପରବର୍ତ୍ତୀ କାର୍ଯ୍ୟମାନ ଐତିହାସିକ ଚମକପ୍ରଦ ପରିବର୍ତ୍ତନ ଏବଂ ପ୍ରଭାବମାନ ସୃଷ୍ଟିକଲା।

ତାଙ୍କ ମତରେ ଦର୍ଶନ ହିଁ ଜୀବନକୁ ବୁଝିବାର ବିଦ୍ୟା। ସେଥିପାଇଁ ସେ ଭାରତୀୟ ଦର୍ଶନକୁ ଗଭୀର ଭାବରେ ଅଧ୍ୟୟନ କରିଥିଲେ। ଖାଲି ସେତିକି ନୁହେଁ, ଏହାକୁ ପାଶ୍ଚାତ୍ୟ ଦର୍ଶନ ସହିତ ତୁଳନାତ୍ମକ ବିଚାର କରାଇ ଭାରତୀୟ ଦର୍ଶନର ଶ୍ରେଷ୍ଠତ୍ୱ ପ୍ରତିପାଦନ କରାଇଥିଲେ। ଡ. ରାଧାକ୍ରିଷ୍ଣନ ତାଙ୍କର ଏ ଦର୍ଶନ ବିଦ୍ୟା କେବଳ ତାଙ୍କର ଶିକ୍ଷା ବା ବୃତ୍ତିଗତ ସୀମା ସରହଦ ଭିତରେ ସୀମୀତ ନରଖି ଏହାକୁ ତାଙ୍କ ସମୟର ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ପ୍ରୟୋଗ କରିଥିଲେ। ତାଙ୍କ ବିଶ୍ୱାସରେ ଭାରତୀୟମାନେ ତାଙ୍କ ଅତୀତ ସହିତ ସଂପର୍କ ନରଖି କେବେହେଲେ ଭବିଷ୍ୟତକୁ ହସ୍ତପ୍ରସାରଣ କରିପାରିବେନାହିଁ। ତେଣୁ ଅତିତ ହିଁ ଆମ ମୂଳ। ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଜଣେ ଅସାଧାରଣ ବିଜ୍ଞ ଏବଂ ଦକ୍ଷତା ସଂପନ୍ନ ବ୍ୟକ୍ତିତ୍ୱର ପରିଚୟ ପ୍ରଥମରୁ ଦେଇ ଆସିଛନ୍ତି। ସେ ଜଣେ ଅତ୍ୟନ୍ତ ଦୟାଦ୍ର ଓ ମାନବବାଦୀ ବ୍ୟକ୍ତିତ୍ୱ। ସେ ତାଙ୍କ ଛାତ୍ରମାନଙ୍କ ନିକଟରେ ମାଡ୍ରାସ କଲେଜରେ ଅଧ୍ୟାପକ ଥିଲାବେଳୁ ଅତି ପ୍ରିୟ ଥିଲେ। ୩୦ ବର୍ଷ ବୟସ ହେବା ପୂର୍ବରୁ ତାଙ୍କୁ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନାପାଇଁ ସୁଯୋଗ ଦିଆଯାଇଥିଲା। ସେ ୧୯୩୧ରୁ ୧୯୩୬ ଯାଏ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୂଳପତିଥିଲେ। ପରେ ୧୯୩୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୂଳପତିରୂପେ ନିଯୁକ୍ତି ପାଇଲେ। ଏହାର ଠିକ ଦୁଇ ବର୍ଷପରେ ଅର୍ଥାତ୍ ୧୯୪୧ରେ "ସାର ସାୟଜି ରାଓ ଭାରତୀୟ ସଂସ୍କୃତି ଓ ସଭ୍ୟତା", ବନାରସର ସେ ଗାଦି ସମ୍ଭାଳିଲେ। ୧୯୩୬ ମସିହାରୁ ୧୯୫୨ ମସିହା ଯାଏ ସେ ପ୍ରଫେସର ହିସାବରେ "ଇଷ୍ଟର୍ଣ୍ଣ ରିଜିୟନାଲ ଏଣ୍ଡ ଇଥିକ୍ସ, ଅକ୍ସଫୋର୍ଡ଼ରେ" ଅଧ୍ୟାପକ ହିସାବରେ ଯୋଗ ଦେଇଥିଲେ। ତାଙ୍କ ବିଦ୍ୟା ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟଥିଲା। ଯାହାକି ତାଙ୍କୁ ସୁଯୋଗ୍ୟ ଶିକ୍ଷକ ହିସାବରେ ପ୍ରତିଷ୍ଠିତ କରାଇଥିଲା। ତାଙ୍କର ପାଣ୍ଡିତ୍ୟ ତଥା ଛାତ୍ର ଏବଂ ସର୍ବ ସାଧାରଣଙ୍କ ପ୍ରତି ଆଦରଣୀୟ ଏବଂ ଆକର୍ଷଣୀୟ ବ୍ୟକ୍ତିତ୍ୱ କ୍ରମଶଃ ସର୍ବ ସାଧାରଣରେ ତାଙ୍କୁ ଲୋକପ୍ରିୟ କରାଇଥିଲା। ଉଭୟ ଦେଶ ଓ ଦେଶ ବାହାରେ ତାଙ୍କ ସମୟରେ ସେ ଥିଲେ ଜଣେ ସମ୍ମାନିତ ବ୍ୟକ୍ତିତ୍ୱ। ସେ ଆନ୍ତର୍ଜାତିକ ସ୍ତରରେ ଜଣେ ଉଚ୍ଚ କୋଟିର ଦାର୍ଶନିକ ବୋଲି ପରିଚିତ ପାଇଥିଲେ। ୧୯୫୨' ମସିହାରେ, "ଦ ଲିବର୍ଟି ଅଫ ଲିଭିଙ୍ଗ ଫିଲୋସର୍ଫ୍ସ" ଯାହାକି ଏକ ବିଶ୍ୱପ୍ରସିଦ୍ଧ ଅନୁଷ୍ଠାନ ତାଙ୍କ ଉପରେ ଏକ ବିରାଟ କାୟ ପୁସ୍ତକ, "ଦି ଫିଲୋସଫି ଅଫ ସର୍ବପଲ୍ଲୀ ରାଧାକ୍ରିଷ୍ଣନ" ପ୍ରକାଶିତ କରିଥିଲେ। ଏହାଥିଲା ତାଙ୍କର ଦର୍ଶନ ଭିତିକ ତତ୍ୱ ସମ୍ବଳିତ ପୁସ୍ତକ।



ସ୍ୱାଧୀନତାପରେ ତାଙ୍କର ଏହି ଦର୍ଶନ ବିଦ୍ୟାର ପାରଙ୍ଗମତା ତାଙ୍କୁ ଭାରତର ରାଷ୍ଟ୍ରଦୂତ ହିସାବରେ ସୋଭିଏତ ୟୁନିୟନରେ ସୁଯୋଗ ଦେଇଥିଲା ଯେଉଁଥିରେ ସେ ନିଜ ପରାକାଷ୍ଠା ଦେଖାଇବା ସହିତ ଜଣେ ଆନ୍ତର୍ଜାତିକ ଛବି ପାଲଟି ଯାଇଥିଲେ।

୧୯୫୨ ମସିହାରେ ଡ଼. ରାଧାକ୍ରିଷ୍ଣନ ଭାରତର ଉପରାଷ୍ଟ୍ରପତିପଦ ମଣ୍ଡନ କରିଥିଲେ ଏବଂ ୧୯୬୨ରେ, ୫ବର୍ଷ ପାଇଁ ଭାରତର ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ସିଂହାସନ ଅଳଙ୍କୃତ କରିଥିଲେ। ଏହା ଏକ ଆଶ୍ଚର୍ଯ୍ୟ କଥା ଯେ ସେ ଜଣେ ଶିକ୍ଷାବିତ୍ ବିଶେଷକରି ଦର୍ଶନ ବିଦ୍ୟାର ଶିକ୍ଷକଥିଲେ ଏବଂ ରାଜନୀତି କରୁନଥିଲେ। ଅଥଚ ସେ ରାଜନୀତିର ସର୍ବୋଚ୍ଚ ଆସନ ମଣ୍ଡନ କଲେ। ଏହାଥିଲା ବିଶ୍ୱପାଇଁ ଏକ ଦୃଷ୍ଟାନ୍ତ। ଏ ନେଇ ବର୍ଣ୍ଣାଡ଼ ରୁଷେଲ୍ କହିଛନ୍ତି, "It is an honour to philosophy that Dr. Radhakrishnan should be President of India and I, as a philosopher, take special pleasure in this. Plato aspired for philosophers to become kings and it is a tribute to India that she should make a philosopher her president." ଅର୍ଥାତ୍ ଭାରତର ଜଣେ ଦର୍ଶନ ଶିକ୍ଷକ ଏହାର ରାଷ୍ଟ୍ରପତି ହେଲେ ଯାହାକି ମୋ' ପରି ଜଣେ ଦାର୍ଶନିକକୁ ଅତି ଆନନ୍ଦ ଦିଏ। ଏକଦା ପ୍ଲାଟୋ ଆଶା କରିଥିଲେ ଯେ ଦାର୍ଶନିକମାନେ ରାଜା ହୁଅନ୍ତୁ ଏବଂ ଏହା ଭାରତପାଇଁ ସତ୍ୟ ହେଲା ଯେ, ଜଣେ ଦାର୍ଶନିକ ରାଷ୍ଟ୍ରପତି ହେଲେ। ସେ ରାଷ୍ଟ୍ରପତି ଥିଲାବେଳେ ୧୯୬୨ରେ ଚାଇନା ଭାରତ ଆକ୍ରମଣ କଲା ଯାହାକୁ ଆହ୍ୱାନ ଦେଇଥିଲା ଡ଼. ରାଧାକ୍ରିଷ୍ଣନଙ୍କର ସେ ସମୟର ନେତୃତ୍ୱ। ସେହିପରି ୧୯୬୫ରେ ପାକିସ୍ତାନ ଭାରତର ପଶ୍ଚିମାଞ୍ଚଳରେ ବିଶୃଙ୍ଖଳା ସୃଷ୍ଟିକଲା। ଏଥିକୁ ଡ଼. ରାଧାକ୍ରିଷ୍ଣନ ତାଙ୍କ ବଜ୍ର ଗମ୍ଭୀର ବାଣୀରେ ଦେଶବାସୀଙ୍କୁ ସେପ୍ଟେମ୍ବର ୨୫, ୧୯୬୫ରେ ଶୁଣାଇଥିଲେ, "ପାକିସ୍ତାନ ଭାବୁଛି ଯେ, ଭାରତ ତାକୁ ପ୍ରତିରୋଧ କରିବାରେ ଅତି ଦୁର୍ବଳ କିମ୍ବା ଅତି ଭୟାଳୁ କିମ୍ବା ଅତି ଯୁଦ୍ଧ ପରାଂମୁଖୀ। ଭାରତ ଯଦିଓ ପ୍ରକୃତରେ ଯୁଦ୍ଧ ଚାହେଁନାହିଁ, ତେବେ ଯଦି ସେ ଅନୁଭବକରେ ନିଜ ରକ୍ଷଣପାଇଁ ତାକୁ ଲଢ଼ିବାକୁ ହେବ, ସେ ପାରିବ। ପାକିସ୍ତାନ ବୋଧେ ଭାବିଛି ଯେ, ତା ଆକ୍ରମଣ ଫଳରେ ଭାରତରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ଦେଖାଯିବ ଏବଂ ଏହାର ସୁଯୋଗ ନେଇ ସେ ତା'ର ଫାଇଦା ଉଠାଇବ। ତା'ର ଏ ପ୍ରକାର ଚିନ୍ତାଧାରା ତାକୁ ହିଁ ଧୋକା ଦେବ। "Pakistan assumed that India was too weak or too afraid or too proud to fight. India, though naturally disinclined to take to arms felt the necessity to defend herself when attacked. Pakistan also assumed that communal disturbance would occur in the country and in the resulting chaos she could have her way. Her miscalculations must have come to her as a rude shock"

ଭାରତୀୟ ଗଣତନ୍ତ୍ର ଉପରେ ତାଙ୍କର ଅଗାଧ ବିଶ୍ୱାସଥିଲା। ମେ ୧୨, ୧୯୬୭ ତାଙ୍କ ବିଦାୟ ଅବସରରେ ସେ ସୁଚାଇଥିଲେ ଯେ, ଦେଶରେ ସେଯାବତ୍ ଗଣତନ୍ତ୍ର ଶାସନ ଠିକ୍ ଚାଲିଛି ତଥାପି ସେ ସତର୍କ କରାଇଥିଲେ, "Democracy was more than a system of Government. It was a way of life and regime of civilized conduct of human affairs. We should be the architects of peaceful changes and advocates of redical reform".

୧୯୬୨ରେ ଡ଼. ରାଧାକ୍ରିଷ୍ଣନ ଭାରତର ରାଷ୍ଟ୍ରପତି ହେଲେ। ସେହି ବର୍ଷ ତାଙ୍କ ଜନ୍ମ ତିଥିକୁ ଗରୁଦିବସ ବା ଶିକ୍ଷକ ଦିବସ ରୂପେ ପାଳିବାର ନିଷ୍ପତି ନିଆଗଲା। କିନ୍ତୁ ସେ ଏହାକୁ ତାଙ୍କ ଜନ୍ମତିଥି ହିସାବରେ ପାଳନ କରାନଯାଇ ଶିକ୍ଷକ ଜାତି ପ୍ରତି ଉତ୍ସର୍ଗ କରିଥିଲେ। ସେ ମଧ ନିଜେ ରାଷ୍ଟ୍ରଦୂତ, ଉପ-ରାଷ୍ଟ୍ରପତି ବା ରାଷ୍ଟ୍ରପତି ଥାଆନ୍ତୁନା କାହିଁକି, ସେ ସାରା ଜୀବନଥିଲେ ଶିକ୍ଷକ। ଶିକ୍ଷକତା ଥିଲା ତାଙ୍କର ପ୍ରଥମ ଭଲପାଇବାର ବୃତ୍ତି ଏବଂ ଯେଉଁମାନେ ତାଙ୍କଠୁ ଶିକ୍ଷା ଗ୍ରହଣ କରିଛନ୍ତି, ଏବେ ମଧ ଶିକ୍ଷକ ହିସାବରେ ତାଙ୍କର ସୁଗୁଣ ଗୁଡ଼ିକ ପ୍ରତି କୃତଜ୍ଞତା ଜ୍ଞାପନ କରନ୍ତି। ପଣ୍ଡିତ ଜବାହାରଲାଲ୍ ନେହୁରୁ ଆମର ପ୍ରଥମ ପ୍ରଧାନମନ୍ତ୍ରୀ ଯିଏକି ରାଧାକ୍ରିଷ୍ଣନଙ୍କର ଜଣେ ନିକଟତମ ବନ୍ଧୁଥିଲେ, କହିଥିଲେ, "ସେ ତାଙ୍କ ଅକ୍ତିୟାର ଅନୁସାରେ ଏ ଦେଶକୁ ଅନେକ ସେବା ଦେଇଛନ୍ତି କିନ୍ତୁ ସର୍ବୋପରି ସେ ଜଣେ ମହାନ ଶିକ୍ଷକ ଯାହାଠୁ ଆମେ ସମସ୍ତେ ବହୁତ କିଛି ଶିକ୍ଷିଛେ ଏବଂ ଶିକ୍ଷିଚାଲିଥିବା। ଏହା ଭାରତପାଇଁ ଏକ ବିଚିତ୍ର ସୁଯୋଗ ଯେ ଏପରି ଜଣେ ମହାନ ଦାର୍ଶନିକ, ଜଣେ ମହାନ ଶିକ୍ଷାବିତ୍ ଏବଂ ଜଣେ ମହାନ ମାନବାଦୀଙ୍କୁ ଆମେ ଆମର ରାଷ୍ଟ୍ରପତି ହିସାବରେ ପାଇଛେ। ଏହା ପ୍ରମାଣ କରାଇ ଦିଏ ଯେ, ଆମେ ଏଭଳି ଜଣେ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଉଛୁ। "He has served his country in many capacities. But above all, he is a great Teacher from whom all of us have learnt much as well continue to learn. It is India's peculiar privilege to have a great philosopher, a great educationist and a great humanist as her President. That in itself shows the kind of men we honour and respect".

୧୯୫୪ ମସିହାରେ ଭାରତର ସର୍ବୋତ୍ତମ ଉପାଧି/ପୁରସ୍କାର "ଭାରତ ରତ୍ନ" ପ୍ରଥମେ ଯେଉଁ ତିନିଜଣଙ୍କୁ ଦିଆଯାଇଥିଲା, ସେମାନଙ୍କ ମଧ୍ୟରୁ ସେ ଅନ୍ୟତମ। ମାନବ ଜାତିର ସେବା ନିମନ୍ତେ ତାଙ୍କୁ ଏ ଉପାଧି ଦିଆଯାଇଥିଲା। ଏହି ମହାପୁରୁଷଙ୍କର ମହା ପ୍ରୟାଣ ଏପ୍ରିଲ୍ ୧୭ ୧୯୭୫ ମସିହାରେ ଘଟିଥିଲା।

ସେପ୍ଟେମ୍ବର ୫ ତାରିଖଟି ଆମ୍ଭର ମହାନ ଦାର୍ଶନିକ, ଲେଖକ, ବିଚକ୍ଷଣ ରାଜନୀତୀଜ୍ଞ ଓ ରାଷ୍ଟ୍ରନେତା ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର ଜନ୍ମତିଥି ପାଳନ ନିଶ୍ଚୟ। ସେ ଗୁରୁମାନଙ୍କ ମଧ୍ୟରୁ ଜଣେ। ଏହି ଅବସରରେ ଆମେ ତାଙ୍କ ଜନ୍ମତିଥି ପାଳନ କରିବା ସହିତ ଆମେ ସମଗ୍ର ଗୁରୁ ସମାଜ ପ୍ରତି ତାଙ୍କର ଶିକ୍ଷାଦାନ ମାଧ୍ୟମରେ ଜ୍ଞାନ ଦାନ, ଛାତ୍ରମାନଙ୍କର ଚରିତ୍ର ଗଠନ ଏବଂ ସେମାନଙ୍କୁ ପଥ ପ୍ରଦର୍ଶନ କାରଣକୁ ବିଚାରି ତାଙ୍କ ସମ୍ମାନାର୍ଥେ ଏ ଦିବସଟି ପାଳନ କରୁଅଛୁ। ଖାଲି ଆମ ଦେଶରେ ନୁହେଁ, ଏହିପରି ଗୁରୁଦିବସ ଅନ୍ୟ ଦେଶରେ ମଧ ପାଳିତ ହୁଏ। ଆନ୍ତର୍ଜାତିକ ସ୍ତରରେ ବିଶ୍ୱ ଶିକ୍ଷକ ଦିବସ ରୂପେ ଅକ୍ଟୋବର ୫ ତାରଖକୁ ପାଳନ କରାଯାଏ। ଆସନ୍ତୁ ଏହି ଦିବସର ଅବସରରେ ଅନ୍ତତଃ ଆମେ ଆମ ଗୁରୁମାନଙ୍କ ପ୍ରତି ସ୍ମୃତି ଚାରଣ କରିବା।।

+ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିକାଶ ନଗର, ଜଟଣୀ,
ଖୋର୍ଦ୍ଧା,
ମୋ: ୯୯୩୮୩୪୪୧୩୮


## ଗୁରୁଙ୍କୁ ପ୍ରଣାମ

ରବିନାରାୟଣ ପଟ୍ଟନାୟକ

"ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ, ଗୁରୁ ସାକ୍ଷାତ, ପରମ ବ୍ରହ୍ମ, ତସ୍ମୟେ ଗୁରବେ ନମଃ'' । ସଂସାରରେ ଯଦି କେହି ବଡ ଥାଏ ତେବେ ସେ ହେଉଛନ୍ତି ଗୁରୁ । ତାଙ୍କୁ ଠାରୁ ଶ୍ରେଷ୍ଠ ଦୁନିଆରେ କେହି ନାହାଁନ୍ତି। ତେଣୁ ସେ ସର୍ବଦା ପୂଜନୀୟ । ଗୁରୁ-ଶିଷ୍ୟ ସମ୍ପର୍କ ଆମ ଜୀବନର ଏକ ଅଂଶ। ପ୍ରାଚୀନ କାଳରୁ ଗୁରୁଙ୍କୁ ଭାରତୀୟ ସମାଜ ଦ୍ୱାରା ସର୍ବୋଚ୍ଚ ସ୍ଥାନ ଦିଆଯାଇଛି କାରଣ ଗୁରୁଙ୍କର ମହାନତାର ତୁଳନା ନାହିଁ।ଜୀବନରେ ଜ୍ଞାନ, ସୁଖ, ସମୃଦ୍ଧି ଗୁରୁଙ୍କ କୃପାରୁ ହିଁ ମିଳିଥାଏ । ଶାସ୍ତ୍ରରେ ଗୁରୁମାନଙ୍କୁ ଈଶ୍ୱର ସହ ତୁଳନା କରାଯାଏ ।

ସିଏ ହିଁ ଗୁରୁ, ଯିଏ ଆମକୁ ଅଜ୍ଞାନ ରୂପକ ଅନ୍ଧକାରରୁ ବାଟ କଢ଼େଇ ଜ୍ଞାନ ରୂପକ ଆଲୋକର ରାସ୍ତା ଦେଖାନ୍ତି। ଯାହାଙ୍କ ପ୍ରଦତ୍ତ ଜ୍ଞାନରେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ବୁଝିହୁଏ। ଯୁଗେ ଯୁଗେ ଗୁରୁ ଶିଷ୍ୟ ସମ୍ପର୍କ ଅତୁଟ ରହିଛି। ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ୧୮୮୮ ମସିହା ଆଜିର ତାରିଖ ଅର୍ଥାତ୍ ସେପ୍ଟେମ୍ବର ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ। ରାଷ୍ଟ୍ରପତି ଡକ୍ଟର ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମ ଦିନକୁ ଛାତ୍ରଛାତ୍ରୀମାନେ 'ରାଧାକ୍ରିଷ୍ଣନ୍ ଦିବସ' ରୂପେ ପାଳନ କରିବାକୁ ଅନୁମତି ମାଗିଥିଲେ । ହେଲେ ରାଧାକ୍ରିଷ୍ଣନ୍ ଏଥିରେ ରାଜି ହୋଇ ନଥିଲେ । ଜନ୍ମଦିନ ପାଳନ ନକରି ବରଂ ଗୁରୁ ଦିବସ' ରୂପେ ପାଳନ କରାଯାଉ ବୋଲି ମତ ଦେଇଥିଲେ । ସେହିଦିନଠାରୁ ସେପ୍ଟେମ୍ବର ୫ ତାରିଖକୁ ଗୁରୁ ଦିବସ ରୂପେ ପାଳନ କରାଯାଉଛି।

ଗୋଟେ ପିଲା ପାଇଁ ପ୍ରଥମ ଗୁରୁ ହେଉଛନ୍ତି ତା ପିତା ମାତା । ପିତା ମାତା ପିଲାଙ୍କୁ ଯାହା ଶିକ୍ଷା ଦିଅନ୍ତି ପିଲା ସେଇ ମାର୍ଗରେ ଯାଆନ୍ତି । କିଛି ଦିନ ତଳେ ମୁଁ ଟ୍ରେନ୍ ରେ ଯାଉଥିଲି ସେଇ ସମୟରେ ମୋ ଆଗରେ ବାପା ଆଉ ପୁଅ ଦୁଇ ଜଣ ବସିଥିଲେ ମୋ ସାମ୍ନା ସିଟରେ । ପୁଅ ବୟସ ୧୦ ରୁ ୧୨ ବର୍ଷ ମଧ୍ୟରେ ହବ । ବାପା ଜଣଙ୍କ ଗୋଟେ ବହି ଧରିକି ପଢୁଥାନ୍ତି । ତାଙ୍କ ପାଖରେ ଥିବା ପୁଅ ମଧ ଗୋଟେ ବହି ପଢିବାରେ ବ୍ୟସ୍ତ ଥାଏ । ସ୍ୱାଭାବିକ ଭାବେ ଆଜିର ସମୟରେ ଯେଉଁଠି ଛୋଟ ପିଲା ମୋବାଇଲ ଫୋନ୍ ବିନା ଖାଇବା ମଧ ଖାଉ ନାହାନ୍ତି ସେଇ ସମୟ ରେ ଜଣେ ବହି ପ୍ରତି ଆଗ୍ରହ ଦେଖେଇବା ଆନନ୍ଦର ବିଷୟ ଥିଲା ମୋ ପାଇଁ । କିଛି ସମୟ ପରେ ତାଙ୍କ ବାପାଙ୍କୁ ମୁଁ ପଚାରିଲି ଯେତେବେଳେ ଛୋଟ ପିଲା ଫୋନ୍ ପଛରେ ପଡ଼ିଛନ୍ତି ଆପଣ କେମିତି ଶିକ୍ଷା ଦେଇଛନ୍ତି ଯାହା ଫଳରେ କି ସେ ବହି ପ୍ରତି ଏତେ ଆଗ୍ରହ ଅଛି । ତାଙ୍କ ଉତ୍ତର ମତେ ଚିନ୍ତା କରିବାକୁ ବାଧ କରିଲା । ତାଙ୍କ ଉତ୍ତର ଥିଲା ଛୋଟ ପିଲା ବୁଦ୍ଧି ନ ଥାଏ ସେମାନେ ସେୟା କରନ୍ତି ଯାହା ସେମାନେ ନିଜ ବାପା ମା କରିବାର ଦେଖନ୍ତି । ପ୍ରକୃତ ରେ ତାଙ୍କ ଉତ୍ତର ମତେ ପ୍ରଭାବିତ କରିଥିଲା। ଛୋଟ ପିଲା ଟି କଣ ବା ଦୁନିଆଁ ବିଷୟରେ ଜଣିଥାଏ। ସେ ତ ସେୟା କରେ ଯାହା ସେ ନିଜ ପାଖ ପରିବେଶ ରୁ ଦେଖେ । ସବୁଠୁଁ ଅଧିକ ପ୍ରଭାବ ନିଜ ପିତା ମାତାଙ୍କ ଠାରୁ ପଡ଼ିଥାଏ। ତେଣୁ ବାପା ମାଆ ପ୍ରାଥମିକ କର୍ତ୍ତବ୍ୟ ଛୋଟ ପିଲା ବେଳୁ ନିଜ ପିଲାର ସଠିକ୍ ମାର୍ଗରେ ନେବା । ତା ହେଲେ ଯାଇକି ଆମେ ଆମେ ଗୋଟେ ପିଲାକୁ ସଠିକ୍ ଭାବେ ଗଢି ତୋଳି ପାରିବା।




ଯେ କୌଣସି କର୍ମ ବା ଧର୍ମ ହେଉ ନା କାହିଁକି ବିନା ଗୁରୁରେ ପୂର୍ଣ୍ଣତା ଆସେ ନାହିଁ। ଗୁରୁ ସେ କେବେ ପାଠ ଶିକ୍ଷା ଦିଅନ୍ତି ତ କେବେ ସମାଜରେ ବଂଚିବାକୁ ଶିଖାନ୍ତି, କେବେ ସେ ଲହୁଣୀ ପରି କୋମଳତ କେବେ ସେ ଛାଟ ଧରି ଅନୁସନ୍ଧାନ କରିବାକୁ ଧୁରନ୍ଧର । ସେ ଅନ୍ୟ କେହି ନୁହେଁ ଜୀବନର ପ୍ରତ୍ୟେକଟି ସୋପାନ ଯାହା ବିନା ଅଧୁରା ସେ ହିଁ ଗୁରୁ । ଗୁରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସହ ତୁଳନୀୟ। ଗୁରୁ, ମନୁଷ୍ୟର ଅନ୍ତନିହିତ ଗୁଣ ଏବଂ ଶକ୍ତିକୁ ଜାଗରଣ କରି ବ୍ୟକ୍ତି ଜୀବନରେ ଜ୍ଞାନର ଦ୍ୱୀପକୁ ପ୍ରଜ୍ୱଳିତ କରିଥାନ୍ତି ।ନିଜ ଗୁରୁଙ୍କ ଆଶୀର୍ବାଦ ନେବା

+ପଟିଆ, ଭୁବନେଶ୍ୱର
ମୋ: ୯୯୩୮୧୧୩୨୨୬

## ଧାରାବାହିକ:

ଭାଗ-୧୯

# ସଂକ୍ଷିପ୍ତ ଭାଗବତ କଥାମୃତ




ଡ. ଶ୍ରୀହରି ପଣ୍ଡା




(ପୂର୍ବ ପ୍ରକାଶିତ ଉତ୍ତାରୁ)

୧୫ଶ ଅଧ୍ୟାୟ

।। ପୃଥୁରାଜା ଆବିର୍ଭାବ ଓ ରାଜ୍ୟାଭିଷେକ ।।

ବେଣୁଙ୍କ ଅଙ୍ଗରୁ ବିଷ୍ଣୁ ସ୍ୱରୂପ ପୁରୁଷର ନାମ ମୁନିମାନେ ପୃଥୁ ଓ ଲକ୍ଷ୍ମୀ ସ୍ୱରୂପା କନ୍ୟାଙ୍କର ନାମ ଅର୍ଚ୍ଚି ରଖିଲେ । ଅର୍ଚ୍ଚି ପୃଥୁଙ୍କ ବିବାହ କରିବା ପରେ ମୁନିମାନେ ତାଙ୍କୁ ରାଜାପଦରେ ଅଭିଷିକ୍ତ କଲେ । ଏହି ସମୟରେ ଆକାଶରେ ଶଂଖ ବାଜି ଉଠିଲା ତ ଗନ୍ଧର୍ବଗଣ ନୃତ୍ୟ ଓ ଦେବତାମାନେ ପୁଷ୍ପ ବୃଷ୍ଟିକଲେ । ବ୍ରହ୍ମା ଶଙ୍କରାଦି ଦେବତା ଓ ପିତୃପୁରୁଷ ଉପସ୍ଥିତ ହେଲେ । ବ୍ରହ୍ମା ପୃଥୁଙ୍କ ହାତ ଓ ଅଙ୍ଗୁଳିରେ ପଦ୍ମ ଚିହ୍ନାଦି ଦେଖି ସେ ସ୍ୱୟଂ ବିଷ୍ଣୁଅଂଶୀ ବୋଲି ଜାଣିପାରିଲେ । କୋଟିଏ ତୀର୍ଥ ଜଳରେ ଅଭିଷେକ ହେବା ସହ ଯିଏ ଯାହା ଆଣିଥିଲେ ତାହା ଉପହାର ସଦୃଶ ପ୍ରଦାନ କଲେ । ଦେବତାମାନେ ସୁନ୍ଦର ବସନ ଓ ଦ୍ରବ୍ୟ, କୁବେର ସୁବର୍ଣ୍ଣ ସିଂହାସନ, ବରୁଣ ରତ୍ନ ଖଚିତ ଶ୍ୱେତଛତ୍ର,ବାୟୁ ଚାମର, ଧର୍ମଦେବ କୀର୍ତ୍ତିମୟୀ ମାଳା, ଇନ୍ଦ୍ର ମୁକୁଟ, ଯମ-ଦଣ୍ଡ ଏବଂ ବ୍ରହ୍ମା କବଚ, ସରସ୍ୱତୀ-ମଣିମୟ ହାର, ବିଷ୍ଣୁ-ସୁଦର୍ଶନ ଚକ୍ର, ଲକ୍ଷ୍ମୀ-ଅମାପ ଧନସମ୍ପତ୍ତି, ରୁଦ୍ରଦେବ -ତରବାରୀ, ଅମ୍ବିକା-ଚନ୍ଦ୍ର ଚିହ୍ନିତ ଢାଲ, ଚନ୍ଦ୍ରଦେବ-ଅମୃତମୟ ଅଶ୍ୱ, ବିଶ୍ୱକର୍ମା-ସୁନ୍ଦର ବିମାନ, ଅଗ୍ନିଦେବ-ଧନୁ, ସୂର୍ଯ୍ୟଦେବ-ଅକ୍ଷୟତୂଣୀର, ପୃଥିବୀ-ମନୋରଥ ଗତିଶୀଳ ପାଦୁକା, ଆକାଶ-ଅମ୍ଳାନ ପୁଷ୍ପମାଳା, ଗନ୍ଧର୍ବ-ନୃତ୍ୟ,ଗୀତବିଦ୍ୟା ଓ ଅନ୍ତର୍ଦ୍ଧାନ ହେବା ଶକ୍ତି, ସମୁଦ୍ର-ଜଳଦିଗ ଧ୍ୱନିକାରୀ ଶଙ୍ଖ ପ୍ରଦାନ କଲେ । ସୁତ ଓ ମାଗଧ ଦୁଇଜଣ ଭାଟ ଅଜଳ କୁଣ୍ଠର ଜାତ ହୋଇ ପୃଥୁଙ୍କୁ ସ୍ତୁତିଗାନ କଲେ । ପୃଥୁ ସେମାନଙ୍କୁ କହିଲେ, ହେ ସୁତ ମାଗଧ-ବର୍ତ୍ତମାନ ସୁଦ୍ଧା ମୁଁ କିଛି କର୍ତ୍ତବ୍ୟ କରିନାହିଁ ତୁମେ ମୋର କି ସ୍ତୁତି ଗାଇବ। ଯେଉଁ ମିଛ ପ୍ରଶଂସା କରିବ ତାହା କେବଳ ପ୍ରବଞ୍ଚନା ; ଏଣୁ ତୁମେ ସେହି ପରମ କୀର୍ତ୍ତିବାନ ଶ୍ରୀହରି ବିଷ୍ଣୁଙ୍କର ସ୍ତୁତି କର ଯାହା ଶୁଣି ଆମେ ସମସ୍ତେ ଧନ୍ୟ ହେବୁ । ପୃଥୁଙ୍କର ଆଦେଶରେ ସେମାନେ ହରିସ୍ତୁତି କଲେ।

୧୬ଶ ଅଧ୍ୟାୟ

।। ବନ୍ଦୀଜନଙ୍କ ଦ୍ୱାରା ପୃଥୁଙ୍କର ସ୍ତୁତିଗାନ ।।

ଏହାପରେ ସୁତ ଓ ମାଗଧ ମୁନି ନିର୍ଦ୍ଦେଶରେ ପୃଥୁଙ୍କର ମଧ ସ୍ତୁତି ଗାନ କରି କହିଲେ, ଆପଣ ସ୍ୱୟଂ ଶ୍ରୀହରିଙ୍କ କଳାବତାର ରୂପେ ଭଗବତ ମହିମାରେ ବେଣୁଙ୍କର ନିର୍ଜୀବ ଶରୀରରୁ ଜାତ ହୋଇଛନ୍ତି । ଆପଣ ସମଦର୍ଶୀ ଓ ସର୍ବଭୂତାତ୍ମା, ଧର୍ମର ଶାସନ ଓ ମର୍ଯ୍ୟଦା ପ୍ରତିଷ୍ଠିତ କରିବେ । ସୂର୍ଯ୍ୟ ନିଜ ତେଜରେ ପୃଥିବୀରୁ ଜଳ ନେଇ ପୁଣି ବର୍ଷାକାରରେ ଫେରାଇଦେବା ପରି ଆପଣ ପ୍ରଜାଙ୍କଠାରୁ କର ଗ୍ରହଣ କରି ତାହା ପୁଣି ପ୍ରଜାମଙ୍ଗଳରେ ଲଗାଇବେ । ଆପଣ ଦୟାଳୁ ଓ କ୍ଷମାଶୀଳ ହୋଇ ଦୁଃଖୀଙ୍କ ଦୁଃଖ ହରଣ କରିବେ । ଆପଣ ଶାସନରେ ନିଜ ପର ଭେଦ କରିବେ ନାହିଁ ସମସ୍ତଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦର୍ଶନ କରିବେ । ପର ସ୍ତ୍ରୀକୁ ମାତୃବତ, ନିଜ ସ୍ତ୍ରୀକୁ ଅର୍ଦ୍ଧାଙ୍ଗିନୀ, ପ୍ରଜାଙ୍କୁ ପିତା ଓ ବ୍ରହ୍ମଜ୍ଞାନୀକୁ ନିଜର ପ୍ରଭୁ ମାନିବେ । ଆପଣ ଦିଗବିଜୟ କରି ଚକ୍ରବର୍ତ୍ତୀ ହେବେ । ଆପଣଙ୍କ ସୁଶାସନ ପାଇଁ ପୃଥିବୀ ସଦା ଶସ୍ୟଶ୍ୟାମଳା ରହିବ । ଆପଣ ପ୍ରଜା ହିତାର୍ଥେ ପୃଥିବୀ ରୂପୀ ଗୋ-ମାତାଙ୍କୁ ଦୋହନ କରିବେ ଏବଂ ଶେଷରେ ବିଷ୍ଣୁଙ୍କ ନିକଟରେ ଅଚଳା ଭକ୍ତି କାରଣରୁ ଦିବ୍ୟଧାମକୁ ଗମନ କରିବେ ।

୧୭ଶ ଅଧ୍ୟାୟ

।। ପୃଥିବୀଦେବୀଙ୍କ ଆତ୍ମପ୍ରକାଶ ।।

ମୁନିରଷିମାନେ ଭାଟ ମୁଖରେ ପରୋକ୍ଷ ଉପଦେଶ, ନିଜେ ବେଦପାଠ ମଧ୍ୟରେ ଆଶୀର୍ବାଦ ପ୍ରଦାନ କରି ପୃଥୁଙ୍କ ଯଥୋଚିତ ସମ୍ମାନ ପ୍ରଦର୍ଶନ ଭିତରେ ପ୍ରତ୍ୟାବର୍ତ୍ତନ କଲେ । ପୃଥୁ ଅଭିଷିକ୍ତ ହେବାପରେ ବହୁ ବୁଭୁକ୍ଷୁ ରାଜାମାନେ ଏକତ୍ରିତ ହୋଇ ଖାଦ୍ୟସଂକଟ ଦୂର କରିବାକୁ ଅନୁରୋଧ କଲେ । ଖାଦ୍ୟଭାବର କାରଣ ପଚାରନ୍ତେ ରାଜାମାନେ କହିଲେ, ପୃଥିବୀ ଗୋରୂପା ହୋଇ ରାତିରେ ସବୁ ଖାଦ୍ୟ ଖାଇ ଦିନବେଳା ସମୁଦ୍ରରେ ଲୁଚନ୍ତି । ଏହା ଶୁଣି ରାଜା ପୃଥିବୀ ଉଦ୍ଦେଶ୍ୟରେ ନିଜ ଧନୁରେ ବାଣ ସଂଯୋଗ କରିବାରୁ ପୃଥିବୀ ସ୍ୱୟଂ ପ୍ରକଟ ହୋଇ ଯଥା ବିଧି ସମ୍ମାନ ଜଣାଇ ସ୍ତ୍ରୀ ବଧ ପାପରେ ଭାଗୀ ନହୋଇ କ୍ରୋଧ ସମ୍ବରଣ କରିବାକୁ ଅନୁରୋଧ କଲେ । ରାଜା କହିଲେ ହେ ଧରିତ୍ରୀ, ନାରୀ ଭାବରେ ତୁମେ ଅବଧ୍ୟ ମାତ୍ର ମୋ ପିତାଙ୍କ ଦେହାନ୍ତେ ତୁମେ ମାୟା ଗୋରୁ ଭାବରେ ଅରାଜକତାର ସୁଯୋଗ ନେଇ ସମସ୍ତ ଖାଦ୍ୟ ଖାଇ ପ୍ରଜାମାନଙ୍କୁ ଯେଉଁ କଷ୍ଟଦେଲ ତାର ଦଣ୍ଡ ମୁଁ ଅବଶ୍ୟ ଦେବି ।

୧୮ଶ ଅଧ୍ୟାୟ

।। ପୃଥିବୀ ଦୋହନ ।।

ମହାରାଜା ପୃଥୁଙ୍କର କଥା ଶୁଣି ଧରିତ୍ରୀ ଭୟଭୀତା ହେବା ସହ କହିଲେ, ରାଜନ, ଆପଣ ଦୟାପୂର୍ବକ ମୋ କଥା ଶୁଣନ୍ତୁ, ମୁଁ ନିର୍ଦ୍ଦୋଶ । ଆପଣଙ୍କ ପିତାଙ୍କ ମୃତ୍ୟୁନ୍ତେ ପୃଥିବୀ ଅରାଜକ କାରଣରୁ କେହି ମୋତେ ଆଦର, ଯତ୍ନ କଲେନି ବରଂ ମୋ ପୃଷ୍ଠରେ ଜାତ ହୋଇଥିବା ଔଷଧୀୟ ବୃକ୍ଷମାନଙ୍କୁ ନଷ୍ଟ କରିଚାଲିଲେ, ତେଣୁ ମୁଁ ଧେନୁରୂପ ହୋଇ ସେହି କଲ୍ୟାଣକାରୀ ବୃକ୍ଷମାନଙ୍କୁ ଖାଇଚାଲିଲି । ସେ ସବୁ ମୋ ଶରୀରରେ ଦୁଗ୍ଧ ରୂପରେ ଅଛନ୍ତି । ଆପଣ ମୋତେ ଦୋହନ କଲେ ମୁଁ ସେ ସବୁ ପ୍ରଦାନ କରିବି । ତା ପୂର୍ବରୁ ଆପଣ ମୋ ପୃଷ୍ଠକୁ ସମତଳ କରନ୍ତୁ ଯେପରିକି ବର୍ଷା ହେଲେ ସେଥିରେ ଜଳ ରହିପାରିବ ଫଳରେ ମୁଁ ସର୍ବଦା ଶସ୍ୟଶ୍ୟାମଳା ରହିପାରିବି । ଏହା ଶୁଣି ପୃଥୁ ସ୍ୱାୟମ୍ଭୁବ ମନୁକୁ ବତ୍ସ ମନେ କରି ପୃଥିବୀ ମାତାଙ୍କୁ ଦୋହନ କରିବାରୁ ପ୍ରଚୁର ଖାଦ୍ୟ ଉତ୍ପାଦନ ହେଲା ଯାହା ସେ ପ୍ରଜାଙ୍କୁ ବାଣ୍ଟିଦେଲେ । ଏହାଦେଖି ଦେବ, ଦାନବ, ଯକ୍ଷରକ୍ଷମ ଭୂତ, ବେତାଳ, ସ୍ଥାବର,ଜଙ୍ଗମ ଯେ ଯାହାର ଦୁଃଖ କହିବାରୁ ସେମାନଙ୍କର ମୁଖ୍ୟମାନଙ୍କୁ ବତ୍ସ କଳ୍ପନା କରି ପୃଥିବୀ ଦୋହନ କରି ସେମାନଙ୍କୁ ପ୍ରଦାନ କଲେ । ସମସ୍ତେ ପ୍ରସନ୍ନ ହେବାରୁ ପୃଥିବୀରେ ଶାନ୍ତି ଖେଳିଗଲା । ରାଜା ଅତ୍ୟନ୍ତ ପ୍ରୀତ ହୋଇ ପୃଥିବୀକୁ ନିଜର କନ୍ୟା ତୁଲ୍ୟ ଶ୍ରଦ୍ଧା କଲେ ।

୧୯/୨୦ଶ ଅଧ୍ୟାୟ

।। ପୃଥୁ ରାଜାଙ୍କର ଏକଶହ ଅଶ୍ୱମେଧ ଯଜ୍ଞ ଓ ଭଗବାନ ବିଷ୍ଣୁଙ୍କ ଆବିର୍ଭାବ ।।

ପୃଥୁ ସରସ୍ୱତୀ ନଦୀ ତୀରସ୍ଥ ବ୍ରହ୍ମାବର୍ତ୍ତ କ୍ଷେତ୍ରରେ ଶତ ଅଶ୍ୱମେଧ ଯଜ୍ଞର ଆୟୋଜନ କଲେ । ଯଜ୍ଞକୁ ଦେବତା, ମୁନିରଷିମାନେ ନିମନ୍ତ୍ରିତ ହୋଇ ଆସଲେ, ଗନ୍ଧର୍ବମାନେ ନୃତ୍ୟକଲେ । ପୃଥିବୀ କାମଧେନୁ ପରି ସମସ୍ତ ଆବଶ୍ୟକୀୟ ପଦାର୍ଥମାନ ଯୋଗାଇଦେଲେ । ଏହା ଦେଖି ଇନ୍ଦ୍ର କାଳେ ପୃଥୁ ଇନ୍ଦ୍ରପଦ ଆଶା କରିବେ ଓ ତାଙ୍କ ସିଂହାସନ ଚାଲିଯିବା ଭୟରେ ଯଜ୍ଞାଶ୍ୱକୁ ଚୋରାଇନେଲେ । ସେଠାରେ ଉପସ୍ଥିତ ଥିବା ଦିବ୍ୟଦ୍ରଷ୍ଟା ମୁନି ଅତ୍ରି ଏହା ଜାଣିପାରି ପୃଥୁଙ୍କ ପରାକ୍ରମୀ ପୁତ୍ରକୁ କହିଦେବାରୁ ସେ ପଶ୍ଚାତାନୁଧାବନ କରି ଦେଖନ୍ତିତ ଜଣେ ସନ୍ୟାସୀ । ସନ୍ୟାସୀ ଅବଧ୍ୟ ହୋଇଥିବା କାରଣରୁ ସେ ଫେରି ଆସିଲେ ମାତ୍ର ଅତ୍ରିଙ୍କଠାରୁ ଇନ୍ଦ୍ର କପଟ ସନ୍ୟାସୀ ବେଶ ଧାରଣ କରିଥିବା କଥା ଶୁଣି ପୁନର୍ବାର ଇନ୍ଦ୍ର ବଧ ସଂକଳ୍ପ ନେଇ ସେ ଧାଇଁଲେ । ଚୌର୍ଯ୍ୟ ବୃତ୍ତି କାରଣରୁ ଇନ୍ଦ୍ରଙ୍କର ନୈତିକ ବଳ ହ୍ରାସ ହୋଇଥିବାରୁ ଇନ୍ଦ୍ର ଭୟଭୀତ ହୋଇ ଅଶ୍ୱକୁ ଛାଡିଦେଇ ଚାଲିଗଲେ । ଅଶ୍ୱକୁ ଧରି ପୃଥୁକୁମର ଫେରିବାରୁ ମୁନିମାନେ ତାଙ୍କୁ ବିଜିତାଶ୍ୱ ନାମ ଦେଲେ । ଇନ୍ଦ୍ରଙ୍କର ଏହି କପଟ ବେଶର ଲାଭ ଦୃଷ୍ଟମାନେ ଗ୍ରହଣକରି ସାଧୁ ପୋଷାକରେ ଅସାଧୁକାମ କରିବାରୁ ପୃଥୁ କ୍ରୋଧାନ୍ୱିତ ହୋଇ ଇନ୍ଦ୍ର ସଂହାର କରିବାକୁ ଉଦ୍ୟତ ହୁଅନ୍ତେ ମୁନିରଷିମାନେ କହିଲେ ଥରେ ଯଜ୍ଞର ଦୀକ୍ଷିତ ହେବାପରେ ସେହି ଜୀବ ଛଡା ଅନ୍ୟ ଜୀବ ବଧ ନିଷେଧ । ତାଛଡା ଇନ୍ଦ୍ରଙ୍କୁ ସଂହାର କରିବାର ଦରକାର ନାହିଁ ଆମେ ମନ୍ତ୍ର ବଳରେ ତାଙ୍କୁ ଏହି ଯଜ୍ଞକୁଣ୍ଡରେ ଆହୂତି ଦେଇ ଭସ୍ମ କରିଦେବୁ । ପୃଥୁ ସମ୍ମତି ଦେବାରୁ ଯଜ୍ଞରେ ଆହୂତି ପ୍ରଦାନ ପୂର୍ବକ ଇନ୍ଦ୍ରଙ୍କୁ ଆକର୍ଷଣ କରାଗଲା । ଏହା ଜାଣି ବ୍ରହ୍ମା ସ୍ୱୟଂ ସେଠାରେ ଉପସ୍ଥିତ ହୋଇ ଦ୍ୱିଜମାନଙ୍କୁ ନିବାରଣ କରିବା ସହ ପୃଥୁଙ୍କୁ ବୁଝାଇ କହିଲେ, ତୁମେ ଓ ଇନ୍ଦ୍ର ଉଭୟ ବିଷ୍ଣୁଅଂଶୀ । ଇନ୍ଦ୍ରକୁ ଆହୂତି ରୂପରେ ବିଷ୍ଣୁଙ୍କୁ ପ୍ରଦାନ କରିବା ଉଚିତ ନୁହେଁ । ତାଙ୍କର କପଟମାୟା ଛିନ୍ନ କରି ଜଗତର ତୁମେ ମଙ୍ଗଳ କରିଛ, ଏବେ ଇନ୍ଦ୍ର ବଧରୁ କ୍ଷାନ୍ତ ହୁଅ । ସେ ନିଜେ ଆସି ତାଙ୍କ ଅପରାଧ ସ୍ୱୀକାର କରିବେ । କ୍ଷମାଠାରୁ ବଡ କିଛି ନାହିଁ ଏଣୁ ତାଙ୍କୁ କ୍ଷମାକଲେ ତୁମର ଯଶ ସାରା ବିଶ୍ୱରେ ବ୍ୟାପୀଯିବ । ମହାରାଜ ପୃଥୁ ଶାନ୍ତ ହେବାପରେ ସ୍ୱୟଂ ଭଗବାନ ବିଷ୍ଣୁ ଇନ୍ଦ୍ରକୁ ଧରି ସେ ସ୍ଥାନରେ ପହଞ୍ଚି କହିଲେ ହେ ରାଜା,ଇନ୍ଦ୍ର ତୁମର ଯଜ୍ଞ ଭଣ୍ଡୁର ପାଇଁ ଯେଉଁ ଉଦ୍ୟମ କରିଥିବା ଭୁଲକୁ କ୍ଷମା କର । ସାଧୁ, ସଦବୁଦ୍ଧି ଥିବା ବ୍ୟକ୍ତି ମନରେ ହିଂସା କରନ୍ତିନାହିଁ । ଅବିଦ୍ୟା ଓ ବାସନା ପୂର୍ଣ୍ଣ ଶରୀର ଯେ ଆତ୍ମାଠାରୁ ପୃଥକ ତାହା ତୁମକୁ ଅଜ୍ଞାତ ନୁହେଁ । ଆତ୍ମା ନିର୍ଗୁଣ, ସର୍ବବ୍ୟାପୀ ଓ ସର୍ବସାକ୍ଷୀ ଜାଣି ଭେଦଭାବ ଶୂନ୍ୟ ବ୍ୟକ୍ତି ଯେଉଁ ଆରାଧନା କରନ୍ତି ମୁଁ ସେହିମାନଙ୍କ ନିକଟରେ ଥାଏ ବାସ୍ତବିକ ଯଜ୍ଞ, ତପସ୍ୟା, ଯୋଗାଦିରେ ମୁଁ ନଥାଏ । ହେ ରାଜା, ସମଭାବାପନ୍ନ ହୋଇ ମନ୍ତ୍ରୀମାନଙ୍କ ସହ ପ୍ରଜାପାଳନ କର । ଯେଉଁ ରାଜା ଉତ୍ତମ ଭାବରେ ପ୍ରଜାପାଳନ କରେ ସେ ପ୍ରଜାଙ୍କ ଧର୍ମରୁ ଅଂଶ ପାଏ । ରାଜା ଠିକ ଭାବରେ ପ୍ରଜାପାଳନ ନକଲେ ପ୍ରଜା ରାଜାଙ୍କ ପୁଣ୍ୟ ହରଣ କରିଥାନ୍ତି । ମୁଁ ତୁମ ଉପରେ ପ୍ରସନ୍ନ ଏବେ କି ବର ମାଗୁଛ ମାଗ । ପୃଥୁ ଭଗବାନଙ୍କ ମୁହଁରୁ ଏପରି କଥା ଶୁଣି ଆନନ୍ଦରେ, ରୋମାଞ୍ଚିତ ହେଲେ । ଇନ୍ଦ୍ର ଆସି ପୃଥୁଙ୍କର ପାଦ ଛୁଇଁ କ୍ଷମା ପ୍ରାର୍ଥନା କରିବାରୁ ପୃଥୁ ତାଙ୍କୁ ଆଲିଙ୍ଗନ କଲେ । ଏହାପରେ ସେ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ, ହେ ପରମପିତା, ମୋର ଭୋଗବିଳାସ ଇଛା ନାହିଁ । କେବଳ ଆପଣଙ୍କ ନାମ ଗୁଣ କୀର୍ତ୍ତନ ସର୍ବଦା ମୋ କାନରେ ବାଜୁଥାଉ, ତେଣୁ ମୋତେ ଦଶସହସ୍ର କର୍ଣ୍ଣ ପ୍ରଦାନ କରନ୍ତୁ । ଭଗବାନ ଅତ୍ୟନ୍ତ ପ୍ରସନ୍ନ ହୋଇ କହିଲେ ତୁମେ ଜ୍ଞାନୀ ହୋଇଥିବା କାରଣରୁ ଏହି ବର ମାଗିଲ । ମୁଁ ତୁମକୁ ଆଶୀର୍ବାଦ ପ୍ରଦାନ କରୁଛି ଯେ ତୁମର ମୋ ପ୍ରତି ସର୍ବଦା ଅଚଳାଭକ୍ତି ରହିବା ସହ ତୁମର ସମସ୍ତ ଶୁଭ ଓ ମଙ୍ଗଳ ହେଉ। (କ୍ରମଶଃ)


+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ

(ମୋ) ୯୮୫୩୯୪୮୪୫୮


# ପୁରାତନ ଭାରତୀୟ ସଂସ୍କୃତିରେ ଗୁରୁ ପରମ୍ପରା




ଭାଗ୍ୟଶ୍ରୀ ନନ୍ଦ


"ଧ୍ୟାନଂ ମୂଳଂ ଗୁରୁ ମୂର୍ତ୍ତିଃ
ପୂଜା ମୂଳଂ ଗୁରୁପଦଂ
ମନ୍ତ୍ର ମୂଳଂ ଗୁରୁ ବାକ୍ୟଂ
ମୋକ୍ଷ ମୂଳଂ ଗୁରୋକୃପା ।"

ଭାରତର ସମୃଦ୍ଧ ସାଂସ୍କୃତିକ ପରମ୍ପରା ଅନ୍ୟାନ୍ୟ ସଭ୍ୟତା ପାଇଁ ଏକ ଉଦାହରଣ । ଏହା ଆମ ଐତିହ୍ୟର ଗଭୀରତାକୁ ସୂଚିତ କରିଥାଏ । ନିଜର ଆପ୍ରାଣ ଚେଷ୍ଟାରେ ମଧ ଯାହା ସମ୍ଭବ ହୋଇ ପାରେନା, ତାହା ଗୁରୁକୃପାଦ୍ୱାରା ଅଚିରେ ଉପଲବ୍ଧ ହୋଇଯାଏ ବୋଲି ବିଶ୍ୱାସ କରଯାଇଥାଏ । ଆତ୍ମ ସାକ୍ଷାତକାର କରିବାପାଇଁ ଗୁରୁଙ୍କର ସହାୟତା ମୌଳିକ ଆବଶ୍ୟକତା ରହିଛି ବୋଲି କୁହାଯାଇଛି । ଆଧୁନିକ ଭାରତରେ ଗୁରୁ ଶବ୍ଦକୁ ମୁଖ୍ୟତଃ ଶିକ୍ଷକ ହିସାବରେ ବ୍ୟବହାର କରାଯାଉଛି। ଗୀତାରେ କୁହାଯାଇଛି ଯିଏ ଗୁ(ଗୁଣମୁକ୍ତ) ଓ ରୁ (ନିରାକାର) ସେ ହେଉଛନ୍ତି ଗୁରୁ। ଅତୀତରେ ଗୁରୁଶିଷ୍ୟର ସମ୍ପର୍କ ମଧୁର ତଥା ଅନାବିଳ । ସେହି ପରମ୍ପରାକୁ ଉଜ୍ଜୀବିତ ରଖିବା ଗୁରୁଦିବସ ପାଳନର ଉଦ୍ଦେଶ୍ୟ । ଭାରତର ବରେଣ୍ୟ ସନ୍ତାନ,ଭୂତପୂର୍ବ ରାଷ୍ଟ୍ରପତି, ପ୍ରଜ୍ଞାପୁରୁଷ, ବିଶ୍ୱର ଶ୍ରେଷ୍ଠ ଦାର୍ଶନିକ, ବିଶିଷ୍ଟ ଶିକ୍ଷକ ଡ଼କ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମତିଥିକୁ ଗୁରୁଦିବସ ରୂପେ ପାଳନ କରାଯାଏ । ସେ ଜଣେ ଗୁରୁଭାବେ ନିଜ ପରିଚିତିକୁ ପରିବ୍ୟାପ୍ତ କରାଇଥିଲେ । "ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ୍ ପରମ୍ ବ୍ରହ୍ମ, ତସ୍ମୈଶ୍ରୀ ଗୁରବେ ନମଃ ।" ଗୁରୁ କେବେ ବ୍ରହ୍ମା ସାଜି ଶିଷ୍ୟକୁ ନିଜ ହାତରେ ଗଢିତୋଳିଥାନ୍ତି, ବିଷ୍ଣୁ ସାଜି କରନ୍ତି ସମୃଦ୍ଧ ଏବଂ ପରିପୁଷ୍ଟ । ଆଉ କେବେ ଶିବ ସାଜି ଛାତ୍ର ଜୀବନରେ ଥିବା ଆବିଲତାର ସଂହାର କରିଥାନ୍ତି। ତେଣୁ ଗୁରୁଙ୍କୁ ତ୍ରିଦେବଙ୍କ ସ୍ୱରୂପ ଭାବି ପୂଜା କରାଯାଇଥାଏ । ପୁରାଣମତେ ଗୁରୁ କୌଣସି ଶରୀର ନୁହଁନ୍ତି, ଗୁରୁ ହେଉଛନ୍ତି ଏକ ସତ୍ତା ଓ ଏକ ଅନୁଭବ । ଭାରତୀୟ ସଂସ୍କୃତିରେ ଅନେକ ମହାନ ଗୁରୁ କାଳକ୍ରମେ ରହି ଆସିଛନ୍ତି । ସ୍ୱୟଂ ଭଗବାନଙ୍କ ସମେତ, ଦେବତା ମାନଙ୍କଠାରୁ ଆରମ୍ଭ କରି ଦୈତ୍ୟ ଏବଂ ଦାନ୍ଵ ମାନଙ୍କର ମଧ୍ୟ ଗୁରୁ ରହି ଆସିଛନ୍ତି। ସେମାନଙ୍କ ମଧ୍ୟରୁ ପୁରାଣରୁ ଉଦ୍ଧୃତ କିଛି କାଳଜୟୀ ଗୁରୁଙ୍କ ସମ୍ବନ୍ଧରେ ଆଲୋଚନା କରିବା । ପର୍ଶୁରାମ - ପର୍ଶୁରାମ ଅବତାର ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ୬ଷ୍ଠ ଅବତାର ।ପର୍ଶୁରାମ ଜମଦଗ୍ନି ଏବଂ ରେଣୁକାଙ୍କର ପୁତ୍ର ଥିଲେ। ଭୟାନକ ପରିକ୍ରମା କରିବା ପରେ ପର୍ଶୁରାମ ଭଗବାନ ଶିବଙ୍କ ଠାରୁ ଏକ କୁରାଢି ପ୍ରାପ୍ତ କରିଥିଲେ। ଭଗବାନ ଶିବ ତାଙ୍କୁ ଯୁଦ୍ଧ ଶିକ୍ଷା ସହ ଅନ୍ୟ କୌଶଳ ମଧ ଶିକ୍ଷାଦାନ କରିଥିଲେ। ବ୍ରାହ୍ମଣ ପରିବାରରେ ଜନ୍ମ ହୋଇ ମଧ ତାଙ୍କର ଲକ୍ଷଣ ବ୍ରାହ୍ମଣଙ୍କ ବିପରୀତ ଥିଲା। ଏହିକାରଣରୁ ପର୍ଶୁରାମ କ୍ଷେତ୍ରୀୟ ଲକ୍ଷଣକୁ ଆପଣାଇ ଥିଲେ, ଯେଉଁଥିରେ ଆକ୍ରାମକତା, ଯୁଦ୍ଧ ଏବଂ ବିରତା ସାମିଲ ରହିଥିଲା। ସେଥିପାଇଁ ତାଙ୍କୁ 'ବ୍ରହ୍ମ-କ୍ଷତ୍ରୀୟ' କୁହାଯାଇଥାଏ ।ଲୋକକଥା ଅନୁଯାୟୀ ପର୍ଶୁରାମ ଭଗବାନ ଶ୍ରୀକୃଷ୍ଣଙ୍କୁ ସୁଦର୍ଶନ ଚକ୍ର ଦେଇଥିଲେ। ଉଲ୍ଲେଖ ରହିଛି ଭଗବାନ ବିଷ୍ଣୁଙ୍କ ୬ଷ୍ଠ ଅବତାର ପର୍ଶୁରାମ ଅବତାରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଂସାରରେ ସମସ୍ତ ପାପୀ ଏବଂ ଅଧାର୍ମିକ ରାଜାମାନଙ୍କର ହତ୍ୟା କରି ପୃଥିବୀକୁ ମୁକ୍ତ କରିବା, ଯାହା ଭଗବାନ ବିଷ୍ଣୁ ପର୍ଶୁରାମ ଅବତାରରେ କରିଛନ୍ତି। ପୁରାଣ ଅନୁସାରେ ସେ ଜଣେ ଚିରଞ୍ଜୀବୀ ଓ ସେ କଳି ଯୁଗ ଶେଷରେ ବିଷ୍ଣୁଙ୍କ ଦଶମ ଏବଂ ଶେଷ ଅବତାର କଳ୍କୀଙ୍କର ଗୁରୁ ଭାବେ ଅବତରିବେ । ତାଙ୍କୁ କେତେକ ହିନ୍ଦୁ ଗ୍ରନ୍ଥରେ ରାମ ଜମାଦାଗ୍ନ୍ୟ, ରାମ ଭାର୍ଗବ ଏବଂ ବୀରରାମ ମଧ କୁହାଯାଏ। ପର୍ଶୁରାମ ଦ୍ୱାପର ଯୁଗରେ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ ଏବଂ କର୍ଣ୍ଣ ଆଦି ମହାରଥୀଙ୍କର ମଧ ଗୁରୁ ଥିଲେ । ଗୁରୁ ଦ୍ରୋଣାଚାର୍ଯ୍ୟ - ଗୁରୁ ଦ୍ରୋଣାଚାର୍ଯ୍ୟ ମହାନ ଧନୁର୍ଦ୍ଧର ମାନଙ୍କ ମଧ୍ୟରେ ସ୍ଥାନ ପାଆନ୍ତି । ଗୁରୁ ଦ୍ରୋଣ ଜଣେ ମହାନ ଯୋଦ୍ଧା ହୋଇଥିଲେ ମଧ୍ୟ ତାଙ୍କ ଜନ୍ମ ବୃତ୍ତାନ୍ତ ହେଉଛି ସବୁଠାରୁ ଆଶ୍ଚର୍ଯ୍ୟଜନକ । ତାଙ୍କ ପିତା ହେଉଛନ୍ତି ମହର୍ଷି ଭାରଦ୍ୱାଜ ହେଲେ ବିନା ମା'ରେ ଭୂମିଷ୍ଠ ହୋଇଥିଲେ ଭାରତର ଏହି ମହାନ ଗୁରୁ ଏବଂ ସାଜିଥିଲେ ମହାନ ଧନୁର୍ଦ୍ଧର । ମାତୃ ଗର୍ଭରୁ ଜନ୍ମ ନନେଇ ଏକ ପତ୍ର ଠୋଲାରେ ଜନ୍ମଗ୍ରହଣ କରିଥିବାରୁ ତାଙ୍କ ନାମ ହୋଇଥିଲା ଦ୍ରୋଣ । ସେ ପରବର୍ତ୍ତୀ ସମୟରେ ଭଗବାନ ପର୍ଶୁରାମଙ୍କ ଶିଷ୍ୟତ୍ୱ ଲାଭକରି ସମସ୍ତ ଦିବ୍ୟ ଅସ୍ତ୍ର ଶସ୍ତ୍ରର ଜ୍ଞାନପ୍ରାପ୍ତ କରିଥିଲେ । କୂପ ମଧ୍ୟରୁ ଶର ସାହାଯ୍ୟରେ ସୁନାର ବଲଟିକୁ କାଢ଼ିବାପରେ, ସେ ପାଣ୍ଡବ ଏବଂ କୌରବଙ୍କର ଗୁରୁ ପାଲଟିଯାଇଥିଲେ। । ଏକ ମଗର ଆକ୍ରମଣରୁ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପ୍ରାଣରକ୍ଷା କରି ଅର୍ଜୁନ ପାଲଟିଯାଇଥିଲେ ତାଙ୍କ ପ୍ରିୟ ଶିଷ୍ୟ । ନିଜ ପ୍ରିୟତମ ଶିଷ୍ୟକୁ ବିଶ୍ୱର ସର୍ବଶ୍ରେଷ୍ଠ ଧନୁର୍ଧର ରୂପେ ଗଢି ତୋଳିବାର ପ୍ରତିଶ୍ରୁତିକୁ ରକ୍ଷା କରିବାକୁ ଯାଇ,



ନିଜର ଅନ୍ୟତମ ଶିଷ୍ୟ ଏକଲବ୍ୟ ଠାରୁ ଦକ୍ଷିଣ ହସ୍ତରେ ବୃଦ୍ଧାଙ୍ଗୁଳିଟିକୁ ଗୁରୁ ଦକ୍ଷିଣାରୂପେ ମାଗି ନେଇଥିଲେ । ରାଜସତ୍ତା ପ୍ରତି ବଚନବଦ୍ଧତା ଦୃଷ୍ଟିରୁ ସେ ମହାଭାରତ ଯୁଦ୍ଧରେ କୌରବସେନା ପକ୍ଷରୁ ଲଢ଼ିଥିଲେ । ଗୁରୁ କୃପାଚାର୍ଯ୍ୟ - ଗୌତମରଷିଙ୍କ ପୌତ୍ର ତଥା ଶରଦ୍ୱାନରଷିଙ୍କ ପୁତ୍ର ଥିଲେ ଗୁରୁ କୃପାଚାର୍ଯ୍ୟ । ତାଙ୍କ ପିତାଙ୍କ ପରି କୃପାଚାର୍ଯ୍ୟ ମଧ ପ୍ରବୀଣ ଧନୁର୍ଦ୍ଧର ଥିଲେ ।ସେ କୌରବ ଏବଂ ପାଣ୍ଡବଙ୍କର ଗୁରୁ ତଥା ମହାଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ର । ସେ ମଧ ସପ୍ତ ଚିରଞ୍ଜୀବିଙ୍କ ମଧ୍ୟରୁ ଜଣେ । ତାଙ୍କୁ ବ୍ରହ୍ମାଙ୍କର ଚତୁର୍ଥ ଅବତାର ତଥା କଳି ଯୁଗରେ ଥିବା ରଷିମାନଙ୍କ ମଧ୍ୟରେ ଅଗ୍ରଣୀ ବୋଲି ବିଶ୍ୱାସ କରାଯାଏ । କୃପାଚାର୍ଯ୍ୟ ହସ୍ତିନାପୁରର କୁଳଗୁରୁ ହୋଇଥିଲେ । ତାଙ୍କୁ ଯୁବ ରାଜକୁମାରମାନଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେବା ଦାୟିତ୍ୱ ଦିଆଯାଇଥିଲା । ପିତାମହ ଭୀଷ୍ମ, ପାଣ୍ଡବ ଏବଂ କୌରବ ମାନଙ୍କୁ ସେ ଶସ୍ତ୍ରଜ୍ଞାନ ଦେଇଥିଲେ । ମହାଭାରତ ଯୁଦ୍ଧ ଶେଷ ହେବାପରେ ଗୁରୁ କୃପାଚାର୍ଯ୍ୟ, ପାଣ୍ଡବ ମାନଙ୍କ ମଧ୍ୟରେ ମହାପ୍ରତାପୀ, କଳି ଯୁଗର ପ୍ରଥମ ରାଜା ଏବଂ ଅର୍ଜୁନଙ୍କ ନାତି,ପରୀକ୍ଷିତଙ୍କ ଗୁରୁ ତଥା ପରାମର୍ଶଦାତା ଭାବରେ ମଧ୍ୟ ନିଯୁକ୍ତ ହୋଇଥିଲେ । ୪ବେଦବ୍ୟାସ୪ - ବେଦବ୍ୟାସ ବା ବ୍ୟାସଦେବ ହିନ୍ଦୁ ଧର୍ମରେ ବର୍ଣ୍ଣିତ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଅଟନ୍ତି । ସେ ବେଦକୁ ଚାରି ଭାଗରେ ବିଭକ୍ତ କରିଥିଲେ । ବ୍ୟାସଦେବ, ମହାଭାରତ ଭଳି ମହାନ ଗ୍ରନ୍ଥର ରଚୟିତା ହେବା ସହ ଏହାର ଏକ ଚରିତ୍ର ବି ଅଟନ୍ତି । ରଷି ପରାଶରଙ୍କ ଔରସରେ ମତ୍ସ୍ୟଗନ୍ଧା (ସତ୍ୟବତୀ)ଙ୍କ ଗର୍ଭରୁ ଆଷାଢ଼ ପୂର୍ଣ୍ଣମା ଦିନ ମହର୍ଷି ବ୍ୟାସଦେବ ଗଙ୍ଗାନଦୀ ଗର୍ଭସ୍ଥ କୃଷ୍ଣଦ୍ୱୀପରେ ଜନ୍ମ ଗ୍ରହଣ କରିଥିଲେ ସେଥିପାଇଁ ମହର୍ଷିଙ୍କୁ କୃଷ୍ଣଦ୍ୱୈପାୟନ ବ୍ୟାସ ବୋଲି ମଧ୍ୟ କୁହାଯାଏ । ତାଙ୍କ ଜନ୍ମତିଥିଟିକୁ ଗୁରୁପୂର୍ଣ୍ଣମା ବା ବ୍ୟାସପୂର୍ଣ୍ଣମା ଭାବେ ସାରା ଭାରତରେ ପାଳନ କରାଯାଏ । ପ୍ରାଚୀନ ଗ୍ରନ୍ଥାନୁସାରେ ବେଦବ୍ୟାସ ସ୍ୱୟଂ ବିଷ୍ଣୁଙ୍କର ଅବତାର ବୋଲି ବର୍ଣ୍ଣନା କରାଯାଏ । ଜନଆସ୍ଥା ଅନୁସାରେ ବ୍ୟାସଦେବ ହିଁ ଚାରିବେଦ, ଅଷ୍ଟାଦଶ ପୁରାଣ ଏବଂ ସଂସାରର ସର୍ବବୃହତ କାବ୍ୟ ମହାଭାରତର ରଚନା କରିଥିଲେ । ତାଙ୍କ ଶିଷ୍ୟ ମାନଙ୍କ ମଧ୍ୟରେ ପ୍ରମୁଖ ହେଉଛନ୍ତି ରଷି ଜୈମିନି, ବୈଶମ୍ପାୟନ, ମୁନି ସୁମନ୍ତ ଏବଂ ରୋମହର୍ଷଣ ଆଦି । ମହର୍ଷି ବାଲ୍ମୀକି - ବାଲ୍ମିକୀ ସଂସ୍କୃତ ସାହିତ୍ୟର ଅଗ୍ରଗଣ୍ୟ କବି ତଥା ସଂସ୍କୃତ ରାମାୟଣର ସ୍ରଷ୍ଟା । ରାମାୟଣ ମହାକାବ୍ୟରେ ଭଗବାନ ରାମଙ୍କ ଜୀବନ ମାଧ୍ୟମରେ ସେ ବିଶ୍ୱବାସୀଙ୍କୁ ମାନବ ଜୀବନର ସତ୍ୟ ତଥା କର୍ତ୍ତବ୍ୟ ବିଷୟରେ ଅବଗତ କରାଇଛନ୍ତି । ପ୍ରଥମ ସଂସ୍କୃତ ମହାକାବ୍ୟ ଭାବେ ରାମାୟଣ ଗ୍ରନ୍ଥ ରଚନା କରିଥିବରୁ ସେ ମଧ ଆଦିକବି ଭାବେ ଖ୍ୟାତ । ମାନ୍ୟତା ରହିଛି ଯେ ମହର୍ଷି ବାଲ୍ମୀକି ପୂର୍ବଜନ୍ମରେ ଏକ ଭୟାନକ ଦସ୍ୟୁ ଥିଲେ । ଦେବର୍ଷି ନାରଦ ସତକର୍ମର ଶିକ୍ଷା ଦେଇଥିଲେ । ଡାକୁ ରତ୍ନାକରରୁ ସେ ସାଧକ ହୋଇଥିଲେ ପରବର୍ତ୍ତୀ ସମୟରେ ବରୁଣଙ୍କ ପୁତ୍ର ଭାବେ ଜନ୍ମହୋଇ କଠୋର ତପସ୍ୟା କରି ମହର୍ଷି ପଦ ପ୍ରାପ୍ତହେଲେ । ଭଗବାନ ଶ୍ରୀରାମଙ୍କର ସେ ଗୁରୁଥିଲେ। ଏହାସହିତ ଶ୍ରୀରାମ ଓ ସୀତାଙ୍କ ପୁତ୍ର ଲବ ଓ କୁଶଙ୍କ ଗୁରୁ ମଧ ଥିଲେ ।

ବିଶ୍ୱାମିତ୍ର- ବିଶ୍ୱାମିତ୍ର ଜନ୍ମ ଅନୁସାରେ କ୍ଷତ୍ରିୟ ଥିଲେ, ମାତ୍ର ତାଙ୍କ ଘୋର ତପସ୍ୟା ବଳରେ ସନ୍ତୁଷ୍ଟ ହୋଇ ସ୍ୱୟଂ ବ୍ରହ୍ମା ତାଙ୍କୁ ବ୍ରହ୍ମର୍ଷି ହେବାର ଆଶୀର୍ବାଦ ଦେଇଥିଲେ । କୁହାଯାଏ ବିଶ୍ୱାମିତ୍ର ମହର୍ଷି ଭୃଗୁଙ୍କ ବଂଶଧର ଥିଲେ । ତ୍ରେତୟା ଯୁଗରେ ମହର୍ଷି ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ ନିଜ ପାଖରେ ରଖିଥିଲେ ଏବଂ ଅନେକ ଅସ୍ତ୍ର ଶସ୍ତ୍ରର ଜ୍ଞାନ ଦେଇଥିଲେ । ସ୍ୱୟଂ ସନ୍ଧାନ କରିଥିବା ଅନେକ ଦିବ୍ୟାସ୍ତ୍ର ପ୍ରଦାନ କରିଥିଲେ । ଜାନକୀ ସ୍ୱୟଂମ୍ବର ପାଇଁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ସେ ହିଁ ମିଥିଳା ନେଇ ଯାଇଥିଲେ । ରଷି ବିଶ୍ୱାମିତ୍ର ତାଙ୍କ ପ୍ରଭାବ ଯୋଗୁଁ,ନିଜ ତପୋବଳରେ ଦ୍ୱିତୀୟ ସ୍ୱର୍ଗ ନିର୍ମାଣ କରିବାର କ୍ଷମତା ରଖିଥିଲେ । ସେ ପବିତ୍ର ଗାୟତ୍ରୀ ମନ୍ତ୍ରର ରଚୟିତା ମଧ। ଗୁରୁ ସନ୍ଦୀପନି - ମହର୍ଷି ସନ୍ଦୀପନି କାଶ୍ୟପ ଗୋତ୍ରରେ ଜନ୍ମିତ ବ୍ରାହ୍ମଣ ଥିଲେ । ମହର୍ଷି ସନ୍ଦୀପନି ଶ୍ରୀକୃଷ୍ଣ, ବଳରାମ ଏବଂ ସୁଦାମାଙ୍କ ଗୁରୁ ଥିଲେ । ଶ୍ରୀକୃଷ୍ଣ ଓ ବଳରାମ ତାଙ୍କଠାରୁ ଶିକ୍ଷା ଗ୍ରହଣପାଇଁ ମଥୁରାରୁ ଅବନ୍ତିକା ନଗରୀ (ବର୍ତ୍ତମାନର ମଧ୍ୟପ୍ରଦେଶର ଉଜ୍ଜୟିନୀ) ଆସିଥିଲେ ।ଭଗବାନ ବିଷ୍ଣୁଙ୍କ ପୁନଃଅବତାର ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୁରୁଙ୍କଠାରୁ ଶିକ୍ଷାଲାଭ କରିଥିଲେ । ସେ ହିଁ ଭଗବାନ ଶ୍ରୀକୃଷ୍ଣଙ୍କୁ ଚଉଦ ପ୍ରକାରର ବିଦ୍ୟା(ଯୁଦ୍ଧ ବିଦ୍ୟା ସମେତ) ଏବଂ ୬୪କଳା ଶିଖାଇଥିଲେ । କୁହାଯାଏ ଯେ ଭଗବାନ ଶ୍ରୀକୃଷ୍ଣ ୬୪ ଦିନରେ ହିଁ ୬୪ କଳା ଶିଖିଯାଇଥିଲେ । ଶ୍ରୀକୃଷ୍ଣ ୧୮ ବର୍ଷ ବୟସରେ ଶିକ୍ଷା ସମାପ୍ତ କରିଥିଲେ ଏବଂ ଗୁରୁ ଦକ୍ଷିଣା ଦେବା ପାଇଁ ସ୍ୱୟଂ ସ୍ୱଦେହରେ ଯମପୁରକୁ ଯାତ୍ରା କରି ଗୁରୁଙ୍କ ପୁତ୍ରକୁ ପୁନଃ ପୃଥିବୀକୁ ଫେରାଇ ଆଣିଥିଲେ । ଗୁରୁ ବଶିଷ୍ଠ - ଗୁରୁ ବଶିଷ୍ଠ ସୂର୍ଯ୍ୟବଂଶର କୁଳଗୁରୁ ଥିଲେ । ତାଙ୍କ ପରାମର୍ଶରେ ମହାରାଜା ଦଶରଥ ପୁତ୍ରେଷ୍ଟି ଯଜ୍ଞ କରିଥିଲେ, ଯାହାର ଫଳସ୍ୱରୂପ ଶ୍ରୀ ରାମଚନ୍ଦ୍ର, ଲକ୍ଷ୍ମଣ, ଭରତ ଏବଂ ଶତ୍ରୁଘ୍ନ ଜନ୍ମଲାଭ କରିଥିଲେ । ରାଜା ଦଶରଥଙ୍କ ଚାରି ପୁତ୍ରଙ୍କ ଗୁରୁ ଥିଲେ ବଶିଷ୍ଠ। ସେମାନେ ଗୁରୁଙ୍କ ଠାରୁ ବେଦ ବେଦାଙ୍ଗ ଶିକ୍ଷା ଗ୍ରହଣ କରିଥିଲେ । ବଶିଷ୍ଠଙ୍କ କହିବାନୁସାରେ ରାଜା ଦଶରଥ ନିଜ ୪ପୁତ୍ରଙ୍କୁ ରଷି ବିଶ୍ୱାମିତ୍ରଙ୍କ ସହ ଆଶ୍ରମରେ ରାକ୍ଷସଙ୍କୁ ବଧ କରିବା ପାଇଁ ପଠାଇଥିଲେ। ଶ୍ରୀରାମ ବନବାସରୁ ଫେରିବା ପରେ ଗୁରୁ ବଶିଷ୍ଠ ହିଁ ତାଙ୍କର ରାଜଭିଷେକ କରାଇଥିଲେ।

ଦେବଗୁରୁ ବୃହସ୍ପତି - ଗୁରୁ ବୃହସ୍ପତି ଦେବତାମାନଙ୍କ ଗୁରୁ ଅଟନ୍ତି । ମହାଭାରତର ଆଦିପର୍ବ ଅନୁସାରେ ବୃହସ୍ପତି ଥିଲେ ମହର୍ଷି ଅଙ୍ଗିରାଙ୍କ ପୁତ୍ର । ଦେବଗୁରୁ ରଯୋଘ୍ର ମନ୍ତ୍ରାଦି ପାଠ କରି ଦେବତା ମାନଙ୍କୁ ପୋଷଣ ଏବଂ ରକ୍ଷଣ କରିଥାନ୍ତି । ଏବଂ ଦୈତ୍ୟ ମାନଙ୍କ ଠାରୁ ଦେବତା ମାନଙ୍କୁ ରକ୍ଷା କରନ୍ତି । ଦୈତ୍ୟଗୁରୁ ଶୁକ୍ରଚାର୍ଯ୍ୟ - ଭୃଗୁ ରଷି ଏବଂ ହୀରନ୍ୟକାଶ୍ୟପ ପୁତ୍ରୀ ଦିବ୍ୟାଙ୍କ ପୁତ୍ର ଅସୁରାଚାର୍ଯ୍ୟ ଯିଏ ଶୁକ୍ରାଚାର୍ଯ୍ୟ ନାମରେ ଅଧିକ ପ୍ରସିଦ୍ଧ। ତାଙ୍କର ଜନ୍ମ ନାମ ହେଉଛି 'ଶୁକ୍ର ଉଷନସ'। ପୁରାଣ ଅନୁଯାୟୀ ସେ ଅସୁର(ଦୈତ୍ୟ, ଦାନବ ଏବଂ ରାକ୍ଷସ) ମାନଙ୍କର ଗୁରୁ ଏବଂ ପୁରୋହିତ ଥିଲେ । ଭଗବାନ ଶଙ୍କର ତାଙ୍କୁ ମୃତ୍ୟୁ ସଞ୍ଜିବନୀ ମନ୍ତ୍ର ପ୍ରଦାନ କରିଥିଲେ । ଏହି ମନ୍ତ୍ର ପ୍ରୟୋଗ କରି ସେ ଦୈତ୍ୟମାନଙ୍କୁ ପୁର୍ନଜୀବିତ କରୁଥିଲେ। ସ୍ୱୟଂ ଦେବଗୁରୁ ବୃହସ୍ପତିଙ୍କ ପୁତ୍ର କଚ, ଶୁକ୍ରାଚାର୍ଯ୍ୟଙ୍କଠାରୁ ଶିକ୍ଷା ଗ୍ରହଣ କରିଥିଲେ । ନିଜେ ଗୁରୁ ଭୟାନକ ଦୈତ୍ୟ ମାନଙ୍କ କବଳରୁ ନିଜ ଦେବଶିଷ୍ୟକୁ ରକ୍ଷା ମଧ୍ୟ କରିଥିଲେ । ଉପରେ ସଂକ୍ଷିପ୍ତରେ ଆଲୋଚନା ହୋଇଥିବା ଗୁରୁମାନେ ପୁରାଣରୁ ଉଦ୍ଧୃତ ଅସାମାନ୍ୟ ଗୁରୁ ଅଟନ୍ତି । ଆହୁରି ଅନେକ ଗୁରୁ ଅଛନ୍ତି ଯେଉଁମାନଙ୍କ ବିଷୟରେ ଯେତେ ଆଲୋଚନା କଲେ ମଧ୍ୟ ଯଥେଷ୍ଟ ନୁହଁ । ଗୁରୁ ଶିଷ୍ୟ ପରମ୍ପରା ରହିଛି ଯୁଗ ଯୁଗ ଧରି । ଦେବତା ହୋଇ ଜନ୍ମିଲେ ବି ଗୁରୁ ନିହାତି ଜରୁରୀ ।ସଂସାରର ସବୁକିଛି ଭିତରେ ଗୁରୁଙ୍କ୍ କଦର୍ଶନ କରିହେବ । ସିଏ ଗଛଟିଏ ହେଉ ବା ମଣିଷଟିଏ, ସେ ପିମ୍ପୁଡିଟିଏ ହେଉ ବା ହାତୀଟିଏ । ତୈତ୍ତିରୀୟ ଉପନିଷଦରେ ଏ ପ୍ରସଙ୍ଗରେ ଉଲ୍ଲେଖ ଅଛି, 'ଆଚାର୍ଯ୍ୟଃ ପୂର୍ବରୂପମ୍, ଅନ୍ତେବାସ୍ୟୁତ୍ତରୂପମ୍, ବିଦ୍ୟାସନ୍ଧିଃ, ପ୍ରବଚନଗମ୍ ସନ୍ଧାନମ୍' ଅର୍ଥାତ୍ ଗୁରୁ ଏବଂ ଶିଷ୍ୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ଭାରତୀୟ ପରମ୍ପରାରେ ଗୁରୁପୂଜା କେଉଁ ପୁରାତନ ଯୁଗରୁ ଚଳି ଆସୁଅଛି । ଗୁରୁଙ୍କ ପ୍ରତି ସେହି ଶ୍ରଦ୍ଧା ଏବଂ ସମ୍ମାନ ଆଜି ବି ସତେଜ । ପୁରାତନରୁ ପ୍ରାଚୀନ, ବେଦ, ଔପନିଷଦ ତଥା ଶାସ୍ତ୍ରର ଏବଂ ତଦପରକାଳରୁ ଚଳିତ ସମୟ ପର୍ଯ୍ୟନ୍ତ,ସମସ୍ତ ଗୁରୁଙ୍କୁ ମୋର ସାଦରେ ପ୍ରଣାମ।


+ଭି ଏସ ଏସ ନଗର

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୫ ସେପ୍ଟେମ୍ବର ୨୦୨୪, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭୟାନକ ଅପରାଧ ...

ଶିଶୁ ଓ କିଶୋରଙ୍କ ବିରୋଧରେ ଅପରାଧ ହେଉ କିମ୍ବା ସେମାନଙ୍କ ଦ୍ୱାରା ସଂଘଟିତ ଅପରାଧ, ଉଭୟ ଚିନ୍ତାଜନକ। ଶିଶୁ, ବିଶେଷକରି କନ୍ୟା ଶିଶୁ ଓ କିଶୋରୀଙ୍କୁ ନିର୍ଯାତନା, ଉତ୍ପୀଡ଼ନ, ହତ୍ୟା ଆଦି ଏକ ସଭ୍ୟ ଓ ଗଣତାନ୍ତ୍ରିକ ସମାଜରେ ଅପସଂସ୍କୃତିର ଅବାଞ୍ଛିତ ଓ ଲଜ୍ଜାଜନକ କଳୁଷିତ ପରମ୍ପରାର ରୂପ ନେଇଛି ବୋଲି କହିବାରେ ଅତିଶୟୋକ୍ତି ହେବ ନାହିଁ। କିନ୍ତୁ ଉଦ୍‌ବେଗଜନକ ସମସ୍ୟା ହେଉଛି ଶିଶୁ ଓ କିଶୋରଙ୍କ ଅପରାଧ ହାର ମଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏଭଳି କିଶୋର ଅପରାଧ ତାଲିକାରେ ଯେତେବେଳେ ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟର ନାମ ଆସୁଛି ତାହା ବୁଦ୍ଧିଜୀବୀ, ମନସ୍ତତ୍ୱବିତ୍ ଓ ସମାଜ ବିଜ୍ଞାନୀଙ୍କୁ ଆନ୍ଦୋଳିତ କରୁଛି। ବିଗତ ଦୁଇ ସପ୍ତାହ ମଧ୍ୟରେ ତିନିଟି ଏଭଳି ଘଟଣାର ପୁନରାବୃତ୍ତି ହେବା ନିଶ୍ଚୟ ଚିନ୍ତାଜନକ। ଅତୀତରେ ମଧ ନୟାଗଡ଼ରେ ପରୀ ହତ୍ୟା ଭଳି ଅନେକ ଲୋମଟାଙ୍କୁରା ଶିଶୁ ଅପରାଧମାନ ଘଟିଥିବାର ପରିସଂଖ୍ୟାନ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋରେ ଲିପିବଦ୍ଧ ରହିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ୨୦୧୩ରୁ ୨୦୨୨ ମଧ୍ୟରେ ସଂଘଟିତ ବାଳ ଅପରାଧରେ ଦୋଷୀଙ୍କ ବୟସ ୧୬ରୁ ୧୮ ବର୍ଷ ମଧ୍ୟରେ। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ଏହି ପ୍ରବଣତା ହାର ସବୁଠାରୁ ଅଧିକ ଥିବା ବେଳେ ଓଡ଼ିଶାର ସ୍ଥାନ ଏହି ତାଲିକାରେ ୧୨ମ। କିନ୍ତୁ ଗତ କିଛିଦିନର ଧାରା ଯଦି ଜାରି ରହେ ତେବେ ଓଡ଼ିଶା ମଧ ତାଲିକାର ଉପରକୁ ଉଠିବା ବିଚିତ୍ର ନୁହେଁ। ଶୈଶବ ଓ କୈଶୋରର କୋମଳ ମସ୍ତିଷ୍କ ଅପରାଧ ଭଳି କଠୋର ଓ ହିଂସ୍ର ମାନସିକତା ପ୍ରତି କାହିଁକି ଟାଣି ହୋଇଯାଉଛି, ତା'ପଛରେ ଅନେକ କାରଣ ରହିଛି। ମନସ୍ତତ୍ୱବିତ୍‌ଙ୍କ ମତାନୁଯାୟୀ ଶିଶୁଙ୍କ ବିରୋଧରେ ସଂଗଠିତ ଅପରାଧ ପରବର୍ତ୍ତୀ ସମୟରେ ତା'କୁ ପ୍ରତିହିଂସା ପରାୟଣ ଓ ଅପରାଧୀ କରି ଗଢ଼ି ତୋଳୁଛି। ଗବେଷଣାଲବ୍ଧ ସିଦ୍ଧାନ୍ତ ଅନୁଯାୟୀ ଶୈଶବ ଓ କୈଶୋର ଅପରାଧ ପଛରେ ପାରିବାରିକ, ଅର୍ଥନୈତିକ, ସାମାଜିକ, ପରିବେଶ ଓ ସର୍ବୋପରି ସମୟର ପ୍ରଭାବ ଓ ଛାପ ରହିଛି। ଯଦି ପରିବାରରେ ସବୁବେଳେ ଅଶାନ୍ତି ଲାଗି ରହେ ସେହି ପରିସ୍ଥିତିରେ ଶାନ୍ତ ପରିବେଶକୁ ଖୋଜି ବୁଲୁଥିବା ଶିଶୁର କୋମଳ ମସ୍ତିଷ୍କରେ ବିରକ୍ତ ଓ ଅସ୍ଥିରତାର ସଂଘାତ ସୃଷ୍ଟି ହୁଏ। କାଳକ୍ରମେ ଏହା ବିଦ୍ରୋହର ରୂପ ନେଇ ଶିଶୁ/କିଶୋର ମସ୍ତିଷ୍କକୁ ଅପରାଧପ୍ରବଣ କରାଏ। ସେହିଭଳି ପରିବାରର ଆର୍ଥିକ ଅନଟନ କାରଣରୁ ଯେତେବେଳେ ପେଟପାଟଣା ପାଇଁ ଶିଶୁ/କିଶୋରଟିଏ ଘରୁ ବାହାରକୁ ଗୋଡ଼ କାଢ଼େ ସେତେବେଳେ କର୍ମକ୍ଷେତ୍ରରେ ବିଭିନ୍ନ ନକାରାତ୍ମକ ଚରିତ୍ର ଓ ପରିବେଶ ସହିତ ଲଢ଼ିବାକୁ ପଡ଼େ। ଏହା ଶିଶୁକୁ ପ୍ରତିଶୋଧପରାୟଣ ଓ କଠୋର କରେ। ଫଳରେ ସମୟ ପଡ଼ିଲେ ସେ ମଧ ଅପରାଧ କରିବାକୁ ପଛାଏ ନାହିଁ। ଅର୍ଥ ରୋଜଗାର ପାଇଁ ସାଙ୍ଗ ମେଳରେ ଅନ୍ୟର ପ୍ରରୋଚନାରେ ଚୋରି, ଡକାୟତି ପରି କାର୍ଯ୍ୟରେ ଲିପ୍ତ ରୁହେ। ଏହାଛଡ଼ା ଯଦି ପାରିପାର୍ଶ୍ୱିକ ପରିବେଶ ଅପରାଧ ଓ ଅପରାଧୀ ପ୍ରବଣ ହୁଏ ତାହାର ପ୍ରଭାବ ମଧ ଶିଶୁ ଓ କିଶୋରର ମସ୍ତିଷ୍କକୁ ପ୍ରଭାବିତ କରେ। ଅଧାରୁ ପାଠ ଛାଡ଼ିବା, ନିଶାସକ୍ତ ହେବା ଇତ୍ୟାଦି ଅଭ୍ୟାସ ପରିବର୍ତ୍ତୀ ସମୟରେ ଅପରାଧ ଦୁନିଆ ଆଡ଼କୁ ଟାଣି ନିଏ। ସମୟର ସାମ୍ପ୍ରତିକ ପ୍ରବାହ ଧାରା ଆଧୁନିକତାର ଚାକଚକ୍ୟ, ବିଳାସ, ଉପଭୋଗ, ପ୍ରତିଷ୍ଠା ପ୍ରଦର୍ଶନ ପ୍ରୟାସ ଆଦିର ସମାହାରରେ ପରିପୁଷ୍ଟ। 'ଥିଲା ବାଲା' ଘରର ପିଲାମାନେ ଏ ସବୁ ଅନାୟାସରେ ପାଇଯାଉଥିବା ବେଳେ 'ନଥିଲା ବାଲା' ଘରର ପିଲାମାନଙ୍କୁ ସେହି କୁହୁକ ଦୁନିଆର ମାୟାଜାଲ ଆକର୍ଷଣ କରେ। କିନ୍ତୁ ବାସ୍ତବତା ଓ ଆଶା ଭିତରେ ରହିଯାଉଥିବା ଅଲଂଘ୍ୟ ଦୂରତା 'ନଥିଲା ବାଲା' ଘରର ପିଲାଙ୍କ ମନରେ ହୀନମନ୍ୟତା ସୃଷ୍ଟି କରେ। ଟେଲିଭିଜନ୍, ସାମାଜିକ ଗଣମାଧ୍ୟମ ପ୍ରଭାବରେ ହୀନମନ୍ୟତାର ଏହି ଭାବନା ଆହୁରି ଗାଢ଼ ହୁଏ। ଫଳରେ ଧନର ମାୟାଦୁନିଆକୁ ଯେନତେନ ପ୍ରକାରେ ଯିବା ପାଇଁ କିଶୋର ମସ୍ତିଷ୍କ ଆତୁର ହୋଇଉଠେ ଏବଂ ଏହି ଆତୁରତା ତା'କୁ ଅପରାଧ ଦୁନିଆ ଆଡ଼କୁ ବାଟ କଢ଼ାଏ। ଶିଶୁ ଓ କିଶୋର ଅପରାଧ ପଛର କାରଣ ଯେହେତୁ ବହୁମୁଖୀ ଏହାର ନିରାକରଣ ମଧ ସମାବେଶୀ ହେବା ଆବଶ୍ୟକ। ଏକକ ଉଦ୍ୟମରେ କିମ୍ବା କଠୋର ଦଣ୍ଡବିଧାନ, ବାଳ ସୁଧାର ଗୃହ, ଆଇନ କାନୁନ୍ କେବଳ ଏହାର ସମାଧାନ ନୁହେଁ। ବରଂ ଦଣ୍ଡବିଧାନ ଶୈଶବ ଓ କୈଶୋରକୁ ଆହୁରି ପ୍ରତିକ୍ରିୟାଶୀଳ, ପ୍ରତିଶୋଧ ପରାୟଣ, ଉଗ୍ର ଓ ହିଂସ୍ର କରିପାରେ। ତେଣୁ ସରକାରୀ, ବେସରକାରୀ, ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଆଦି ସବୁସ୍ତରରୁ ଏଥିପାଇଁ ସମ୍ମିଳିତ ଓ ସମନ୍ୱିତ ଉଦ୍ୟମ ହେବା ଆବଶ୍ୟକ। ବିଶେଷକରି ସରକାରୀସ୍ତର ଯେତେବେଳେ ତୃଣମୂଳସ୍ତର ସହିତ ଅନ୍ତରଙ୍ଗ ଭାବେ ଯୋଡ଼ି ହେବ ସେତେବେଳେ ଯାଇ ଶିଶୁମାନଙ୍କ ଅପରାଧପ୍ରବଣତାକୁ ହ୍ରାସ କରିବାରେ ପ୍ରଭାବଶାଳୀ ସଫଳତା ମିଳିବ। ଶୈଶବ ଓ କୈଶୋର ଜୀବନର ଏକ ସମ୍ବେଦନଶୀଳ ଅବସ୍ଥା ହୋଇଥିବାରୁ ପରିବାର ସଦସ୍ୟ ଓ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ଏ ଦିଗରେ ଦାୟିତ୍ୱ ଓ କର୍ତ୍ତବ୍ୟ ଅଧିକ ରହିଛି।

## ଗୁରୁ ପୂଜନର ପରମ୍ପରା: 'ଗୁରୁ ପୂର୍ଣ୍ଣିମା'ରୁ 'ଗୁରୁ ଦିବସ' ପର୍ଯ୍ୟନ୍ତ



### ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର

ଦୁର୍ଲଭ ମାନବ ଜୀବନକୁ ସରସ, ସୁନ୍ଦର, ସମର୍ଥ, ସମୃଦ୍ଧ, ସଫଳ ଓ ଶୃଙ୍ଖଳିତ କରିବାରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜୀବନର ଅଭିବୃଦ୍ଧି ବାଲ୍ୟବସ୍ଥାରୁ ଆରମ୍ଭ ହୋଇ ପୌଢ଼ାବସ୍ଥାରେ ଅନ୍ତ ହେଉଥିା ବେଳେ ଜ୍ଞାନର ଅଭିବୃଦ୍ଧି କିନ୍ତୁ ନିରନ୍ତର। ଅନ୍ୟ ପ୍ରାଣୀକୁ ଶିକ୍ଷା ଦେଇ ତାକୁ କଠୋର ଅନୁଶାସନ ମଧ୍ୟରେ ରଖିଲେ ବି ସେ ତାହାର ମୂଳ ପ୍ରବୃତ୍ତିକୁ ପରିତ୍ୟାଗ କରି ପାରେନା । କିନ୍ତୁ ମାନବ ଶିଶୁ ନିଜ ଜ୍ଞାନ ଶକ୍ତିର ଉନ୍ମେଷ ଦ୍ୱାରା ନିଜ ମୂଳଜ ପ୍ରକୃତିର ପରିବର୍ତ୍ତନ ଆଣିଥାଏ । ଯାହାର ପ୍ରୟୋଗରେ ସେ ନିଜକୁ ଜୀବନାଯୋଗୀ, ସମାଜାନୁକୂଳ ଓ ବ୍ୟବହାରିକ ରୂଚିକର ଓ ଅକ୍ଷମାନଙ୍କ ପାଇଁ ଅନୁକରଣୀୟ ହୋଇ ନିଜକୁ ଗଢ଼ି ତୋଳିପାରେ, ତାହାହିଁ ଶିକ୍ଷା । ମନୁଷ୍ୟତ୍ୱ ଲାଭ ପାଇଁ 'ଶିକ୍ଷା' ହିଁ ଏକମାତ୍ର ସାହାରା। ସେହି ଶିକ୍ଷାର ମହା ସଂଗ୍ରାମରେ 'ଗୁରୁ' ସାରଥୀ (ସେନାପତି) ଓ ଶିକ୍ଷାର୍ଥୀ ବା ଶିଷ୍ୟ ଜଣେ 'ଶୃଙ୍ଖଳିତ ସୈନିକ' ।

ଜୀବନ ସଂଗ୍ରାମରେ ଜୀବ କ୍ଷତ, ବିକ୍ଷତ ବା ନିହତ ହେବା ସ୍ଥଳେ ଶିକ୍ଷା ସଂଗ୍ରାମରେ ବ୍ୟକ୍ତିର ମାନସିକ, ଶାରୀରିକ ଓ ବୌଦ୍ଧିକ ଜ୍ଞାନର ବିକାଶ ସମ୍ଭବ ହୋଇଥାଏ । ଶିକ୍ଷା ସଂଗ୍ରାମର ଯୁଦ୍ଧକ୍ଷେତ୍ର ହେଉଛି 'ସାଧନା' । ସାଧନା ବଳରେ ଓ ଗୁରୁଙ୍କ ମାର୍ଗ ଦର୍ଶନରେ ଅଜ୍ଞାନୀ ଶିଶୁ ପରିଣତ ହୁଏ ଜଣେ ବିଜ୍ଞାନୀ ମଣିଷରେ ।

ଗୁରୁ ପରମ୍ପରା ହେଉଛି ଭାରତୀୟ ସଂସ୍କୃତିର ମୂଳ ଆଧାରଶିଳା। ତପୋନିଷ୍ଠ ସଦ୍‌ଗୁରୁମାନଙ୍କର ସଠିକ୍ ମାର୍ଗଦର୍ଶନ ଯୋଗୁଁ ବିଶ୍ୱର ପ୍ରାଚୀନତମ ବୈଦିକ ସଂସ୍କୃତି ଆଜି କେବଳ କାଳଜୟୀ ନୁହେଁ ବରଂ ମୃତ୍ୟୁଞ୍ଜୟୀ । ଭାରତ ସହ ଅଙ୍କୁରିତ ହୋଇଥିଲେ ବି ବିକାଶର ଘାତ ପ୍ରତିଘାତ ମଧ୍ୟରେ ତାହା ମହାକାଳର କରାଳ ଗର୍ଭରେ ବିଲୁପ୍ତ ଓ ବିଲିନ ହୋଇଯାଇଛି । ଏ ସବୁର ଭୁରି ଭୁରି ପ୍ରମାଣ ଇତିହାସ ପୃଷ୍ଠାରେ ଅମ୍ଳାନ ଅନ୍ଧାରରେ ଆଜି ବି ସାଇତା ହୋଇ ରହିଛି । ଏ ସବୁ କେବଳ ସମ୍ଭବ ହୋଇ ପାରିଛି ଆମର ସୁଗୁରୁ ମାନଙ୍କର ସଠିକ୍ ମାର୍ଗ ଦର୍ଶନ ଓ ସୁ-ପରାମର୍ଶ ଯୋଗୁଁ ।

ପ୍ରସିଦ୍ଧ ସ୍କନ୍ଧ ପୁରାଣରେ ଗୁରୁଙ୍କ ମହିମାକୁ ବର୍ଣ୍ଣନା କରିବାକୁ ଯାଇ ଯଥାର୍ଥରେ କୁହାଯାଇଛି- 'ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁର୍ଦେ ବୋ ମହେଶ୍ୱର, ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରୁବେ ନମଃ ।'

ଅର୍ଥାତ୍ ଗୁରୁ ହେଉଛନ୍ତି ସ୍ୱୟଂ ବ୍ରହ୍ମା (ସୃଷ୍ଟିକର୍ତ୍ତା), ବିଷ୍ଣୁ (ପାଳନ କର୍ତ୍ତା) ଓ ମହେଶ୍ୱର (ସଂହାରକର୍ତ୍ତା)ଙ୍କର ଅବତାର। ପୁରି ସେ ହେଉଛନ୍ତି ଚରମ ସଭା ପରମ ବ୍ରହ୍ମଙ୍କର ପରିପ୍ରକାଶ ।

କେବଳ ଗୁରୁ ହିଁ ଶିଷ୍ୟକୁ ବା ବିଦ୍ୟାର୍ଥୀକୁ ନବ ଜୀବନ ପ୍ରଦାନ କରିଥାନ୍ତି । 'ଗୁରୁ' ଶବ୍ଦ ହିଁ ଗୁରୁଙ୍କ ମହିମା ବର୍ଣ୍ଣନା କରିଥାଏ । 'ଗୁ'ର ଅର୍ଥ ହେଉଛି ଅନ୍ଧକାର ଓ 'ରୁ'ର ଅର୍ଥ ପ୍ରକାଶ ବା ଆଲୋକ । ଏଣୁ 'ଗୁରୁ'ର ଅର୍ଥ ହେଉଛି- 'ଅନ୍ଧାରରୁ ଆଲୋକକୁ ନେଇ ଯିବା ବ୍ୟକ୍ତି ହିଁ 'ଗୁରୁ' । ଗୁରୁ'ମାନେ ହିଁ ଶିକ୍ଷାର୍ଥୀକୁ ଅଜ୍ଞାନ ଓ ଅନ୍ଧକାରରୁ ମୁକ୍ତ କରାଇ ଜ୍ଞାନର ଆଲୋକ ପ୍ରଦାନ କରିଥାନ୍ତି । ଶିକ୍ଷା ମାନବ ଜାତିର ଅପରିହାର୍ଯ୍ୟ ଅଙ୍ଗ । 'ଶିକ୍ଷ୍' ଧାତୁରୁ ଶିକ୍ଷା ଶବ୍ଦ ଉତ୍ପନ୍ନ । ବିଭିନ୍ନ ଜ୍ଞାନ ଅର୍ଜନକୁ ବିଦ୍ୟା ବା ଶିକ୍ଷା କୁହାଯାଏ ।

ବୈଦିକ ଯୁଗରେ ଗୁରୁକୁଳ ଆଶ୍ରମ ଥିଲା ଶିକ୍ଷାର ଶ୍ରେଷ୍ଠ ସ୍ଥାନ । ଅଷ୍ଟାଦଶ ପ୍ରକାର ବିଦ୍ୟାର ଅଧାପନା ଦିଆଯାଇଥିଲା 'ଗୁରୁକୂଳ' ଆଶ୍ରମରେ । ଶିଷ୍ୟ ଜଣକ ପଚିଶ ବର୍ଷ ପର୍ଯ୍ୟନ୍ତ ସ୍ନାତକୋତ୍ତର ସମାପ୍ତି ପର୍ଯ୍ୟନ୍ତ ସଶ୍ରମ ବିଦ୍ୟାଶିକ୍ଷା କରୁଥିଲା, ସେତେବେଳେ ଭାରତର ପ୍ରସିଦ୍ଧ ନାଳନ୍ଦା ବିଶ୍ୱବିଦ୍ୟାଳୟକୁ ଦେଶାନ୍ତରରୁ ବହୁ ଛାତ୍ର ଆସି ଭାରତୀୟ ସଂସ୍କୃତି ଆଧାରିତ ବିଭିନ୍ନ ବେଦବେଦାଙ୍ଗ ଶିକ୍ଷା କରୁଥିଲେ । ଶିକ୍ଷା ପଦ୍ଧତି ଏତେ ମାର୍ଜିତ ଓ ଶୃଙ୍ଖଳିତ ଥିଲା ଯେ ସୁଦୂର ଚୀନ, ଜାପାନ, କୋରିଆ ଓ ଶ୍ୟାମ ଦେଶରୁ ବିଦ୍ୟାର୍ଥୀ ମାନଙ୍କର ସୁଅ ଛୁଟୁଥିଲା ଭାରତକୁ । ପୁଣି ଗୁରୁଜୀଙ୍କର ଜ୍ଞାନ ଓ ଶୃଙ୍ଖଳା ପୁଣି ଗୁରୁମା' ମାନଙ୍କର ସ୍ନେହ ଓ ମମତା ନିକଟରେ ବିଦ୍ୟାର୍ଥୀଗଣ ବନ୍ଧା ପଡ଼ି ଯାଉଥିଲେ ପିତାମାତାଙ୍କୁ ଭୁଲି ।

ପୁରାଣ ମତାନୁସାରେ ଆଷାଢ଼ ପୂର୍ଣ୍ଣିମା ତିଥିରେ ଭଗବାନ ବିଷ୍ଣୁ ଗୁରୁ ବେଦବ୍ୟାସଙ୍କ ନାମରେ ଜନ୍ମ ହୋଇଥିଲେ । ମହର୍ଷି ବ୍ୟାସ ମନ୍ତ୍ରର ସଂକଳନ କରିଥିଲେ । ସେ ବେଦ ମନ୍ତ୍ରର ଶ୍ଳୋକ ଓ ରହସ୍ୟକୁ ସରଳ ଓ ସୁଗମ କରିଥିଲେ । ସେ ମାନବ ଜୀବନ ଧାରାକୁ ସରଳ, ସୁଗମ ଓ ଶୃଙ୍ଖଳିତ କରିବା ସହ ନିଜକୁ ସୁସ୍ଥ, ସୁନ୍ଦର ଓ ସମୃଦ୍ଧ କରିବା ପାଇଁ ଦେବଭୂମି ଭାରତରେ ବେଦମନ୍ତ୍ରର ଧାରା ପ୍ରବାହିତ କରିଯାଇଛନ୍ତି । ମହର୍ଷି ବ୍ୟାସ ଦେବଙ୍କ କୃପାରୁ ଆଜି ମାନବ ସମାଜକୁ ଶାସ୍ତ୍ର ଓ ପୁରାଣ ଆଦି ପଢ଼ିବାକୁ ଓ ଜାଣିବାକୁ ମିଳିଛି । ତେଣୁ ଆମକୁ ସେହି ଜ୍ଞାନର ଭଣ୍ଡାର ପୁରାଣ ଏବଂ ଉପନିଷଦ ଆଦିକୁ ପଢ଼ାଉଥିବା ସହ ଆମ ଅନ୍ତରାତ୍ମାରେ ଜ୍ଞାନର ଜ୍ୟୋତିକୁ ପ୍ରଜ୍ୱୋଳିତ କରାଉଥିବା ଓ ପ୍ରଜ୍ଞାକୁ ଜାଗରଣ କରୁଥିବା ସଦ୍‌ଗୁରୁମାନେ ଆମ ପାଇଁ ଚିର ନମସ୍ୟ । ସେହି ଗୁରୁମାନେ ଉଭୟ ମିତ୍ର ଓ ଶତ୍ରୁମାନଙ୍କୁ ଅର୍ଥାତ୍ ଉଭୟଙ୍କୁ ସମାନରୂପେ କଲ୍ୟାଣ କରନ୍ତି । ଉପଯୁକ୍ତ ଶିଷ୍ୟ ସିଏ, ଯେ କି କାୟ ମନ ବାକ୍ୟରେ ଗୁରୁଙ୍କୁ କେବଳ ଅନୁସରଣ କରେ ନାହିଁ ବରଂ ଅଧିକ ଅନୁକରଣ କରେ । ଶିଷ୍ୟ ଶ୍ରଦ୍ଧାରେ ନିଜ ଗୁରୁଙ୍କ ଚରଣରେ ତନ-ମନ-ଧନ ସହ ନିଜର ସମସ୍ତ ଅହଂକାରକୁ ଗୁରୁଙ୍କ ପାଦରେ ଅର୍ପଣ ପୂର୍ବକ ମାଗୁଣି କରେ- 'କେବଳ ସଫଳ ମାନବ ଜୀବଟିଏ ବିତାଇବା ପାଇଁ । ପୁରାଣ, ବେଦ ଓ ଶାସ୍ତ୍ର ସବୁ କହେ- ଗୁରୁ ମହିମା ଅପରଂପାର । ଏହାର ଅର୍ଥ ହେଉଛି- ମନୁଷ୍ୟ ଯେତେ ତୀର୍ଥ ଯାତ୍ରା କରୁ, ଦେବା ଦେବୀ ପୂଜା କରୁ; କିନ୍ତୁ ଯେତେ ପର୍ଯ୍ୟନ୍ତ ସେ ଗୁରୁ ପୂଜା ନ କରିଛି ଓ ଗୁରୁଙ୍କ ଆଶୀର୍ବାଦ ନ ପାଇଛି; ସେତେ ପର୍ଯ୍ୟନ୍ତ ସବୁ କାର୍ଯ୍ୟ ଅଧୁରା ଓ ସବୁ କଥା ଅସମ୍ପୂର୍ଣ୍ଣ । ଏହାହିଁ ଥିଲା ଅତୀତର ଅର୍ଥାତ୍ ଆର୍ଯ୍ୟ ସଂସ୍କୃତିର ଓ ଗୁରୁଭକ୍ତିର ଚରମ ନିଦର୍ଶନ । ଗୁରୁକୂଳ ଆଶ୍ରମରେ ଛାତ୍ର ପୂର୍ଣ୍ଣାଙ୍ଗ ଶିକ୍ଷା ଲାଭ କରି ସୁମଣିଷ ହୋଇ ଘରକୁ ଫେରୁଥିଲେ ଓ ନିଜର ଭବିଷ୍ୟତ ଜୀବନକୁ ଉଜ୍ଜ୍ୱଳ କରି ଗଢୁଥିଲେ । ସେତେବେଳେ ବଶିଷ୍ଠ, ପର୍ଶୁରାମ, ଦ୍ରୋଣାଚାର୍ଯ୍ୟ ଓ ସାନ୍ଦିପନୀଙ୍କ ପରି ଗୁରୁ ଓ ଆରୁଣୀ, ଏକଲବ୍ୟ ଓ ଅର୍ଜ୍ଜୁନଙ୍କ ପରି ଶିଷ୍ୟ ଏ ଦେଶରେ ଥିଲେ।

ଦୀର୍ଘ ଦିନ ଧରି ବିଭିନ୍ନ ଶାସକମାନଙ୍କ ଦ୍ୱାରା ଦେଶ ଶାସନ ଫଳରେ ସମସ୍ତ ଅତୀତର ପରମ୍ପରା ନଷ୍ଟ ହୋଇଥିଲା । ଯାହାବି ଥିଲା ଦୀର୍ଘ ଦୁଇଶହ ବର୍ଷର ବ୍ରିଟିଶ ଶାସନରେ ଭାରତର ସେହି ପ୍ରାଚୀନ ଗୁରୁଶିଷ୍ୟ ପରମ୍ପରାକୁ ସମୂଳେ ନଷ୍ଟ କରି ଦିଆଗଲା । ୧୮୩୫ ମସିହାରେ ଲର୍ଡ ମ୍ୟାକୁଲେ ଯେଉଁ ଶିକ୍ଷା ନିତି ପ୍ରଚଳନ କଲେ ତା' ଦ୍ୱାରା ଭାରତୀୟ ମାନସିକ ସ୍ତରରେ ସବୁଦିନ ପାଇଁ ପରାଧୀନ ହୋଇ ରହିବେ । ତାହା କ୍ରମଶଃ ସତ୍ୟର ରୂପ ନେଲା । ପରାଧୀନ ରାଷ୍ଟ୍ର ଭାରତ ଅହିଂସା ଦ୍ୱାରା ୧୯୪୭ରେ ସ୍ୱାଧୀନ ହେଲା । ଆମେ ଆମ ନିଜ ରାଷ୍ଟ୍ରର ଶାସକ ହେଲୁ। ବିଭିନ୍ନ କମିଶନ ବସିବା, ଶିକ୍ଷା ପଦ୍ଧତିକୁ ପରିବର୍ତ୍ତନ କରିବା ଦ୍ୱାରା ଆଂଶିକ ଭାବରେ ଶିକ୍ଷା ପଦ୍ଧତି ପ୍ରଚଳିତ ହୋଇଛି। ସର୍ବପଲ୍ଲୀ ରାଧାକୃଷ୍ଣନ୍ ହେଉଛନ୍ତି ଆମ ସ୍ୱାଧୀନ ଭାରତର ଦ୍ୱିତୀୟ ରାଷ୍ଟ୍ରପତି । ସେ ଥିଲେ ଜ୍ଞାନ ଯୋଗୀ, ବିଦ୍‌ବଲା, ମନୀଷୀ, ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ, ବିଶ୍ୱର ଶ୍ରେଷ୍ଠ ଦାର୍ଶନିକ ପୁଣି ସାଧୁତା ଓ ସ୍ପଷ୍ଟବାଦିତାର ପ୍ରତୀକ । ପୁଣି ସେ ଥିଲେ ସରଳ, ନିରାଡମ୍ବର ତଥା ମିତବ୍ୟୟୀ । ଏଣୁ ସମସ୍ତଙ୍କ ଦୃଷ୍ଟିରେ ସେ ଥିଲେ 'ବିଶ୍ୱଗୁରୁ' । ଉତ୍ତମ ମଣିଷଟିଏ ଗଢ଼ିବା ପାଇଁ ଓ ସଫଳ ମଣିଷଟିଏ ତିଆରି କରିବା ପାଇଁ ଜଣେ 'ସଫଳ ଗୁରୁ'ର ଆବଶ୍ୟକତା । କଥା ଓ କର୍ତ୍ତବ୍ୟରେ, ଚିନ୍ତା ଓ ଚେତନାରେ, ସ୍ନେହ ଓ ମମତାରେ ସେ ହୋଇଥାନ୍ତି ଜଣେ ସଫଳ ଶିକ୍ଷକ ଓ ଗୁଣବନ୍ତ ଗୁରୁଟିଏ । ରାଷ୍ଟ୍ର ଯେତେବେଳେ ତାଙ୍କର ଜନ୍ମଦିନ ପାଳନ କରିବାକୁ ଇଚ୍ଛା ପ୍ରକାଶ କଲା, 'ସେ ନିଜର ଜନ୍ମ ଦିନକୁ 'ଗୁରୁଦିବସ' ଭାବେ ପାଳିବାକୁ ଉଚିତ ମଣିଲେ, ଜଣେ ଗୁରୁର ସମସ୍ତ ଗୁଣ ତାଙ୍କ ଠାରେ ରହିଥିଲା, ସମସ୍ୟାର ଅନୁଶୀଳନ, ସାଧୁତା, ସ୍ପଷ୍ଟ ବାଦିତା ଦୃଷ୍ଟିରୁ ସେ ଥିଲେ 'ରାଷ୍ଟ୍ରଗୁରୁ' । ନିଜର ଜ୍ଞାନ ବା ଗାରିମା ଦେଖାଇ ହେବାକୁ ସେ ପସନ୍ଦ କରୁ ନଥିଲେ । ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଧନ, ଶକ୍ତି, କ୍ଷମତା ଓ ଅଧିକାର ସ୍ଥାୟୀ ନୁହେଁ । କପଟତାର ଆଚରଣ ତଳେ ସତ୍ୟକୁ ଗୋପନ ରଖିବାକୁ ସେ ଘୃଣା କରୁଥିଲେ । ଜାତି- ନନ୍ଦିଘୋଷର ଯୋଗ୍ୟତମ ସାରଥୀ ନିର୍ମାଣ କରିବା ଦାୟିତ୍ୱ ହେଉଛି 'ଶିକ୍ଷକ ସମାଜ'ର । 'ରାଷ୍ଟ୍ରଗୁରୁ ରାଧାକୃଷ୍ଣ'ଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଦେଶରେ 'ଗୁରୁଦିବସ' ସେହି ଦିନଠାରୁ ପାଳିତ ହୋଇ ଆସୁଅଛି ।

ଅତୀତରେ ବିଶ୍ୱର କଲ୍ୟାଣ ନିମନ୍ତେ ମହର୍ଷି 'ବ୍ୟାସଦେବ' ଅସଂଖ୍ୟ ମନ୍ତ୍ରଦ୍ରଷ୍ଟା ଋଷିଙ୍କର ମନ୍ତ୍ରଗୁଡ଼ିକୁ ବ୍ୟବସ୍ଥିତ ଓ ଲିପିବଦ୍ଧ କରିବା ସଙ୍ଗେ ସଙ୍ଗେ ଜ୍ଞାନର ଅକ୍ଷୟ ଭଣ୍ଡାର 'ବେଦ' ମାନଙ୍କର ସଂକଳନ ବି କରିଥିଲେ। ବେଦ-ଜ୍ଞାନ-ପ୍ରଜ୍ଞାର ଗଙ୍ଗାଧାରାକୁ ସମାଜରେ ପ୍ରବାହିତ କରାଇଥିବା ଏହି ମହାନ ତପସ୍ୱୀଙ୍କୁ 'ବେଦବ୍ୟାସ' ନାମରେ ବି ସମ୍ବୋଧନ କରାଯାଏ । ତାଙ୍କ ରଚିତ ସମସ୍ତ ଶାସ୍ତ୍ର, ପୁରାଣ ଓ ମନ୍ତ୍ର ଆଦି ସମଗ୍ର ସୃଷ୍ଟି ମାନବ ଜାତିର ସଂପୂର୍ଣ୍ଣ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ମାନବ ସମାଜର ସମସ୍ତ କଲ୍ୟାଣକାରୀ ତତ୍ତ୍ୱ ବ୍ୟାସଙ୍କ ସଂକଳନରେ ହିଁ ଦେଖିବାକୁ ମିଳେ । ବେଦର ଜଟିଳ ମନ୍ତ୍ର ଓ ଶ୍ଳୋକ ସବୁକୁ ସରଳ ତଥା ସୁଗମ କରାଇବା ସହ ତାହାକୁ ପ୍ରବାହମାନ ସ୍ରୋତରେ ପକାଇବା ଆଦି ବ୍ୟାସଦେବଙ୍କ ସାଧନାର ଫଳ । ଏଣୁ ତାଙ୍କୁ 'ବ୍ୟାସୋ ନାରାୟଣଂ ସ୍ୱୟମ୍' କୁହାଯାଇଛି/ ଅର୍ଥାତ୍- 'ସେ ଗୁରୁମାନଙ୍କର ଗୁରୁ 'ଜଗତ୍ ଗୁରୁ' ଅଟନ୍ତି । ତାଙ୍କ ଜନ୍ମଦିନ ହେଉଛି ଆଷାଢ଼ର ସେହି ପବିତ୍ର ପୂର୍ଣ୍ଣିମା । ଯାହାକି 'ବ୍ୟାସ ପୂର୍ଣ୍ଣିମା' ବା 'ଗୁରୁ ପୂର୍ଣ୍ଣିମା' ଭାବେ ବେଶ୍ ଜଣାଶୁଣା ।

ପୁରାଣ ଯୁଗରୁ ଗୁରୁଙ୍କର ଗୁରୁ କେକୀପୁଚ୍ଛ ମୁକୁଟରେ ଭଗବାନ ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣଙ୍କ ସହ ଦ୍ରୋଣ, ବିଶ୍ୱାମିତ୍ର, ବଶିଷ୍ଠ ଓ ସାନ୍ଦିପନୀଙ୍କର ନାମ ଉଲ୍ଲେଖ ଯୋଗ୍ୟ ଇତିହାସରେ ଗୁରୁ ଉପଗୁପ୍ତଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓ ମାର୍ଗଦର୍ଶନରେ କାର୍ଯ୍ୟକରି ମଗଧର ଶାସକ ଅଶୋକ ସତ୍ୟ, ଶାନ୍ତି, ଦୟା, କ୍ଷମା ଓ ପ୍ରୀତିର ବାଣୀ ପ୍ରଚାରରେ ସକ୍ଷମ ହୋଇଥିଲେ ଓ ଜଣେ ସୁଶାସକର ଧ୍ୱଜା ବି ଉଡ଼ାଇ ଥିଲେ ।

ଆଜିର ଶିକ୍ଷା ଭାରତର ଯୁବ ସମାଜକୁ କ୍ଲୀବ କରିଦେଇଛି । ସେମାନଙ୍କର ଚେତନା ଶକ୍ତିକୁ ଅଥର୍ବ କରି ଦେଇଛି ଓ ସୃଜନୀ ଶକ୍ତିକୁ ପଙ୍ଗୁ କରି ଦେଇଛି । ସେହି ଶୁପ୍ତ ଶିଷ୍ୟକୁଳକୁ ଜାଗ୍ରତ କରିବା ପାଇଁ, ତାଙ୍କର ସ୍ୱପ୍ନକୁ ସାକାର ରୂପ ଦେବା ପାଇଁ ଆବଶ୍ୟକ ଉପଯୁକ୍ତ ଶିକ୍ଷକ ବା ଗୁରୁକୁଳ । ଯେଉଁ ଶିକ୍ଷକ ଗଣ ସେହି ଶୁପ୍ତ ତଥା ବିପଥଗାମୀ ଛାତ୍ର ସମାଜକୁ ବିଭିନ୍ନ ମାନସିକ ଯନ୍ତ୍ରଣାରୁ ମୁକ୍ତି ଦେଇ ମାନବିକତାର ଅଶିକ୍ଷାକୁ ପଛରେ ପକାଇ ସୁନେଲୀ ସ୍ୱପ୍ନକୁ ସାକାର କରିବା ପାଇଁ ଆଗକକୁ ଯିବା ପାଇଁ ଯେ ପ୍ରେରଣା ପ୍ରଦାନ କରି ପାରିବେ, ସେହି ହିଁ ହେବେ ପ୍ରକୃତ ଗୁରୁ । ସେ ଗୁରୁ ହୋଇଥିବେ ରାମାୟଣର ବଶିଷ୍ଠଙ୍କ ପରି- ମହାଭାରତର ଦ୍ରୋଣଙ୍କ ପରି- ଶ୍ରୀକୃଷ୍ଣଙ୍କର ଗୁରୁ ସାନ୍ଦିପନୀଙ୍କ ପରି- ଇତିହାସର ଗୁରୁ ଉପଗୁପ୍ତ ବା ଚାଣକ୍ୟଙ୍କ ପରି ବା ବିବେକାନନ୍ଦଙ୍କର ଗୁରୁ ଶ୍ରୀରାମକୃଷ୍ଣଙ୍କ ପରି । ସେହି ଗୁରୁମାନେ ହେବେ ଉଭୟ ସମାଜର ଓ ଜ୍ଞାନର 'ବତୀଘର' । ସେହି ଗୁରୁମାନେ ନିଜ ନିଜର ଜ୍ଞାନର ଆଲୋକ ଦ୍ୱାରା ବିଦ୍ୟାର୍ଥୀମାନଙ୍କୁ ଅଜ୍ଞାନ ଅନ୍ଧାର ସାଗରରୁ ଉଦ୍ଧାର କରି ଜ୍ଞାନର କୂଳରେ ପହଞ୍ଚାଇ ପାରିବେ । ତେବେ ଗୁରୁ ହେବେ ପୂଜ୍ୟ- ଶିଷ୍ୟ ହେବେ ଶୃଙ୍ଖଳିତ ଓ ସମାଜ ହେବ ପ୍ରଗତୀଶୀଳ । ଏହାହିଁ ହେଉ ଏହି ଗୁରୁଦିବସର ଅନୁଚିନ୍ତା ।


ପ୍ରଜ୍ଞାନୀଡ଼,
ବସନ୍ତ ବିହାର, ଶୋଭାରାମପୁର,
ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୮୪


## ସମର୍ପିତ ଜୀବନର ଅନ୍ୟନାମ ଶିକ୍ଷକ

### ଶୁଭ୍ରଜିତ୍ ରାୟ

'ଶିକ୍ଷକ' ସର୍ବକାଳକୁ ସମର୍ପିତ ସତ୍ତାଟିଏ । ଶିକ୍ଷକ ଗୋଟେ ଶକ୍ତି, ଶିକ୍ଷକ ଗୋଟେ ସାମର୍ଥ୍ୟ । ସେବାକୁ ସମ୍ବଳ କରି ତ୍ୟାଗର ତପୋବନରେ ବିଶ୍ୱାସ ବିତରଣ କରି ବିଶ୍ୱସ୍ତ ବିଶ୍ୱ ଗଠନରେ ସେ ସଂକଳ୍ପବଦ୍ଧ । ସୁସ୍ଥ ସମାଜ, ସୁରକ୍ଷିତ ସଂସ୍କୃତି, ଶୁଦ୍ଧ ସଂସ୍କାର, ସର୍ବଦର୍ଶୀ ଶିକ୍ଷାର୍ଥୀକୁ ସର୍ବ ବିଦିତ କରାଇବାରେ ଶିକ୍ଷକର ଭୂମିକା ଅକଳ୍ପନୀୟ । ଶିକ୍ଷାଦାନକୁ ବୃତ୍ତି ଅପେକ୍ଷା ବ୍ରତ ଭାବରେ ଗ୍ରହଣ କରିବାର ଦୃଢ ଦକ୍ଷତା କେବଳ ଶିକ୍ଷକର ହିଁ ଥାଏ । ସେ ସତମାର୍ଗରେ ମାର୍ଗୀ ହୋଇ ସତ୍ୟକୁ ସାମ୍ନା କରିବା ଓ କରାଇବାରେ ସିଦ୍ଧି ଲାଭ କରିଥାଏ । ସତସାଧନା ବଳରେ ଶିକ୍ଷା-ଶିକ୍ଷକ-ଶିକ୍ଷାୟତନକୁ ଗୋଟେ ସରଳରେଖାରେ ଗତି କରାଇବାରେ ସେ ବେଶ ସଫଳଦାୟକ ହୋଇଥାଏ ।

ଆଜି ବଦଳିଛି ବ୍ୟବସ୍ଥା, ସୃଷ୍ଟି ହୋଇଛି ସମସ୍ୟା ଏବଂ ଶିକ୍ଷକ ହୋଇଛି ସର୍ବହରା । ସମାଜ ସଂସ୍କାର ପୋଥିରେ ଶିକ୍ଷକ ଏକ ସ୍ୱତନ୍ତ୍ର ପୃଷ୍ଠା ହେଲେ ବି ଆଜି ନମସ୍ୟ ବଦଳରେ ହେଉଛି ନିନ୍ଦିତ । ନିୟମର ଶିକୁଳିରେ ସେ ବନ୍ଧା ତା'ର ଜୀବନ । ଏହି ନିୟମରୁ ନିବୃତ୍ତ ହେଲେ ତା' ପାଇଁ ରହିଛି ଦଣ୍ଡାଦେଶ, ବିଶେଷ କରି ପଦବୀରୁ ବହିସ୍କୃତ । ଜଣେ ଶିକ୍ଷକର ମାନସିକତାକୁ କ୍ଷତାକ୍ତ କରି ତା' ଠାରୁ ସୁସ୍ଥ, ସୁନ୍ଦର ଶିକ୍ଷାଦାନ ଆଶା କରିବା ଅସମ୍ଭବ । ବସ୍ତୁବାଦୀ ବ୍ୟକ୍ତିସର୍ବସ୍ୱ ସମାଜରେ ଶିକ୍ଷକର ସମ୍ମାନ ନିମ୍ନଗାମୀ ହୋଇଛି ।

ଜଣେ ଶିକ୍ଷକ ତା'ର ବ୍ୟକ୍ତିଗତ ସମସ୍ୟାରେ ବାନ୍ଧି ନ ହୋଇ ସେଥିରୁ ନିବୃତ୍ତ ହୋଇ ଶ୍ରେଣୀଗୃହରେ ଉତ୍ତର ଦାୟାଦ ଗଢିଥାଏ ।ନିଜର ଦୁଃଖକୁ ଜଳାଞ୍ଜଳି ଦେଇ ଶିକ୍ଷାର୍ଥୀର ସହାୟକ ହୋଇଥାଏ ।ସ୍ୱାର୍ଥର ଗଣ୍ଡି ଭିତରୁ ବାହାରି ନିଃସ୍ୱାର୍ଥ ସେବାରେ ନିଜକୁ ନିୟୋଜିତ କରିଥାଏ । କେତେ ପାଏ,କେତେ ହରାଏ ତା'ପ୍ରତି ଭ୍ରୁକ୍ଷେପ ନ ଥାଏ । ଯଦି କେଉଁଠି ଟିକେ ତ୍ରୁଟି ହୁଏ, ଶିକ୍ଷକର ମୁଣ୍ଡ କାଟର କଥା ଉଠେ । 'ବାରଶ ବଢେଇର ଦାୟ ନା ପୁଅର ଦାୟ' ନ୍ୟାୟରେ ସେ ବାଧ ହୋଇ ଚର୍ଚ୍ଚାର ଚନ୍ଦ୍ରଭାଗାରେ ଧାସ ଦିଏ । ସମସ୍ତେ କୌଶଳର କୋଣାର୍କ ଦେଖନ୍ତି କିନ୍ତୁ ଧର୍ମାଙ୍କ ଧର୍ମପଦକୁ ଭୁଲିଯା'ନ୍ତି ।

ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକର ଗୁରୁଦାୟିତ୍ୱ ରହିଛି । ଏହା ଯୁଗଯୁଗରୁ ଧାର୍ଯ୍ୟ ହୋଇଛି । ବର୍ତ୍ତମାନ ଜଣେ ଶିକ୍ଷକ ପ୍ରତିଶ୍ରୁତିର ପାହାଡ ହେବ କିନ୍ତୁ ତା'ର ପ୍ରତିବାଦର ସାହାସ ରହିବ ନାହିଁ । ମଥାପାତି ସହିବ କିନ୍ତୁ ମୁହଁ ଖୋଲି ପାରିବନି, ଶିକ୍ଷାଦାନ କ୍ଷେତ୍ରରେ ସମର୍ପିତ ହେବ କିନ୍ତୁ ସ୍ୱୟଂ ସକ୍ରିୟ ହୋଇପାରିବନି, ସ୍ପଷ୍ଟବାଦୀ ହେବ କିନ୍ତୁ ମାପିଚୁପି କଥା କହିବ, ସତ୍ୟସନ୍ଧ ହେବ କିନ୍ତୁ ସତ୍ୟକୁ ସାମ୍ନା କରିବ ନାହିଁ । ସିଂହର ସାମର୍ଥ୍ୟ ଥିବ ହେଲେ ଗର୍ଜି ପାରିବନି, ବିହଙ୍ଗର ପକ୍ଷଥିବ ହେଲେ ଉଡି ପାରିବନି । ଉଚ୍ଚାରଣ କରୁଥିବ ମାତ୍ର; ଆଚରଣ କରିପାରିବନି । ଯୁଗୋପଯୋଗୀର ଦୁହାଇ ଦେଇ ଆଜି ଶିକ୍ଷକର ନବଜାତକ ତିଆରି ହୋଇଛି ।

ବୈଷୟିକ ବିଦ୍ୟା ଓ ବିଜ୍ଞାନର ପ୍ରସାର-ପ୍ରଚାର ଫଳରେ ବାଟବଣା ଆଜିର ସଭ୍ୟ ଶିକ୍ଷିତ ସମାଜ । ଯେଉଁ ଶିକ୍ଷାର୍ଥୀମାନଙ୍କୁ ସେ କାୟ-ମନ-ବାକ୍ୟରେ ଶିକ୍ଷାଦାନ କରେ ସେମାନେ ହିଁ ପ୍ରଥମେ ବୁମେରାଂ ପାଲଟନ୍ତି। ଶିବ ଭସ୍ମାସୁରଙ୍କୁ ବର ଦେବା ନ୍ୟାୟରେ ଶିକ୍ଷକଙ୍କ ମୁଣ୍ଡରେ ହାତ ଦେଇ ପରୀକ୍ଷା କରିବାକୁ ଆଗେଇ ଆସନ୍ତି । ଅତ୍ୟନ୍ତ ଦୁଃଖ ଓ ଦୁର୍ଦଶାର ବିଷୟ ଶିକ୍ଷକଟିଏ ବଞ୍ଚିବାର ମୁକ୍ତ ମାନସିକତାରୁ ବଞ୍ଚିତ ହୁଏ । ଶିକ୍ଷକର ଶିକ୍ଷାଦାନରେ ଶିକ୍ଷାର୍ଥୀର ଜୟଗାନ ହୁଏ କିନ୍ତୁ ଶିକ୍ଷକ ଉପଯୁକ୍ତ ସମ୍ମାନରୁ ବାସନ୍ଦ ହୁଏ । ସ୍ୱଜାତି ପରହିଂସୁକ ବାଣୀରେ ବେଳେବେଳେ ତାକୁ ବଳି ପଡିବାକୁ ହୁଏ ।

କେତେ ଯତ୍ନରେ ମଣିଷଗଢା କାରଖାନାରେ ଭାଗ୍ୟ-ଭବିଷ୍ୟ ଗଢୁଥିବା ବିନ୍ଧାଣୀର ଦୁଃଖ କେହି କେବେ ବୁଝିପାରେନା । ମୋହମାୟା ବନ୍ଧନରୁ ମୁକ୍ତ ହୋଇ ନିଜର ସୁଖ-ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଯିଏ ସମାଜର ହିତ ପାଇଁ ସବୁ ଶ୍ରମ ଦିଏ, ତା'ର ବି ଅନେକ ଦୁଃଖ ଥାଏ । ଗଣିତରେ ଲାଭ-କ୍ଷତି,ବିଜ୍ଞାନରେ ବିଶ୍ୱର ବାର୍ତ୍ତା, ଭୂଗୋଳରେ ଭୂମିରୂପ, ଇତିହାସରେ ଅତୀତର କଥା ଏବଂ ସାହିତ୍ୟରେ ସତ୍ୟ-ଶିବ-ସୁନ୍ଦରର ଭାବ ନେଇ ମାଟିର ମଣିଷ ଠାରୁ ସୁନାର ସଂସାର କଥା କହୁ କହୁ ସେ ସତସତିକା ସର୍ବଂସହା ପାଲଟିଯାଏ । ଯେଉଁମାନେ ଶିକ୍ଷା-ଶିକ୍ଷକ-ଶିକ୍ଷାୟତନର 'ଶ' ଅକ୍ଷର ବୁଝି ନ ଥା'ନ୍ତି, ସେମାନଙ୍କ ହାତରେ ତିଆରି ହୁଏ ଶିକ୍ଷାନୀତି, ସେଥିରୁ ଶିକ୍ଷକର ଯନ୍ତ୍ରଣା ବି ବାଦ୍ ପଡେ ନାହିଁ । କେତେ କର୍ଷଣ, କେତେ ବର୍ଷଣ,କେତେ ଗ୍ଳାନି, କେତେ ଗଂଜଣା ସହୁଥିବା ଶିକ୍ଷକ ଅନେକ ପାଏ ।

ଶିକ୍ଷକ' ମିଷ୍ଟଭାଷୀ, ଛାତ୍ରବତ୍ସଳ, ଧ୍ୟେୟନିଷ୍ଠ, କର୍ମଯୋଗୀ, ସମୟାନୁବର୍ତ୍ତୀ, ଆଧ୍ୟାତ୍ମବାଦୀ, ସ୍ୱାଧ୍ୟାୟୀ, ସ୍ୱଦେଶପ୍ରେମୀ, ତ୍ୟାଗୀ, କ୍ଷମାଶୀଳ ହୋଇଥାଏ ଯଦି ତା'ର ଚଲାପଥରେ କେହି କେବେ କଣ୍ଟା ବିଛାଏ ତାହା ଆପେ ଆପେ ଫୁଲ ହୋଇଯିବ । ସବୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଶିକ୍ଷକ ବଞ୍ଚିବ । ପୁଳାପୁଳା ଦୁଃଖ ସହି ସୁଖ ବାଣ୍ଟିବ, ତେବେ ଯାଇ ଶିକ୍ଷକ ଜୀବନ ତା'ର ସାର୍ଥକ ହୋଇବ । ଶିକ୍ଷକଙ୍କୁ ଉଚିତ ସମ୍ମାନ ଦେବା ପାଇଁ ସରକାରୀ/ବେସରକାରୀ ଅନୁଷ୍ଠାନ, ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ସଚେତନ ହେବା ଜରୁରୀ ନଚେତ ଶିକ୍ଷାନୀତି ଥିବ କିନ୍ତୁ ନିୟମସବୁ ଭୁଲ ହୋଇଯିବ ।


+ଶାସନୀପଡା
ମାର୍ଶାଘାଇ, କେନ୍ଦ୍ରାପଡ଼ା
ମୋ: ୭୬୦୮୮୫୩୪୩୬





### ସାକ୍ଷର ହୋଇବା ଆମେ...

### ରାମଚନ୍ଦ୍ର ବେହେରା




ବିଦ୍ୟା ଅଟେ ପରା ମହାଧନ ମିତ
ଭରଇ ନୂଆ ପୁଲକ
ଅଜ୍ଞାନତା ତେଜି ଜୀବନକୁ ଆମ
ଦୋଖାଏ ଜ୍ଞାନ ଆଲୋକ।
ସେହି ଆଲୋକରେ ଆଲୋକିତ ହୁଏ
ଆମରି ଜୀବନ ପଥ
ଜ୍ଞାନ ଗାରିମାରେ ଭରିଯାଏ ପ୍ରାଣ
ସୁଖ ମିଳେ ଅପ୍ରମିତ।
ପାଠ ପଢି ଆମେ ସାକ୍ଷର ନହେଲେ
ଅଜ୍ଞାନୀରେ ହେବା ଗଣା
ଭବିଷ୍ୟତ ଆମ ହେବ ଅନ୍ଧକାର
ଲକ୍ଷ୍ୟ ହେବ ବାଟବଣା।
ଗୁରୁ ଦିବସରେ ଗୁରୁଂକୁ ପୂଜିବା
ମାଗିବା କରୁଣା ଭିକ୍ଷା
ତାଂକ କୃପା ବଳେ ସାକ୍ଷର ହୋଇବା
ହୃଦେ ଆପଣାଇ ଶିକ୍ଷା।
ନିଜେ ପାଠ ପଢି ଅନ୍ୟକୁ ପ୍ରେରଣା
ଯୋଗାଇବା ପ୍ରାଣ ପଣେ
ରାଇଜରେ ସର୍ବେ ଶିକ୍ଷା ପ୍ରାପ୍ତିକଲେ
ସାକ୍ଷର ହୋଇବା ଆମେ।
ଗୁରୁଂକୁ ପରାଣେ ନ'ମଣିବା ନର
ଗୁରୁ ହିଁ ପରମେଶ୍ୱର
ଗୁରୁ ଗଢିଥାନ୍ତି ଆମରି ଜୀବନ
ସାଜି ସଖା ସହୋଦର।
ଗୁରୁ ବ୍ରହ୍ମା ବିଷ୍ଣୁ ଗୁରୁ ମହେଶ୍ୱର
ଗୁରୁ ଜ୍ଞାନର ସାଗର
ଗୁରୁ କର୍ମଦାତା ଗୁରୁ ସୁଖଦାତା
ଗୁରୁ ସାକ୍ଷାତ ଈଶ୍ୱର।


ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬


### ଗୁରୁ ଶ୍ରୀଚରଣ ପୁଣ୍ୟତୀର୍ଥ ସମ

### ରାମ ଚନ୍ଦ୍ର ପ୍ରଧାନ



ଗୁରୁ ହିଁ ଅଟନ୍ତି ସାକ୍ଷାତ ଈଶ୍ୱର
ସଭିଙ୍କ ଭାଗ୍ୟ ବିଧାତା
ଅମା ଅନ୍ଧକାରେ ଜାଳି ଦିଅନ୍ତି ସେ'
ଜ୍ଞାନର ଶୁଭ୍ର ସଳିତା ।
ଗୁରୁଙ୍କର ଶିକ୍ଷା ଜୀବନର ଦୀକ୍ଷା
ସଂସାର ଭିତରେ ସାର
ତାଙ୍କ ଶ୍ରୀଚରଣ ପୁଣ୍ୟତୀର୍ଥ ସମ
ମୁକତିର ପାରାବାର ।
ଗୁରୁଙ୍କ କରୁଣା ଅମୃତର ଧାରା
ପୁଣ୍ୟତୋୟା ନଦୀ ସମ
ଅଜ୍ଞାନେ ଭରନ୍ତି ଜ୍ଞାନ ସଂଜିବନୀ
ଦୂର କରି ସବୁ ଭ୍ରମ ।
ବିପଦେ ଆପଦେ ସେ ସାହା ହୁଅନ୍ତି
ବିଘ୍ନ ବିନାଶକ ପରି
ବେପଥୁଗାମିଙ୍କୁ ବାଟ ସେ ଦେଖାନ୍ତି
ଆଲୋକର ବତୀ ଧରି ।
ଗୁରୁ ତ ଅଟନ୍ତି ତ୍ୟାଗ ସମର୍ପଣେ
ବିଶାଳକାୟ ଅମ୍ବର
ମଣିଷ ତିଆରି କାରଖାନା ଗଢ଼ି
ସାଜନ୍ତି ସେ କାରିଗର ।
ଗୁରୁଙ୍କ ପୟରେ ମଥାନଥା ହୋଇ
କଲେ ତାଙ୍କ ପାଦସେବା
ଜୀବନେ ମିଳିବ ସରଗର ସୁଖ
ସାଥେ ପୁଣ୍ୟ ଅରଜିବା ।
ଭକ୍ତି ଭାବ ବୋଳି କରୁଛି ପ୍ରଣାମ
ଘେନ ଆହେ ଗୁରୁଦେବ
ଏ ଗୁରୁ ଦିବସେ ଏତିକି ପ୍ରାର୍ଥନା
ଢାଳିଦିଅ କୃପା ତବ ।


ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬


### ଗୁରୁ କୃପା

### ତପନ କୁମାର ବେହେରା



ଅଜ୍ଞାନ ଅନ୍ଧାରୁ କଢ଼େଇ
ପଥ ଯେହୁ ନିଅନ୍ତି
ତାଙ୍କ ସମକକ୍ଷ ସଂସାରେ
କହ କେହୁ ଅଛନ୍ତି।

ସତ୍ୟ ଶାନ୍ତି ଦୟା କ୍ଷମାର
ଏକାଧାର ମୂରତି
ଚାରି ଯୁଗେ ଛାଇ ରହିଛି
ଦେଖ ତାଙ୍କ କିରତି।

ତନ୍ତ୍ର ମନ୍ତ୍ର ଯନ୍ତ୍ର ସକଳ
ଜ୍ଞାନେ ସେ ପରିପୂର୍ଣ୍ଣ
ଜ୍ଞାନ ବାରି ଧାରା ତାଙ୍କଠୁ
ହୋଇଅଛି ଉତ୍ପନ୍ନ।

ସେ ବାରି ଧାରାରୁ ଚଳାଏ
ଯେହୁ କରିଛି ପାନ
ସଂସାର ମଧ୍ୟରେ ହୋଇଛି
ତାର ଜୀବନ ଧନ୍ୟ।

ଜ୍ଞାନ ବଳେ ଋଷି ବଶିଷ୍ଠ
ଶ୍ରେଷ୍ଠ ଆସନେ ବସି
ହୋଇଲେ ଅମର ଯୁଗକୁ
ଜ୍ଞାନାଲୋକ ପ୍ରକାଶି।

ଜ୍ଞାନ ଦେଇକରି ଶ୍ରୀରାମେ
ରାମେ ରଖିଲେ କୀର୍ତ୍ତି
ରାମନାମ ଦେଖ ଜଗତ
ଆଜି ଘୋଷୁଛି ନିତି।

ବାଉଁଶ ନଳୀରେ ପାହାଡ
ଗ୍ରହ ନକ୍ଷତ୍ର ଗଣି
ଗଲେ ରଖି ଯଶ ମହୀରେ
ସାମନ୍ତ ଯେ ପଠାଣି।


ଯାହା ଶିର ପରେ ରହିଛି
ଢାଙ୍କି ଗୁରୁଙ୍କ ଛାୟା
କି କରି ପାରିବ ତାହାର
ଛାର ପାପର କାୟା।

ତାଙ୍କ ପରି ଯେବେ ହୋଇବୁ
ବହ ବିନୟ ଭାବ
ବିନୟେ ସେବିଲେ ଗୁରୁଙ୍କୁ
ତରି ଯିବୁ ଏ ଭବ।


ଗୁରୁ ପଦ-ରଜ ଅମୃତ
ଥିଲେ ମଥାରେ ବୋଳି
ଉଦ୍ଧାର ହୋଇବୁ ସଂସାରୁ
ପାପ ଯିବ ମଉଳି।

ଚାରିଯୁଗେ ହେବୁ ଅମର
ମର ଶରୀର ପାଇ
ଅମରେ କରିବେ ସ୍ମରଣ
ଗୁରୁ ରୂପରେ ଥୋଇ।


କାନପୁର, ନରସିଂହପୁର, କଟକ
ମୋ: ୭୦୦୮୧୮୮୩୫୬







## ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୩୨



ଡ.ସିନ୍ଧୁ ସେନ୍

ଧାରଧାର ଲୁହରେ ତିନ୍ତାଇଦେବ ମୋ ରକ୍ତକ୍ଷରା ଶରୀରଟିକୁ । ହେଲେ କ'ଣ ପାଇବ ସେ । ଖାଲି ଜ୍ୱଳନ ଆଉ ଜ୍ୱଳନ । ବଞ୍ଚିଥିବା ଯାକେ ମୁଁ ତ ତାକୁ କିଛି ଦେଇପାରିନି । ଆଉ ଏ ଅନ୍ତିମ କ୍ଷଣରେ ତାକୁ କ'ଣ କେବଳ ଜ୍ୱଳନର ଉପହାର ଦେବି । ମୁଁ ତ ମୃତ୍ୟୁପରେ ଜଳିଯିବି ହେଲେ ସେ ବଞ୍ଚିରହି ମଧ ଜଳିବ ।

ହାୟ, ଏଇ କ'ଣ ତେବେ ସ୍ୱର୍ଗ ଅପ୍ସରୀ କନ୍ୟାର ଭାଗ୍ୟଲିପି ଥିଲା । ଯିଏ ସ୍ୱର୍ଗପୁରରେ ମାତାଙ୍କ ବିଚରଣ କରିବା କଥା ସେ ଆଜି ମୋରି ପାଇଁ ଏତେ କଷ୍ଟ ପାଉଛି ସିନା । ଶେଷ ମୁହୂର୍ତ୍ତରେ ମନ୍ଦୋଦରୀ ପାଇଁ ମୋ ମନରେ ଦୁଃଖ ଆସୁଛି ସିନା, ହେଲେ ମୁଁ ନାଚାର । କାରଣ ତା ଦୁଃଖର ଉପଶମ ମୋ ହାତରେ ନାହିଁ । ପ୍ରତ୍ୟେକେ ତ ଜନ୍ମବେଳେ ଆସିଥାନ୍ତି ଏକା ଆଉ ମୃତ୍ୟୁ ସମୟରେ ଯାଏ ବି ଏକା । ଜନ୍ମ ଆଉ ମୃତ୍ୟୁ ମଧରେ ଥିବା ବ୍ୟବଧାନରେ ଅନେକେ ସାଥୀ ହୁଅନ୍ତି । ସୁଖ ଦୁଃଖରେ ସାମିଲ୍ ହୁଅନ୍ତି । ମନ୍ଦୋଦରୀ ମଧ ମୋ ଜୀବନରେ ସେମିତି ଭାବେ ଆସିଥିଲା । ମୋର ଅର୍ଦ୍ଧାଙ୍ଗିନୀ ଥିଲା । ମୋର ଭଲ ପାଇଁ ଅନେକ କିଛି ଉପଦେଶ ଦେଉଥିଲା । ଆଜି ମୋ ନିକଟରେ ମନ୍ଦୋଦରୀ ନାହିଁ । କିନ୍ତୁ ଯିଏ ବି ଅଛନ୍ତି, ସେ ତ ମୋର ପରମ ଆରାଧ ଦେବତା । ମୁଁ ସିନା ମନ୍ଦୋଦରୀ ପାଇଁ କିଛି କରିପାରିଲି ନହିଁ । ହେଲେ ପ୍ରଭୁ ଶ୍ରୀରାମ ଚାହିଁଲେ ସବୁକିଛି କରିପାରିବେ । ସେ ହିଁ ମନ୍ଦୋଦରୀକୁ ସହାୟ ହୁଅନ୍ତୁ । ତାଙ୍କ ମନରେ ଦୁଃଖ ସହିବା ପାଇଁ ଶକ୍ତି ଦିଅନ୍ତୁ । ମନ୍ଦୋଦରୀ ଭଳି ପତିବ୍ରତା ନାରୀ ପାଇଁ ଏତିକି ମୋର ଶୁଭକାମନା । ମୃତ୍ୟୁ ଶଯ୍ୟାରେ ଶୋଇରହି ଆଜି ବି ଭାବୁଛି ସେଦିନ ଯଦି ମନ୍ଦୋଦରୀ ଉପଦେଶକୁ ମାନି ନେଇଥାନ୍ତି । ତେବେ ଆଜି ମୋର ଏମିତି ଦୁର୍ଦ୍ଦଶା ହୁଅନ୍ତା ନାହିଁ । ପରକ୍ଷଣରେ ଭାବେ, ଲକ୍ଷ୍ୟ ମୋର କେବଳ ମୋକ୍ଷ । ମୁଁ ତେଣୁ କାହାରି ପାଖରେ ବାନ୍ଧି ହୋଇ ରହିଥାନ୍ତି କେମିତି । ମୋର ନିଜସ୍ୱ ଲକ୍ଷ୍ୟପୂରଣ ପାଇଁ ମୁଁ ଯାହାକିଛି କରିଛି, କିଛି ତ ଭୁଲ କରିନି । ବରଂ ଏତକ ସ୍ୱୀକାର କରିବାକୁ କୁଣ୍ଠାବୋଧ କରିବି ନାହିଁ । ମନ୍ଦୋଦରୀର ଧର୍ମ, ଧୈର୍ଯ୍ୟ, ନିଷ୍ଠା, ଏକାଗ୍ରତା, ପତିବ୍ରତା ହିଁ ମୋତେ କିଛି କରିବାକୁ ଉତ୍ସାହ ଭରି ଦେଇଥିଲା, ପ୍ରେରଣା ଯୋଗାଇଥିଲା ।

॥ ପନ୍ଦର ॥

ମୟ ! ଜଣେ ଆସାମାନ୍ୟ ବ୍ୟକ୍ତିତ୍ୱର ଅଧିକାରୀ । ଏକାଧାରରେ ସେ ଥିଲେ ଜଣେ କୁଶଳୀ କାରିଗର । ନିର୍ମାଣ ବିଦ୍ୟାରେ ତାଙ୍କ ସମକକ୍ଷ କେହି ବି ନାହାନ୍ତି ଜଗତରେ । କେବଳ ସେତିକି ନୁହେଁ, ସେ ଜଣେ ଦକ୍ଷ ବୈଜ୍ଞାନିକ ମଧ । ତାଙ୍କର ନିର୍ମାଣ ଶୈଳୀ ଆଖିରେ ନ ଦେଖିଲେ କେହି ବିଶ୍ୱାସ ମଧ କରିବେନି । ବାସ୍ତବରେ ଦେବତା ମାନଙ୍କର ଶିଳ୍ପଗୁରୁ ବିଶ୍ୱକର୍ମାଙ୍କ ସହ ସେ ତୁଳନୀୟ । ତାଙ୍କ ତେଣୁ ମର୍ତ୍ତ୍ୟରେ ଦ୍ୱିତୀୟ ବିଶ୍ୱକର୍ମା କହିଲେ ଅତ୍ୟୁକ୍ତି ହେବନାହିଁ । ବିଜ୍ଞାନ ଦିଗରେ ତାଙ୍କ ଗବେଷଣା ଦେଖି ମୁଁ ବି ସେଦିନ ଅଭିଭୂତ ହୋଇପଡ଼ିଥିଲି ।

ମୟ ଦାନବ ଏବେ ମୋର ପୂଜନୀୟ ଶଶୁର । ମନ୍ଦୋଦରୀ ଭଳି ଦେବୀତୁଲ୍ୟ କନ୍ୟାଦାନ କରି ମୋ ନିକଟରେ ସେ ଆହୁରି ମହନୀୟ ହୋଇ ଯାଇଛନ୍ତି । ତାଙ୍କର ଆତିଥ୍ୟତା ଆଳରେ ମୋତେ ମଧ ତାଙ୍କର କୃତି ଗୁଡ଼ିକ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ମିଳିଲା । ସେଦିନ ରଥାରଢ଼ ହୋଇ ମୟଙ୍କ ସାମ୍ରାଜ୍ୟ ପରିଭ୍ରମଣରେ ବାହାରିଥିଲି । ସାରଥୀ ବ୍ୟତୀତ ମୋ ସହ ଆଉ କେହି ନଥିଲେ । ସେ ମୋତେ ମୟଙ୍କ ଗବେଷଣାଗାରକୁ ବୁଲାଇବାକୁ ନେଉଥିଲେ । ଗବେଷଣାଗାର ଦ୍ୱାରଦେଶରେ ମୋତେ ସ୍ୱାଗତ କରିବା ପାଇଁ ସ୍ୱୟଂ ଶଶୁର ମହୋଦୟ ଅପେକ୍ଷା କରିଥିଲେ । ସାରଥି ମୋତେ ରଥରୁ ଓହ୍ଲାଇ ଦେଇ ସେହିଠାରେ ଅଟକିଗଲା । ଗବେଷଣାଗାର ମଧକୁ ତାର ପ୍ରବେଶ ନିଷେଧ । ଶଶୁରଙ୍କ ଠାରୁ ଜାଣିବାକୁ ପାଇଲି । ଗବେଷଣାଗାର ମଧରେ ଅନେକ କିଛି ପରୀକ୍ଷା ନିରୀକ୍ଷା କରାଯାଏ । ଗୋପନୀୟତା ମଧ ରଖାଯାଏ । ସେଥିପାଇଁ ତା ମଧକୁ ପ୍ରବେଶ କରିବାରେ କଟକଣା କରାଯାଇଥାଏ । ମୁଁ ମୟଦାନବଙ୍କ ଜାମାତା । ସେଇ ଅଧିକାରରେ ମୋ ପାଇଁ ସବୁ ଦ୍ୱାର ଖୋଲା । ତାଛଡ଼ା ମୁଁ ଲଙ୍କାର ରାଜା । ମୋ ରାଜ୍ୟର ସୁରକ୍ଷା ପାଇଁ ମୋତେ ମଧ ଲଙ୍କା ରାଜ୍ୟକୁ ସମୃଦ୍ଧ କରିବାକୁ ପଡ଼ିବ । ଅନେକ କିଛି ସଜଡ଼ିବାକୁ ପଡ଼ିବ । ପୂର୍ବର ଲଙ୍କାକୁ ପରିବର୍ତ୍ତନ କରି ନୂତନ ଲଙ୍କା ସାମ୍ରାଜ୍ୟ ଗଢ଼ିବାକୁ ପଡ଼ିବ । ମୋ ହାତରେ ଲଙ୍କା ହେବ ସ୍ୱର୍ଣ୍ଣପୁରୀ ଲଙ୍କା ।

ଗବେଷଣାଗାରର ପ୍ରବେଶ ଦ୍ୱାର ପାଖରେ ପହଞ୍ଚି ମୁଁ ନିଜେ ମଧ ବିସ୍ମିତ ହୋଇ ପଡ଼ିଥିଲି । ଏ କ'ଣ ମୁଁ ଦେଖୁଛି । ଏ ତ ଏକ ବିରାଟ ପରିକଳ୍ପନା । ଅନେକ ଛୋଟଛୋଟ କୋଠରିରେ ପରିପୂର୍ଣ୍ଣ ଗବେଷଣାଗାରର କ୍ଷେତ୍ର, ପ୍ରତ୍ୟେକ କୋଠରି କିନା କିଛି ରହିଛି । ମୁଁ ଯେତେଯେତେ କୋଠରି ଅତିକ୍ରମ କରି ଚାଲିଥିଲି, ସେତିକି ବିସ୍ମିତ ହୋଇ ପଡୁଥିଲି । ମୋତେ ଯେମିତି ଲାଗୁଥିଲା ମୁଁ କୌଣସି ଇନ୍ଦ୍ରଭୁବନ ମଧରେ ଘୂରିବୁଲୁଛି । ଶଶୁର ମହୋଦୟ ମୋତେ ପ୍ରତ୍ୟେକଟି ବିଷୟ ଉପରେ ଟିକିନିଖି ବୁଝାଇ ଚାଲିଥିଲେ । କେଉଁଠି ମାଙ୍କଡ଼, କେଉଁଠି ହରିଣ, ଠେକୁଆ ଆଦି ଅନ୍ୟାନ୍ୟ ବନ୍ୟପଶୁ । ଆଉ ଗୋଟିଏ କୋଠରିରେ ମଣିଷମାନେ ବନ୍ଦୀ ହୋଇ ରହିଛନ୍ତି । ଯେଉଁମାନେ ଆସିଥାନ୍ତି ଆର୍ଯ୍ୟାବର୍ତ୍ତରୁ । ମୁଁ କିଛି ଭାବି ପାରୁ ନଥିଲି । ସେମାନଙ୍କ ଦୋଷ କ'ଣ ? କାହିଁକି ଏମାନେ ଏମିତି ବନ୍ଦୀ ଜୀବନ ଅତିବାହିତ କରୁଛନ୍ତି । ତେବେ କ'ଣ ଆର୍ଯ୍ୟ ହୋଇ ଜନ୍ମ ନେବା ତାଙ୍କ ପାଇଁ ଅପରାଧ । ମୋର ନିଜର ମଧ ଆର୍ଯ୍ୟମାନଙ୍କ ପ୍ରତି ବିଦ୍ୱେଷ ଭାବ ରହିଛି । ତାପରେ କାରଣ କ'ଣ ? ମୁଁ ନିଜେ ବି ଠିକ୍ ସେ ଜାଣେନି । ମୁଁ ନିଜେ ଆର୍ଯ୍ୟପିତାଙ୍କ ସନ୍ତାନ । ଆର୍ଯ୍ୟସଂସ୍କୃତିରେ ମୋର ବିବାହ । ପତ୍ନୀ ମନ୍ଦୋଦରୀ ମଧ ଆର୍ଯ୍ୟଠାରୁ ଉର୍ଦ୍ଧ୍ୱରେ ସ୍ୱର୍ଗର ଅପ୍ସରୀଙ୍କ କନ୍ୟା । ତଥାପି ମୋ ମନରେ ଆର୍ଯ୍ୟମାନଙ୍କ ପ୍ରତି ଏତେ ବିତୃଷ୍ଣା କାହିଁକି ? ହଁ ସେଇ ତ ଅସୂୟା, ହିଂସା । ମାତାମହଙ୍କ ହୃଦୟରେ ଜଳୁଥିବା ପ୍ରତିଶୋଧର ନିଆଁ ମୋ ଦେହକୁ ଚରିଗଲାଣି । ଆଉ ତାରି ପ୍ରଭାବରେ ମୁଁ ସମଗ୍ର ଜଗତକୁ ରାକ୍ଷସ ସଂସ୍କୃତିରେ ପରିବର୍ତ୍ତନ କରିବାକୁ ଆପ୍ରାଣ ଚେଷ୍ଟା କରୁଛି । ନହେଲେ ଆର୍ଯ୍ୟ ସଂସ୍କୃତିର ଧ୍ୱଂସ ସାଧନ କରିବାରେ ମୋର ଲାଭ କ'ଣ ?

ଶଶୁର ମହାଶୟ ମୋତେ ପ୍ରତିଟି କୋଠରିରେ ଥିବା ବିଭିନ୍ନ ବସ୍ତୁ ଓ ସେମାନଙ୍କର ଉପଯୋଗ ସମ୍ବନ୍ଧରେ ବର୍ଣ୍ଣନା କରୁଥିଲେ । ଜାଣିବାକୁ ପାଇଲି ଶତ୍ରୁ ମାନଙ୍କ ଉପରେ ବିଷବୋଳା ତୀରର ପ୍ରୟୋଗ କରିବା ପାଇଁ ମଧ ଏଠାରେ ପରୀକ୍ଷା ନିରୀକ୍ଷା କରାଯାଏ । ମୋତେ ସବୁ ଆଶ୍ଚର୍ଯ୍ୟ ଲାଗୁଥିଲା । ଉକ୍ତ ବିଷଗୁଡ଼ିକ ପ୍ରତିକ୍ରିୟା ସମ୍ପର୍କରେ ମଧ ଏଠାରେ ଗବେଷଣା କରାଯାଏ । ବିଷଧର ସର୍ପ ନିକଟର ବିଷ ସଂଗ୍ରହ କରାଯାଇ ଏସବୁର ପରୀକ୍ଷା କରିବା କିଛି ସହଜ କଥା ନୁହେଁ । ଯାହା ବୈଜ୍ଞାନିକ ମାନେ ମଧ ସହଜ ମଣି ନାହାନ୍ତି । ବାସ୍ତବରେ ମୟ ଦାନବଙ୍କ ଗବେଷଣାଗାର ତ କୌଣସି ଗୁଣରେ କମ୍ ନୁହେଁ । ଓଃ କି ଚମତ୍କାର । ଆମ ଲଙ୍କାରେ ଏମିତି ଗବେଷଣାଗାରଟିଏ ପ୍ରତିଷ୍ଠା କରି ଏମିତି ସବୁ ନୂଆନୂଆ ଉଦ୍ଭାବନ କରିପାରିଲେ କେତେ ସୁନ୍ଦର ନ ହୁଅନ୍ତା ସତରେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫


## ଧାରାବାହିକ ଉପନ୍ୟାସ



(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୫୮(କ) ॥

ପ୍ରାୟ କୋଡିଏ କୋଟି ବର୍ଷ ପୂର୍ବେ ଆଫ୍ରିକା, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆମେରିକା ଗଣ୍ଡୱାନା ଲ୍ୟାଣ୍ଡର ଅନ୍ତର୍ଭୁକ୍ତ ଥିଲା । ତେଣୁ କେତେକ ଆଫ୍ରିକା ଓ ଅଷ୍ଟ୍ରେଲିଆର ମାନବ ମାନଙ୍କ ମଧରେ ଶାରୀରିକ, ମାନସିକ ସାମଞ୍ଜସ୍ୟ ରହିଥିଲା । ଏମାନଙ୍କ ମଧରୁ କେତେକ ଶ୍ୱେତ ବର୍ଣ୍ଣ ଏବଂ କେତେକ କୃଷ୍ଣ ବର୍ଣ୍ଣ ତଥା ନୀଳ ନୟନଯୁକ୍ତ ଥିଲେ । ଆଫ୍ରିକାରୁ ଏମାନେ କ୍ରମେ ଏସିଆ ଓ ଇଉରୋପ ଅଞ୍ଚଳକୁ ଆସି ସଭ୍ୟ ମାନବରେ ପରିଣତ ହେଲେ । ଅଷ୍ଟ୍ରେଲିଆ ଓ ପୂର୍ବ ଦକ୍ଷିଣ ଭାରତୀୟ ଦ୍ୱୀପ ପୁଞ୍ଜରୁ କେତେକ ଏହିପରି ଜନଜାତି ପୂର୍ବ ଭାରତରେ ବାସ କରୁଥିଲେ । ଅନ୍ୟ ପକ୍ଷରେ କେତେକ ଶ୍ୱେତବର୍ଣ୍ଣ ଦକ୍ଷିଣ ଆଫ୍ରିକାବାସୀ ଘନ ଅରଣ୍ୟ ଓ ମରୁଭୂମି ଛାଡି ଶସ୍ୟ ଶ୍ୟାମଳ ଭୂମି ଉଦ୍ଦେଶ୍ୟରେ ଆରବସାଗର କୂଳେ, କୂଳେ ବା ସ୍ଥଳଭାଗ ଦେଇ ରାଜସ୍ଥାନ ପର୍ଯ୍ୟନ୍ତ ଆସିଥିଲେ । ସେତେବେଳେ ସାହାରା ଏକ ତୃଣ ଭୂମି ଅଞ୍ଚଳ ଥିଲା ଓ କେତେକ ଜୀବ ଜନ୍ତୁଙ୍କ ବାସ ସ୍ଥଳ ଥିଲା । ରାଜସ୍ଥାନ ଏକ ତରୁ, ଲତା ଓ ଶସ୍ୟ ଭରା ସମତଳ ଭୂମି ଥିଲା । ଦ୍ୱାରକା ଆଦି ସାମୁଦ୍ରିକ ଦ୍ୱୀପ ଉଭୟ କୂଳରେ ଲାଗି ରହିଥିଲା ।

ପ୍ରାଥମିକ ଅବସ୍ଥାରେ ଏହି ଉଭୟ ଜନଜାତି ଶିକାରୀ ଥିଲେ । ପଥରର ତୀକ୍ଷ୍ଣ ଅସ୍ତ୍ର, ଶସ୍ତ୍ରରେ ବନ୍ୟ ଜନ୍ତୁ ଓ ଅନ୍ୟ ଶିକାରୀ ଦଳ ମାନଂକ କବଳରୁ ଦଳକୁ ରକ୍ଷା କରିବା ସହ ଦଳକୁ ଖାଦ୍ୟ ଯୋଗାଇବା ଦଳପତିଙ୍କ କାର୍ଯ୍ୟ ଥିଲା । ଧୀରେ, ଧୀରେ ସେମାନେ ଅଧିକ ତୀକ୍ଷ୍ଣ ଅସ୍ତ୍ର, ଶସ୍ତ୍ର ସହ ଅଶ୍ୱ ଆଦି ଆରୋହଣ କରି ଅତି ଦକ୍ଷ ଶିକାରୀରେ ପରିଣତ ହେଲେ । ଏମାନେ ବହୁତ୍ ବଳବାନ ଥିଲେ । ବାଘ, ସିଂହ ଆଦି ହିଂସ୍ର ପଶୁଙ୍କ ସହ ହାତେ, ହାତେ ଲଢେଇ କରିବା ସହ, ହାତୀ, କୁମ୍ଭୀର, ସର୍ପ ଆଦି ଜନ୍ତୁ ମାନଙ୍କୁ ପୋଷା ମନାଇ ପାରିଥିଲେ । ତେଣୁ ତାଙ୍କର ଦଳ ତାଙ୍କର ଅନୁଗତ ଥିଲା । ଏହିପରି ରାଜସ୍ଥାନରେ ଏକ ଦଳପତି ଦଳ ଗଢି ଉଠିଲା । କିନ୍ତୁ ସେତେବେଳେ ଅନ୍ତର୍ବି ଜ୍ଞାନ ବା ବହିର୍ବିଜ୍ଞାନର ବିକାଶ ହୋଇନଥିଲ ।

ଧ୍ୟାନର ସହିତ ଅଧୟନ କଲେ ଜଣାଯାଏ ଯେ, ଏହି ଋଷି ମାନେ ମଧ ଦ୍ରାବିଡ଼ ବଂଶଜ ଏବଂ ଭାରତୀୟ ଥିଲେ । ଦେବହୂତୀଙ୍କ ପୁତ୍ରଙ୍କ ନାମ ସନନ୍ଦ ବା କପିଳ, ଭାରତଙ୍କ ପୁତ୍ରଙ୍କ ନାମ ସନତ ବା ବ୍ରହ୍ମା ଥିଲା । ବ୍ରହ୍ମା କୁଜଝଟିକାଙ୍କୁ ସୃଷ୍ଟି କଲା ବେଳକୁ ଯଯାତି ଆଦି ରାଜା ଜନ୍ମ ହୋଇ ସାରିଥିଲେ । ମନେହୁଏ ପ୍ରଥମେ ଆଫ୍ରିକାର ନୀଳ ନଦୀ ଓ ଲୋହିତ ସାଗର କୂଳରେ ପ୍ରଥମ ମାନବ ଶିଶୁ ଜନ୍ମ ହୋଇ କ୍ରନ୍ଦନ କରିଥିଲା । ବ୍ରହ୍ମା ଜଣେ ଯୋଗ ସାଧକ, ବୈଜ୍ଞାନିକ ଓ ବେଦର ସ୍ରଷ୍ଟା ଥିଲେ । ପ୍ରଥମେ ଯେତେବେଳେ ସେ ଦ୍ରାବିଡ଼ ମାନଙ୍କୁ ଉନ୍ନତ ମାନବରେ ପରିଣତ କରିବାକୁ ଇଚ୍ଛା କଲେ, ତାଙ୍କ ନିକଟରେ ମାତା, ଭଗ୍ନୀ, କନ୍ୟା ଏମାନଙ୍କ ମଧରେ ପ୍ରଭେଦ ନଥିଲା ।

କିନ୍ତୁ ମରିଚି ଆଦି ଋଷି ମାନେ ଏହାର ପ୍ରତିବାଦ କରିବାରୁ ସେ ବିଜ୍ଞାନ ବଳରେ ନିଜ ଅଙ୍ଗରୁ ଶତ ରୂପା ଓ ସ୍ୱୟଂ ଭୁବଙ୍କୁ ସୃଷ୍ଟି କଲେ । ସନତ ବ୍ରହ୍ମାଙ୍କଠାରୁ ବେଦ ଶ୍ରୁତି ଆକାରରେ ଆରମ୍ଭ ହେଲା । ଉଭୟ ଅନ୍ତର୍ବିଜ୍ଞାନ ଓ ବହିର୍ବି ଜ୍ଞାନର ବିକାଶ ହେଲା । ଯୋଗ ବଳରେ ସୃଷ୍ଟି ଜ୍ଞାନ ଲାଭ କରିଥିବା ଯଜ୍ଞେଶ୍ୱର ବ୍ରହ୍ମା ପୂର୍ବମାନବଙ୍କୁ ନୂତନ ମାନବ ଜାତିରେ ରୂପାନ୍ତରିତ କରିବା ପାଇଁ କାର୍ଯ୍ୟ ଆରମ୍ଭ କରିଦେଲେ । ପ୍ରଥମେ ଯଜ୍ଞେଶ୍ୱର ବ୍ରହ୍ମା (ଜଣେ ଯୋଗ ସାଧକ ଓ ବୈଜ୍ଞାନିକ) ନିଜର ଜୀବକୋଷ ସହ ଏହି ଜାତିର ଅନ୍ୟ ଜଣେ ପୁରୁଷଙ୍କ ଡିମ୍ବାଅଣୁ ଉର୍ବରକ କରି ଏହି ଜାତିର ଜଣେ ନାରୀଙ୍କ ଗର୍ଭରେ ବଢାଇ ଦୁଇ ଜଣ ନାରୀ, ପୁରୁଷଙ୍କୁ ଜନ୍ମ ଦେଲେ । ଏହାସହ ଏମାନଙ୍କ ଜୀବନଶୈଳୀ ମଧ ବଦଳି ଗଲା । ବ୍ରହ୍ମା ବା ଏହି ବୈଜ୍ଞାନିକ ମାନେ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନରେ ଥିଲେ । କୌଣସି ରାଜା ବଂଶ ରକ୍ଷାପାଇଁ ଅନୁପଯୁକ୍ତ ହେଲେ, ସେମାନେ ଏହି ଋଷି ବା ଦେବତା ମାନଙ୍କୁ ବଂଶ ରକ୍ଷା ପାଇଁ ନିଜେ ଅନୁରୋଧ କରୁଥିଲେ ।

ପୂର୍ବରୁ ଭାରତ ରେ ବାସ କରୁଥିବା ବିଭିନ୍ନ ଜନଜାତି ଓ ଦ୍ରାବିଡ଼ ମାନଙ୍କ ସଂସ୍କାର ହୋଇ ସ୍ୱୟଂଭୂବ ଓ ଶତ ରୂପାଙ୍କ ବଂଶ ଶାସନ କରିବାରେ ଲାଗିଲେ । ଏମାନେ କେବଳ ଏକ ବୀର ରାଜବଂଶ ନୁହେଁ, ବରଂ ଏକ ରାଜର୍ଷି ବଂଶ ଥିଲେ । ଯେଉଁମାନେ ବେଦଜ୍ଞ ଥିଲେ । ଏମାନଙ୍କ ପାରିବାରିକ, ସାମାଜିକ, ରାଜନୈତିକ, ସାମରିକ ଓ ନୈତିକ ଜୀବନରେ ଶୃଙ୍ଖଳିତ ନୀତି, ନିୟମ ପାଳନ କରୁଥିଲେ । ଏମାନଙ୍କ ଧାର୍ମିକ, ଆଧାତ୍ମିକ ଜୀବନ ମଧ ଉଚ୍ଚ ସ୍ତରର ଥିଲା । ଏମାନେ ବିଷ୍ଣୁ ଓ ବ୍ରହ୍ମାଙ୍କ ଉପାସକ ଥିଲେ । ଏମାନେ ବିଭିନ୍ନ ଋଷି, ମୁନି ଆଦି ବ୍ରହ୍ମାଙ୍କ ବଂଶଜ ମାନଙ୍କ ସହ ବୈବାହିକ ସମ୍ପର୍କ ସ୍ଥାପନ କରିଥିଲେ । ଏହିଁ ବଂଶରେ ପ୍ରିୟ ବ୍ରତ ସଂସାରର ଅତି ପ୍ରିୟ ପାତ୍ର ଥିବାରୁ ଏହି ନାମ ଧାରଣ କରିଥିଲେ । ତାଙ୍କର ଭଗ୍ନୀ ଦେବ ହୂତି କର୍ଦ୍ଦମ ମୁନିଙ୍କୁ ବିବାହ କରିଥିଲେ । କର୍ଦ୍ଦମଙ୍କ କନ୍ୟା କଳା ମରିଚୀ ଋଷି ଏବଂ କ୍ରିୟା କ୍ରତୁଙ୍କୁ ( ଅବା ମାରିଚି ଙ୍କନାତି ଉରୁକ୍ରମଙ୍କୁ) ବିବାହ କରିଥିଲେ । ହୁଏତ କଳା ଓ କ୍ରିୟାଙ୍କ ମଧରେ ପ୍ରାୟ ଚାଳିଶ ବର୍ଷ ବ୍ୟବଧାନ ଥିଲା ଓ ଦେବ ହୂତୀ ପ୍ରାୟ ପଞ୍ଚାବନ, ଛପନ ବର୍ଷରେ ବି କ୍ରିୟାଙ୍କୁ ଜନ୍ମ ଦେଇଥିଲେ । ସେ ଅନ୍ୟ କନ୍ୟାମାନଙ୍କୁ ସପ୍ତ ଋଷିଙ୍କ ସହିତ ବିବାହ ଦେଇଥିଲେ । ଦକ୍ଷ ପ୍ରଜାପତି ତାଙ୍କର କନ୍ୟା ମାନଙ୍କୁ ମରିଚିଙ୍କ ପୁତ୍ର କଶ୍ୟପ ତଥା ଅଙ୍ଗୀରସ ଆଦି ଋଷିଙ୍କୁ ବିବାହ ଦେଇଥିଲେ । ପ୍ରିୟ ବ୍ରତ ଶୁକ୍ର ଋଷିଙ୍କ ସହ କନ୍ୟା ଉର୍ଜ୍ଜ୍ୱ ସ୍ୱତୀଙ୍କ ବିବାହ କରିଥିଲେ । ଦକ୍ଷ ପ୍ରଜାପତି ଚେନାବ ନଦୀ କୂଳରେ ବିବାହ କରିଥିଲେ । କାରଣ ଚେନାବ୍ ନଦୀର ପୂର୍ବ ନାମ ଅସ୍ମିକୀ ଥିଲା । ତ୍ରେତୟା ଯୁଗରେ ଦଶରଥ କକେକାସ ଠାରୁ ସମସ୍ତ ରାଜା ବଂଶୀଙ୍କୁ ପରାଜିତ କରି କୈକେୟୀ, ଓଡ଼ିଶାରେ କୌଶଲ୍ୟା ଏବଂ ସୁମିତ୍ରା ଦ୍ୱୀପରେ ସୁମିତ୍ରାଙ୍କୁ ବିବାହ କରିଥିଲେ । ଦ୍ୱାପରରେ ମାତୃ କେନ୍ଦ୍ରିକ ପରିବାର ଥିଲା ଓ ପିତା ଯେ କୌଣସି ଦେବତା, ଦାନବ ବା ମାନବ ଥିଲେ । ବାସ୍ତବରେ ଏହିଭଳି ବୈଜ୍ଞାନିକ ପଦ୍ଧତିରେ ନାରୀ ଦେହରେ ବିନା ଦୈହିକ ସମ୍ପର୍କରେ ଶୁକ୍ରାଣୁ ଦ୍ୱାରା ବ୍ୟାସ ଦେବ ଭ୍ରାତୃ ବଧୂଙ୍କଠାରୁ ବଂଶ ରକ୍ଷା କରିଥିଲେ । ଏପରି ଜନ୍ମ ପାପ ରହିତ ପବିତ୍ର ସୃଷ୍ଟି ଥିଲା । କୌଣସି ଉପାୟରେ ଗୋଟିଏ କୃତ୍ରିମ ତୈଳ ଭାଣ୍ଡ ବା ଜରାୟୁ ସମୂହ ଏକତ୍ର ରଖି ଅନ୍ଧୁଣୀ ସାଜିଥିବା ଗାନ୍ଧାରୀଙ୍କର ଶହେ ପୁତ୍ର ଏକସମୟରେ ଜନ୍ମ ହୋଇ ଥିଲେ କିମ୍ବା ଶହେ ଜଣ ନାରୀଙ୍କ ଗର୍ଭରେ ଭ୍ରୁଣ ବଢ଼ାଯାଇଥିଲା । ତେଣୁ ବାଧ ହୋଇ ଗର୍ଭ କଷ୍ଟ ଓ ପ୍ରସବ ଦୁଃଖ ସହୁଥିବା ଏହି ନାରୀଙ୍କ ପାଇଁ ନାରଦ ଦରଦ ଓ ବେଦନା ଅନୁଭବ କରି ଥିଲେ । କିନ୍ତୁ ଏହି ଅପରା ବିଜ୍ଞାନ ସେମାନେ ବହୁତ୍ କମ୍ ପ୍ରୟୋଗ କରୁଥିଲେ ଓ ପରା ବା ଆନ୍ତର୍ବିଜ୍ଞାନର ଅଧିକ ପ୍ରୟୋଗ କରୁଥଲେ । ଏହି ପରି ବ୍ରହ୍ମାଙ୍କ ପୁତ୍ର ମାନଙ୍କ ମଧରେ ଦକ୍ଷଙ୍କ ରାଜବଂଶ ତଥା ଅନ୍ୟ ଋଷି ମାନଙ୍କ ବଂଶଜଙ୍କ ମଧରେ ବୈବାହିକ ସମ୍ପର୍କ ଭାରତରେ ଏକ ସ୍ୱତନ୍ତ୍ର ନୂତନ ପିଢ଼ିର ସୃଷ୍ଟି କରିଥିଲା । ସେତେବେଳେ ଉତ୍କଳର ଜାଭା, ସୁମାତ୍ରା, ବାଲି, ଲାକ୍ଷା, ଲଙ୍କା, ସିଂହଳ ଆଦି ଦ୍ୱୀପ ସହ ନୌବାଣିଜ୍ୟ ଚାଲି ଥିଲା । ଏହି ସମ୍ପର୍କରେ କଣ୍ଠୁ ମୁନି ପ୍ରମଲୋଚା ଏବଂ କନ୍ୟା ମାରିଶା ଦଶ ପ୍ରଚେତସଙ୍କୁ ବିବାହ କରିଥିଲେ । କାରଣ ଗ୍ରୀସରେ ପ୍ରଥମେ ନୃତ୍ୟ ଆରମ୍ଭ ହୋଇଥିଲେ ମଧ ଭାରତର ତାମିଲ ନାଡୁରେ ଭାରତ ନାଟ୍ୟମ ଏବଂ ଏହି ଦ୍ୱିପମାନଙ୍କରେ ପ୍ରଥମେ ବଳି ନୃତ୍ୟ ଆରମ୍ଭ ହୋଇଥିଲା । ଏହି ପୂର୍ବ ଭାରତୀୟ ଦ୍ୱୀପ ପୁଞ୍ଜକୁ(ବୋଧହୁଏ ଅଷ୍ଟ୍ରେଲିଆ ସହ) ସେତେବେଳେ ଶାଲ୍ମଳୀ ଫୁଲ ବା ଲାଲ୍ ରଙ୍ଗ ପ୍ରିୟ ସମ୍ପଦ ଦେବୀ ଲକ୍ଷ୍ମୀଦ୍ୱୀପ କୁହାଯାଉଥିଲା । ଏହିପରି ଏହି ବୈବାହିକ ସମ୍ପର୍କର ସୀମା ଉତ୍ତର ଆମେରିକା, ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ, ଏସିଆର କେତେକ ଦେଶଠାରୁ ଇଉରୋପର କାସପୀୟାନ ଓ କୃଷ୍ଣ ସାଗର ଆଦି ଏକ ବିସ୍ତୃତ ଅଞ୍ଚଳ ବା କ୍ରଉଁକ, କୁଶ, ପ୍ଲକ୍ଷ, ଜମ୍ବୁ, ଶାଲ୍ମଳି, ଆଦି ଏକ ବିଶାଳ ଅଞ୍ଚଳକୁ ଏକାଠି କରିଥିଲା । ସେତେବେଳେ କୌଣସି ଜାତି ବା ଧର୍ମ ନଥିଲା ବା ଦେଶ, ମହାଦେଶର ନାମ ନଥିଲା । ଏହି ବିବାହ ସାମାଜିକ, ପାରିବାରିକ ସ୍ୱୀକୃତି ସହ ସମ୍ପୂର୍ଣ୍ଣ ବୈଧଭାବେ ସମ୍ମାନର ସହ ଗ୍ରହଣ କରାଯାଉଥିଲା ।

ପ୍ରାୟ ଛଅ ହଜାର ପାଞ୍ଚ ଶହରୁ ସାତ ହଜାର ବର୍ଷ ପୂର୍ବେ । ସେହି ସମୟରେ ଇନ୍ଦ୍ରଜିତଙ୍କ ବଂଶଜ ମାନେ ପ୍ଲାକ୍ଷ ଦ୍ୱୀପର ଶାସନ କର୍ତ୍ତାଥିଲେ ଓ ସିନ୍ଧୁ ନଦୀ କୂଳରେ ବାସ କରୁଥିଲେ ।

(କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


## ଅପେକ୍ଷା

ଐଶ୍ୱର୍ଯ୍ୟା ପ୍ରଧାନ




ସ୍ୱପ୍ନ ତ ସେଇଠି ବି ବୁଣି ହୁଏ
ଯେଉଁଠି ବଗଡ଼ା ଚାଉଳ
ଡବ ଡବ ହେଇ ଫୁଟେ,
ହସ ସେଇ ଓଠରେ ବି ଝଟକୁ ଥାଏ
ଯେଉଁଠି ଦରିଦ୍ରତାର
ବିଷକୁ ପିଇ ପିଇ ନେଳି ପଡ଼ି ଯାଇଥାଏ ।
କାଠ ଚୁଲିର ଭକ ଭକ ଧୂଆଁରେ
ମନ ଆଙ୍କିଥିବା
ଯେତେ ସବୁ ଅସୁମାରୀ ଆଶାର
ପ୍ରତିଛବି ଗୁଡ଼ା ଅଙ୍କାବଙ୍କା ଦିଶେ
ଆଉ ସ୍ୱପ୍ନରେ ଭରା ଆଖି ଦୁଇଟି
ଚୁଲ୍ଲୀରେ ବସିଥିବା ହାଣ୍ଡିର କଳାରେ
ଆଙ୍କିବାକୁ ଚେଷ୍ଟା କରେ
ସେଇ ଝାପ୍ସା ଛବି ସବୁକୁ ।
ଭଙ୍ଗା କବାଟର ଫାଙ୍କରୁ
ଜଳଜଳ ଦିଶୁଥାଏ
ଗୋବର ଲିପା ଦାଣ୍ଡରେ
ବିଛାଡ଼ି ହୋଇ ପଡିଥିବା ପଦଚିହ୍ନ
କାହାର ଯେ ?
ଫେରି ଆସିଛି କି ସେ ସମୟ
ଆଉ ଗୋଟେ ନଅଙ୍କ ଦୁର୍ଭିକ୍ଷର ।
ପୁଣି ଫେରିବ ସେଇ ହାହାକାର
ଭୋକ ଶୋଷରେ ଆଉଟୁ ପାଉଟୁ
କଙ୍କାଳ ମାନଙ୍କ
ପାଣି ମୁନ୍ଦିଏ ପାଇଁ ଶୁଭିବ ଆର୍ତ୍ତ ଚିତ୍କାର
ଚାରିଆଡେ କେବଳ ଜିଅନ୍ତା
ମାଳ ମାଳ ନର କଙ୍କାଳ ଅପେକ୍ଷାରତ,
ମୃତ୍ୟୁର, କେବଳ ମୃତ୍ୟୁର ।


+ପୋଷ୍ଟାଲ୍ କଲୋନୀ, ଭବାନୀପାଟଣା,
କଳାହାଣ୍ଡି
ମୋ-୭୦୦୮୯୩୧୫୯୯


## କେବଳ ଆଜିପାଇଁ

ତେଜସ୍ୱିନୀ ପଣ୍ଡା



କେବଳ ଆଜିପାଇଁ
ମୁଁ ତୁମକୁ ପାଏ ଖୁବ୍ ନିକଟରେ
ବାଲିଚର କିନ୍ତୁ ନିସ୍ତେଜ ସକାଳରେ,
ଆଜି ମୋ ଭିତରେ ନାହିଁ
ବଡ଼ଲୋକ ଘର ଝିଅର ଆତ୍ମବଡ଼ିମା,
କି ନାହିଁ ଗମ୍ଭୀରତା ମୋ ନିଃଶ୍ୱାସରେ ।

କେବଳ ଆଜିପାଇଁ
ତୁମ ପ୍ରତି ମୋର ଅନୁରାଗଭରା ଆକର୍ଷଣ
ବାକି ଥିବା ଦିନ ମାନଙ୍କରେ
ମୁଁ ନୁହେଁ ତୁମର କି ତୁମେ ନୁହଁ ମୋର,
ତୁମକୁ ଥରେ ଭେଟିଥିଲି ମୁଁ ସ୍ୱପ୍ନରେ ,
ପୁନଶ୍ଚ ଭେଟିଲି ସେଇ ପରିଚିତ
କିନ୍ତୁ ଭାବଭରା ତିକ୍ତ ସମ୍ବାଦରେ ।

କେବଳ ଆଜିପାଇଁ
ମୋ ଆଖିକୁ ନ ଦେଖି ସମୁଦ୍ରକୁ
ଦେଖ ବିନା ଶୋଚନାରେ,
ତାର ସେଇ ପରିପକ୍ୱ ଦୀର୍ଘଶ୍ୱାସ,
କେତେ ଉତ୍ତପ୍ତ ତା ବିସ୍ତୃତ ଶିରାପ୍ରଶିରା
କେତେ ନିର୍ଜନତା ତା ଭଗ୍ନ ଲହଡ଼ିରେ ।

କେବଳ ଆଜିପାଇଁ
ମୁଁ ତୁମକୁ ଭଲପାଏ
ବଞ୍ଚିଥିବା ଆୟୁଷର ଶେଷ ମୁହୂର୍ତ୍ତରେ,
ଆଉ କିଛି ସମୟ ପରେ କଣ
ହେବ କିଏ ଜାଣେ ?
ହୁଏତ ଏହା ମୋର କି ତୁମର
ଶେଷଦିନର ଶେଷ ଇଚ୍ଛା,
ସବୁଦିନ ଅପରାହ୍ନ ଭଳି ମୁଁ
ଶୋଇଯିବି ତୁମ କୋଳରେ,
ଆଉ ଶୁଣୁଥିବି ଅଧରାତିରେ
ତୁମ ଗୁଣୁଗୁଣୁ ନାନାବାୟା ଗୀତ
କେତେ କ୍ଲାନ୍ତ ଥିବ ତୁମ ଶରୀର
କିନ୍ତୁ ତୁମେ ସଦା ସତେଜ
ମୋ ଭଲପାଇବାରେ ।


+ଜଗତସିଂହପୁର


## ସମ୍ବଲପୁର

ପୁଷ୍ପାଞ୍ଜଳି ପଣ୍ଡା



ସମ୍ବଲପୁର, ତୁମକୁ
ପ୍ରଥମ ପ୍ରେମିକ ପରି
ହୃଦୟର ନିଭୃତ କୋଣରେ
ସ୍ମୃତି ଫରୁଆରେ ବାନ୍ଧି ରଖିଛି ।

ତୁମ କଥା ଭାବି ବସିଲେ
ଛାତି ତଳ ଶିହରି ଉଠୁଛି,
ପଚାଶ ପରର ଶରୀରରେ
ରୋମାଞ୍ଚ ଖେଳି ଯାଉଛି
ଆଃ, ସମ୍ବଲପୁର...!!
ମତେ ନେଇଯାଉଛି ତିରିଶି ବର୍ଷ ତଳକୁ ।

ସେ ମହାନଦୀ , ସେ ହୀରାକୁଦ ,
ଶିଖାଇ ଥିଲା ଜୀବନ ଜୀଇଁବାର ,
ଆଗକୁ ଆଗେଇବାର କଳା ।
ତା ସହିତ
ସମ୍ପୁର୍ଣ୍ଣ ନିଆରା ଥିବା
ଜ୍ୟୋତିବିହାର ।
ଯିଏ ବାଲିଗୁଡାକୁ ଶାଳଗ୍ରାମ କରିଦେଉଥିଲା
ଅପ୍ରେମୀକୁ ପ୍ରେମୀ କରିଦେଉଥିଲା
ସମୟଠୁ ଦି ପାଦ ଆଗକୁ ବଢ଼ିଯାଉଥିଲା ।

ଜୀବନ ସରସ ଲାଗୁଥିଲା
ଓଠ ପ୍ରେମକଥା କହୁଥିଲା
ବ୍ରହ୍ମାଣ୍ଡ ପାଲଟିଥିଲା
ବନ୍ଧୁ ବାନ୍ଧବୀ ଦୁନିଆଁ...!!
ପାହାଚ ସେପାଖରୁ
ମାୟା ଜାଲ ଭରା
ଝାପ୍ସା ଝାପ୍ସା ଛାଇ ଆଲୁଅର ରାତି
ଜନ୍ମ ଦେଉଥିଲା
ଅନେକ ନଗ୍ନ, ମଗ୍ନ ଉଦଗ୍ର କାମନା ।।

ଏବେ ତୁମ ମାୟା ଭରା
ସ୍ନେହ ଭରା ପ୍ରେମ ଭରା
ସହରର ମାୟାକୁ ଛାଡ଼ି
ହଜିଗଲି, ଦୂରେଇଇ ଗଲି,
ଖାଲି ଯାହା ଝୁରି ହେଲି
ଅଦେଖା କୋହ ଭରା
ଝରିପାରୁ ନଥିବା ଲୁହ ସହ ।

ଦୂର ଜହ୍ନକୁ ଦେଖିଲା ପରି
ଏବେ ସମ୍ବଲପୁରକୁ ଦେଖେ
ଜଞ୍ଜାଳ ଭିତରେ ଘାଣ୍ଟି ହୋଇ
ମନ ଝୁରି ହୁଏ ।।

ଆଃ ସମ୍ବଲପୁର
ମୋ ପ୍ରଥମ ପ୍ରେମ
ତୁମକୁ କେବେ କଣ ଭୁଲିହୁଏ...!!


+କେନ୍ଦ୍ରାପଡ଼ା
ମୋ: ୯୮୬୧୪୫୭୫୬୩

## ରାଷ୍ଟ୍ରଗୁରୁ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

### ଅଜିତ କୁମାର ଜେନା

ଗୁରୁବ୍ରହ୍ମା, ଗୁରୁବିଷ୍ଣୁ, ଗୁରୁଦେବ ମହେଶ୍ୱର...। ଏହି ମହାନ ବାଣୀ ଗୁରୁ ଶିଷ୍ୟ ପରମ୍ପରାକୁ ଚିରକାଳ ଉଜ୍ଜୀବିତ କରିଛି। ଗୁରୁ ଭୂମି ଆମର ଏଇ ଭାରତବର୍ଷ। ଭାରତୀୟ ଆଧାତ୍ମିକ ଅନୁଚିନ୍ତନର ଗୁରୁ ହିଁ ସାକ୍ଷାତ୍ ଭଗବାନ। ଶିକ୍ଷା ପାଇଁ ଗୁରୁ ସର୍ବଦା ବନ୍ଦନୀୟ। ଆଉ ଶିଷ୍ୟପାଇଁ ତାଙ୍କ ଆସନ ସବୁବେଳେ ସବୁଠାରୁ ଉଚ୍ଚରେ। ଉତ୍ତମ ଶିକ୍ଷା ପ୍ରଦାନ କରି ଗୁରୁ ଶିଷ୍ୟଙ୍କ ହୃଦୟରେ ଚିରକାଳ ସ୍ଥାନିତ ହୋଇଥାନ୍ତି। ସେହିଭଳି ଜଣେ ମହାନ୍ ରାଷ୍ଟ୍ରଗୁରୁ ଥିଲେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍। ୧୮୮୮ ସେପ୍ଟେମ୍ବର ମାସ ୫ ତାରିଖରେ ତାମିଲନାଡୁର ତିରୁଭାଣୀ ଗାଁରେ ସର୍ବପଲ୍ଲୀ ବୀରସ୍ୱାମୀ ନାମକ ଜଣେ ନୈଷ୍ଠିକ ବ୍ରାହ୍ମଣଙ୍କ ଔରସରୁ ଜାତ ସେହି ମହାନ୍ ପୁରୁଷ ଥିଲେ ଜଣେ ବିଖ୍ୟାତ ପଣ୍ଡିତ। ବାଲ୍ୟକାଳରୁ ଖୁବ୍ ଭୟାଳୁ ଓ ଲଜ୍ୟାଶୀଳ ଥିବା ରାଧାକ୍ରିଷ୍ଣନ୍ କୌଣସି ଆଲୋଚନାରେ ଭାଗ ନେଉନଥିଲେ ମାତ୍ର ଯାହା ଦେଖୁଥିଲେ ଓ ପଢୁଥିଲେ ଏହାକୁ ଏକାନ୍ତରେ ବସି ମନେମନେ ତାକୁ ବିଚାର ଓ ଆଲୋଚନା କରୁଥିଲେ।

ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ଅଧିକ ସଞ୍ଜମୀ କରିଥିଲା। ବହୁ ଗୁଣର ଅଧିକାରୀ ରାଧାକ୍ରିଷ୍ଣନ୍ ଭାରତୀୟ ସଂସ୍କୃତିକୁ ସର୍ବାଗ୍ରେ ସମ୍ମାନ ଦେବା ସହିତ ନିଜ କାର୍ଯ୍ୟରେ ମଧ ପାଳନ କରୁଥିଲେ। ସେ ଥିଲେ ଜଣେ ଜ୍ଞାନୀ, ମହାନ୍ ଶିକ୍ଷାବିତ୍, ରାଜନୀତିଜ୍ଞ, ଦାର୍ଶନିକ ତଥା ସୁବକ୍ତା। ପ୍ରକୃତରେ ସେ ଥିଲେ ପୃଥିବୀର ଜ୍ଞାନଦାତା। ୧୨୦ ଖଣ୍ଡ ପୁସ୍ତକ ରଚନା କରିଥିବା ଏହି ମହାନ୍ ପୁରୁଷ ୪୦ବର୍ଷ ଶିକ୍ଷକତା ଜୀବନ ଅତିବାହିତ କରି ପୃଥିବୀବାସୀଙ୍କ ହୃଦୟରେ ସ୍ଥାନିତ ହୋଇଥିଲେ। ସେ କହୁଥିଲେ ଯେ, ଭାରତୀୟ ଶିକ୍ଷକଙ୍କ ଆଖିରେ ରହିଛି ମ୍ୟାଜିକ୍, କଣ୍ଠରେ ସଙ୍ଗୀତର ମୂର୍ଚ୍ଛନା ଏବଂ ମୁଖରେ ମାଧୁର୍ଯ୍ୟର ଅରୁଣିମା। ତାଙ୍କର ପାଣ୍ଡିତ୍ୟ ଓ ଧୀଶକ୍ତିକୁ ସମ୍ମାନ ଜଣାଇ ମଙ୍ଗୋଲିଆ ସରକାର ତାଙ୍କୁ 'ଜ୍ଞାନଗୁରୁ' ଉପାଧିରେ ଭୂଷିତ କରିଥିଲେ। ମାଡ୍ରାସ କଲେଜରେ ଅଧ୍ୟାପକ ଥିଲାବେଳୁ ସେ ଛାତ୍ରମାନଙ୍କର ଅତିପ୍ରିୟ ଥିଲେ। ତାଙ୍କର ଅଗାଧ ପାଣ୍ଡିତ୍ୟ ହେତୁ ୩୦ବର୍ଷ ପୂର୍ବରୁ ତାଙ୍କୁ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ପାଇଁ ସୁଯୋଗ ମିଳିଥିଲା।

୧୯୪୫ ମସିହାରେ ଋଷିଆର ଶାସକ ଥା'ନ୍ତି ଷ୍ଟାଲିନ୍। କୌଣସି ଦେଶର ରାଷ୍ଟ୍ରପତିଙ୍କୁ ସହଜରେ ସ୍ୱୀକୃତ ଦେଉନଥିବା ଷ୍ଟାଲିନ୍ ଭାରତ ଦ୍ୱାରା ଋଷିଆରେ ରାଷ୍ଟ୍ରଦୂତ ଭାବେ ନିଯୁକ୍ତ ଜଣେ ପ୍ରତିଭାବାନ ଶିକ୍ଷକଙ୍କୁ ସ୍ୱୀକୃତି ପ୍ରଦାନ ସହିତ ନିଜେ ସାକ୍ଷାତ ପାଇଁ ଆସିଥିଲେ। ସେହି ପରମପୂଜ୍ୟ ଗୁରୁ ହେଉଛନ୍ତି ଆମ ସ୍ୱାଧୀନ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍। ୧୯୩୧ରୁ ୧୯୩୬ ମସିହା ଯାଏ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଏବଂ ୧୯୩୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର



କୁଳପତି ଭାବେ ଦକ୍ଷତାର ସହିତ କାର୍ଯ୍ୟ ନିର୍ବାହ କରି ସମସ୍ତଙ୍କର ପ୍ରିୟପାତ୍ର ହୋଇଥିଲେ ଏହି ମହାନ୍ ଶିକ୍ଷାବିତ୍ ଜଣକ। ୧୯୫୨ ମସିହାରେ ଆମ ଦେଶର ଉପରାଷ୍ଟ୍ରପତି ପଦ ଏବଂ ୧୯୬୨ରେ ପାଞ୍ଚବର୍ଷ ପାଇଁ ଭାରତର ପ୍ରଥମ ନାଗରିକ ତଥା ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ସିଂହାସନ ଅଳଂକୃତ କରି ଦେଶବାସୀଙ୍କର ଶ୍ରଦ୍ଧାବାନ ହୋଇପାରିଥିଲେ। ସେ ଜଣେ ଦକ୍ଷ ଶିକ୍ଷକ ଥିଲେ କିନ୍ତୁ ରାଜନୀତିରେ ସଂପୃକ୍ତ ନଥାଇ ମଧ ରାଜନୀତିର ସର୍ବୋଚ୍ଚ ଆସନ ଅଳଂକୃତ କରିଥିଲେ, ଯାହା ସମଗ୍ର ବିଶ୍ୱପାଇଁ ବିରଳ। ସେ ଜଣେ ମାତ୍ର ରାଷ୍ଟ୍ରପତି ଥିଲେ ଯିଏକି ସପ୍ତାହରେ ଦୁଇଦିନ ବିନା ଅନୁମତିପତ୍ରରେ ସର୍ବସାଧାରଣଙ୍କ ସହିତ ସାକ୍ଷାତ ଆଲୋଚନା କରୁଥିଲେ। ଏକଦା ବିଦେଶରେ ଜଣେ ବ୍ୟକ୍ତି ଦେଶର ବୈଜ୍ଞାନିକ ପ୍ରଗତି ବିଷୟରେ ତାଙ୍କ ବିଚାର କ'ଣ ବୋଲିପଚାରିଲେ। ସେ ବିନମ୍ର ଭାବରେ ଉତ୍ତର ରଖିଲେ - ମହାଶୟ! ଆପଣଙ୍କ ଦେଶରେ ପର୍ଯ୍ୟାପ୍ତ ବୈଜ୍ଞାନିକ ପ୍ରଗତି ହୋଇଛି। ପକ୍ଷୀଭଳି ଆକାଶରେ ଉଡ଼ି ପାରୁଛନ୍ତି। ମାଛ ଭଳି ପାଣିରେ ପହଁରି ପାରୁଛନ୍ତି। କିନ୍ତୁ ସାଂସ୍କୃତିକ ପ୍ରଗତି ଅଭାବରୁ ମନୁଷ୍ୟଭଳି ଧରିତ୍ରୀ ମାତା କୋଳରେ ବାସ କରିବା ଶିଖିନାହାନ୍ତି। ଏହା ହିଁ ଥିଲା ତାଙ୍କ ନିର୍ଭିକତାର ପରିଚୟ।

ତାଙ୍କର ଅସାଧାରଣ ସ୍ମରଣଶକ୍ତି ଓ ଓଜସ୍ୱିନୀ ଭାଷଣରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଥାନ୍ତି। ଥରେ ବଯେରେ କେତେକ ବ୍ୟକ୍ତି ତାଙ୍କର ପାଣ୍ଡିତ୍ୱକୁ ପରୀକ୍ଷା କରିବା ପାଇଁ ଗୋଟିଏ ସଭାରେ ଭାଷଣ ଦେବାକୁ ଅନୁରୋଧ କଲେ। ମାତ୍ର ସଭାରେ ବକ୍ତୃତା ଦେବାକୁ ଠିଆହେବା ଠିକ୍ ପୂର୍ବରୁ ତାଙ୍କୁ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଜଣାଇଦିଆଗଲା। ସଙ୍ଗେସଙ୍ଗେ ତାଙ୍କର ପାଣ୍ଡିତ୍ୱପୂର୍ଣ୍ଣ ତଥା ସାରଗର୍ଭକ ଭାଷଣ ଉପସ୍ଥିତ ଶ୍ରୋତାଙ୍କୁ ଆଶ୍ଚର୍ଯ୍ୟ କରିଥିଲା ଏବଂ ସମଗ୍ର ସଭାସ୍ଥଳ କରତାଳିରେ ପ୍ରକମ୍ପିତ ହେଲା। ଛାତ୍ର ଅବସ୍ଥାରୁ ରାଧାକ୍ରିଷ୍ଣନ୍ ପ୍ରତ୍ୟେକ କାମକୁ ଠିକ୍ ସମୟରେ କରୁଥିଲେ ଯାହାକୁ କି ସମୟାନୁବର୍ତ୍ତିତା କୁହାଯାଏ।

ସେହି ମହାନ ଗୁରୁଙ୍କୁ ୧୯୫୪ ମସିହାରେ ମିଳିଥିଲା ଭାରତର ସର୍ବୋତ୍ତମ ଉପାଧି 'ଭାରତରତ୍ନ'। ଏହି ଦକ୍ଷଗୁରୁ ସମାଜସେବୀ ତଥା ରାଷ୍ଟ୍ରନୀତିଜ୍ଞଙ୍କ ମହାପ୍ରୟାଣ ଘଟିଲା ୧୯୭୫ ମସିହା ଏପ୍ରିଲ୍ ୧୭ ତାରିଖରେ।

୧୯୬୨ ମସିହାରେ ରାଷ୍ଟ୍ରପତି ହେବା ପରେ ସେହିବର୍ଷ କିଛି ଶିଷ୍ୟ ଏବଂ ପ୍ରଶଂସକ ତାଙ୍କର ଜନ୍ମଦିବସରେ ତାଙ୍କୁ ପୂଜା କରି ଗୁରୁଦିବସ ପାଳନ କରିବେ ବୋଲି ଅନୁରୋଧ କଲେ। ସେହିବର୍ଷ ତାଙ୍କ ଜନ୍ମତିଥିକୁ ଗୁରୁଦିବସ ରୂପେ ପାଳିବାର ନିଷ୍ପତ୍ତି ନିଆଗଲା। କିନ୍ତୁ ସେ ଏହାକୁ ତାଙ୍କର ଜନ୍ମଦିବସ ରୂପେ ପାଳନ ନକରି ଶିକ୍ଷକ ଜାତିକୁ ଉତ୍ସର୍ଗ କରିଥିଲେ। ଏହିଦିନ ଅର୍ଥାତ୍ ସେପ୍ଟେମ୍ବର ୫ ତାରିଖକୁ ସମଗ୍ର ଦେଶରେ ଗୁରୁଦିବସ ରୂପେ ପାଳନ ହୋଇଆସୁଛି ଏବଂ ଛାତ୍ରଛାତ୍ରୀମାନେ ଗୁରୁଙ୍କୁ ପୂଜା କରିବା ସହିତ ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନ୍‌ଙ୍କୁ ସ୍ମରଣ କରିଥାନ୍ତି।

ଆସନ୍ତୁ ସେହି ପ୍ରଖ୍ୟାତ ଦାର୍ଶନିକ, ଶ୍ରେଷ୍ଠ ଜନନାୟକ, ବନ୍ଦନୀୟ ଶିକ୍ଷକ, ରାଷ୍ଟ୍ରଗୁରୁ ତଥା ସ୍ୱାଧୀନ ଭାରତର ସ୍ମରଣୀୟ ରାଷ୍ଟ୍ରପତିଙ୍କୁ ସମ୍ମାନ ଜଣାଇବା, ସ୍ମରଣ କରିବା ଆଉ ପ୍ରଣାମ କରିବା।


+ରଘୁନାଥ ଉଚ୍ଚ ବିଦ୍ୟାଳୟ,
ରାଇକମା, ମୟୁରଭଞ୍ଜ,
ମୋ : ୯୪୩୭୭୪୪୫୮୫


## ଆଦ୍ୟ ଗୁରୁ ପିତା ମାତା

### ସନ୍ତୋଷ କୁମାର ଅଦାବର

ଯିଏ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରୀଭୂତ କରି ଜ୍ଞାନ ରୂପକ ଆଲୋକ ପ୍ରଦାନ କରିଥା'ନ୍ତି, ସିଏ ଆମ ଗୁରୁ । ଗୁରୁଙ୍କର ଶିକ୍ଷା ବିନା କୌଣସି କାର୍ଯ୍ୟ କରିବା ଅସମ୍ଭବ। ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସେ ସମାଜରେ ଜନ୍ମ ନିଏ, ବଢ଼ିଥାଏ ଏବଂ ଶେଷରେ ଏଇଠି ହିଁ ଜୁଇଚିତାରେ ତା'ର ଶରୀରର ସମାପ୍ତି ଘଟିଥାଏ । ମନୁଷ୍ୟର ଜନ୍ମଦାତା ପିତା ମାତା ତାକୁ ଲାଳନ ପାଳନ କରିଥା'ନ୍ତି। କୁମ୍ଭାର ଯେମିତି କଞ୍ଚା ମାଟିକୁ ବିଭିନ୍ନ ଆକାର ଦେଇଥାଏ,ଠିକ୍ ସେହିଭଳି ଶିଶୁଟିଏ ଜାଣିବା ପରଠୁ ତା'ର ପିତା ମାତା ତାକୁ ଶିକ୍ଷା ଏବଂ ସଂସ୍କାର ଦେଇ ଭଲ ମଣିଷଟିଏ ଗଢ଼ିବାକୁ ସତତ ଚେଷ୍ଟା କରି ଥାଆନ୍ତି । ଶିଶୁର ଶିକ୍ଷା ଏବଂ ସଂସ୍କାରର ମୂଳଦୁଆକୁ ସଶକ୍ତ କରିବାରେ ପିତା ଏବଂ ମାତାଙ୍କର ବଳିଷ୍ଠ ଭୂମିକାର ଆବଶ୍ୟକତା ରହିଛି । ଜଣେ ଭଲ ମଣିଷ ହେବା ପାଇଁ ଉଭୟ ଶିକ୍ଷା ଏବଂ ସଂସ୍କାରର ଆବଶ୍ୟକତା ରହିଛି,ଯାହା ସର୍ବ ପ୍ରଥମେ ନିଜ ପିତା ମାତାଙ୍କ ଠାରୁ ମିଳିଥାଏ । କେବଳ ଜନ୍ମ କରିଦେଇ ଛୋଟରୁ ବଡ଼ କରି ଦେଲେ ପିତା ମାତାଙ୍କର ଦାୟିତ୍ୱ ସରିଯାଏ ନାହିଁ । ଏହାକୁ କେବଳ ଶିଶୁଟିର ବାହ୍ୟିକ ଗଠନର ବିକାଶ କରିଛନ୍ତି ବୋଲି କହିବା । ବର୍ତ୍ତମାନର ବସ୍ତୁବାଦୀ ବ୍ୟସ୍ତବହୁଳ ଜୀବନରେ ନିଜ ପିଲା ପାଇଁ



ଯଥେଷ୍ଟ ସମୟ ଦେଇ ତା'ର ସର୍ବାଙ୍ଗୀନ ବିକାଶରେ ପ୍ରତ୍ୟେକ ପିତାମାତା ଯତ୍ନବାନ ହେବା ଉଚିତ । ନିଜ ସନ୍ତାନକୁ ଶିକ୍ଷା ଦେବାର ଅର୍ଥ ନୁହେଁ ମୋଟା ଅଙ୍କର ଦରମା ଏବଂ ପଦବୀରେ ଆସୀନ ହେବା ପାଇଁ ଚାକିରି କରିବାର ଲକ୍ଷ୍ୟ କରାଇବା। ଏଭଳି ଶିକ୍ଷା ମିଳିବା ଆବଶ୍ୟକ ଯାହା ଶିଶୁଟିର ଶାରୀରିକ, ମାନସିକ ତଥା ଆତ୍ମିକ ବିକାଶ ହେଉଥିବ ଏବଂ ଏଭଳି ଶିକ୍ଷା ଦେବାରେ ପ୍ରଥମେ କେବଳ ପିତାମାତାଙ୍କର ହିଁ ଭୂମିକା ଏବଂ ଦାୟିତ୍ୱ ରହିଛି । ଯଦିଓ ଗୁଣସୂତ୍ର ଦୃଷ୍ଟିରୁ ପିତାମାତାଙ୍କର କିଛି ଗୁଣ ଶିଶୁ ଠାରେ ପରିଲକ୍ଷିତ ହୁଏ, ତଥାପି ନମ୍ରତା, କ୍ଷମାଶୀଳ, ପରୋପକାର, ସାହାଯ୍ୟ ଆଦି ସାମାଜିକ ଗୁଣ ଗୁଡ଼ିକର ଶିକ୍ଷାକୁ ଶିଶୁଟିଏ ତା'ର ପିତାମାତା ଠାରୁ ହିଁ ଶିଖିଥାଏ । ଯେହେତୁ ଶିଶୁମାନେ ଅନୁକରଣ ଏବଂ ଅନୁସରଣ ପ୍ରିୟ, ତେଣୁ ଯେଉଁ ପିତାମାତାଙ୍କ ପାଖରେ ପୂର୍ବରୁ କିଛି ବଦଗୁଣ ରହିଛି ସେସବୁକୁ ପରିତ୍ୟାଗ କରି ଶିଶୁ ବା ନିଜ ସନ୍ତାନ ସମ୍ମୁଖରେ ଉପଯୁକ୍ତ ଆଚରଣ କରିବା ଆବଶ୍ୟକ। ନିଜର ସନ୍ତାନ ଭବିଷ୍ୟତରେ ଜଣେ 'ବଡ଼ ମଣିଷ' (ଆର୍ଥିକ ରୋଜଗାର ଦୃଷ୍ଟିରୁ) ହେବା ପାଇଁ ପିତାମାତାଙ୍କର ଯେତିକି ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି, ପିଲାଟି ସୁଶିକ୍ଷା ଏବଂ ସଂସ୍କାର ପାଇ ଗୋଟିଏ 'ଭଲ ମଣିଷ' କରି ଗଢ଼ିବାର ସେତିକି ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି । ସର୍ବୋପରି ପ୍ରତ୍ୟେକ ପିତା ମାତା ନିଜ ଶିଶୁ ପାଇଁ ଗୁରୁ ଭାବରେ ଗୁରୁଦାୟିତ୍ୱ ଗ୍ରହଣ କରି ବନ୍ଧୁ,ଦାର୍ଶନିକ ଏବଂ ପଥ ପ୍ରଦର୍ଶକ ଭୂମିକା ତୁଲାଇ ପାରିଲେ ସମାଜର ଉନ୍ନତି ହୋଇପାରିବ।


+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮


## ସ୍ମୃତିରେ ମୋ ମାଟି... ମୋର ଗୁରୁ ମା

### ଦୀପ୍ତି ମିଶ୍ର

ସାରା ଜଗତ ଅନ୍ଧାରରେ
କଡ ଲେଉଟାଉ ଥିବା ବେଳେ
ମୋ ଜୀବର ଆତ୍ମସତ୍ତା
ମା ଗର୍ଭରୁ ମାଟି ମା'କୁ
ସ୍ପର୍ଶ କରିବାକୁ ଆତୁରତା
ବାଣ୍ଟିବାରେ ଲାଗିପଡ଼ିଥିଲା
ଆଉ ଠିକ୍ ସିନ୍ଦୂରା ଫାଟିବାର
ଅବ୍ୟବହିତ ପୂର୍ବରୁ
ମୋତେ କୋଳେଇ ନେଇଥିଲା
ମୋ ମାଟି ମା' .....
ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ମିଳିଥିଲା
ମୋ ଗର୍ଭ ଧାରିଣୀକୁ....
ମୋ ଜନ୍ମ ପରେ ହିଁ
ନୂତନ ସୂର୍ଯ୍ୟୋଦୟର
ନବ ପାହାନ୍ତିର
ଶୀତଳତା ପୁଲକିତ
କରିଥିଲା ମୋତେ ।
ମାଟି ମା' କୋଳ
ମୋତେ ଦେଇଥିଲା
ଏକ ସ୍ଥିର ନିଶ୍ଚିତ ଜୀବନର
ସୁନ୍ଦର ପରିକଳ୍ପନା .....
ତା କୋଳରେ ପଡି ମୁଁ
ତାଜା ହୋଇଗଲି...
ପାଣି ପବନ ମୋତେ
ଦେଲା ବଞ୍ଚିବାର ଖୋରାକ,
ଶରୀର ହୋଇଲା ପରିପୁଷ୍ଟ
ତାରି ଖାଦ୍ୟରେ....
ତାରି ଧୂଳି ବାଲିରେ
ମୋ ଦେହ କେତେ ଯେ
ନ ଭିଜିଛି ତାର ହିସାବ
ନାହିଁ ମୋ ପାଖରେ ।
ତାର ବରଷା ଖରା,
ତାର ଶୀତର ଆଶ୍ଲେଷ
ମଧୁ ହେମନ୍ତର
ଟୋପା ଟୋପା କାକର
ଭେଦି ଯାଇଛି ଯେଉଁ ଦେହରେ....
ଯା'ର ସ୍ନେହର ପଣତ
ବଢ଼ାଇଛି ମୋ ମୁଖର ମାଧୁରିମା
ତାକୁ କଣ ଭୂଲିହେବ ସହଜରେ ?
ସେହି ମାଟି ମା'
ମୋତେ ଦେଇଛି ଶିକ୍ଷା
ଦେଇଛି ସଂସ୍କାର,
ଶିଖାଇଛି ମଧୁରତା
ଶିଖାଇଛି ଭଦ୍ରତା.....
ଦେଇଛି ଆଜି ଯାଏ ବାଟ ଚାଲିବାର
ସୁନ୍ଦର ଦିଗ୍ଦର୍ଶନ ,
ଅଦୃଶ୍ୟ ସାଥୀ ଟିଏ ଯିଏ ମୋର
ସୁଖ ଓ ଦୁଃଖରେ
ଦୂରରେ ଥିଲେ ବି
ଶୁଭାଶିଷ ଢାଳୁ ଥାଏ
ମଥା ପରେ ମୋର...
ଆଜି ବୟସର ଅପରାହ୍ନରେ
ତା' ଠାରୁ ଦୂରରେ ଥାଇ
ଭୁଲିବି କେମିତି ମୁଁ....
ଆଖି ଲୁହରେ ଧୋଉଛି ତାର ପାଦ
ଝିଅଟିଏ ହୋଇ ଆଉ
କଣ ବା କରି ପାରନ୍ତି
ମୋ ମାଟି ମା'ର
ଯିଏ ମୋର ଖାଲି ମାଟି ମା' ନୁହେଁ
କହିବି... ମୋର ଗୁରୁ ମା'
ଚିର ପୂଜ୍ୟା ଚିର ବନ୍ଦନୀୟା
ତାର ପାଦ ତଳେ ମୋର ଅସରନ୍ତି
ଭକ୍ତି ଭରା ଅଶେଷ ପ୍ରଣାମ ।


+ବାରିପଦା
ମୋ -୬୩୭୦୨୧୨୯୧୮


## ଗୁରୁ ଓ ରାଧାକ୍ରିଷ୍ଣନ୍

ଗୁରୁ ସଂପର୍କରେ ଅନେକ କଥା ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ସଧାରଣ ଅର୍ଥରେ ଆମେ ଜାଣୁ ଯିଏ ଆମକୁ ଅନ୍ଧକାରରୁ ଆଲୋକର ପଥ ଦେଖାଇଥାନ୍ତି ସେ ହିଁ ଗୁରୁ। ଦୈନନ୍ଦିନ ଜୀବନରେ ଆବଶ୍ୟକତା ପୂରଣ କରିବାକୁ ଯିଏ ବିଭିନ୍ନ ପ୍ରକାର ଶିକ୍ଷା ପ୍ରଦାନ କରିଥାନ୍ତି ସେ ଗୁରୁ। ଗୃହରେ ମାତା ପିତା, ବିଦ୍ୟାଳୟ ଏବଂ ଅନୁଷ୍ଠାନରେ ଶିକ୍ଷକ ଓ ଶିକ୍ଷୟିତ୍ରୀ,ତଥା ଯିଏ ମଣିଷକୁ ନୂତନ ଶିକ୍ଷା ପ୍ରଦାନ କରିଥାଏ ତାଙ୍କୁ ଆମେ ଗୁରୁ

ପଦବାଚ୍ୟ କରି ଯଥାମାନ୍ୟ ଶ୍ରଦ୍ଧା ଓ ସମ୍ମାନ ପ୍ରଦାନ କରିଥାଉ। ବାସ୍ତବିକ ଜୀବନରେ ଗୁରୁର ଆବଶ୍ୟକତା ଅତ୍ୟନ୍ତ ଆବଶ୍ୟକ କାରଣ ବିନା ଗୁରୁରେ କିଛି ଶିଖିବା ସମ୍ଭବପର ନୁହଁ।ଗୁରୁଙ୍କୁ କିଏ କେଉଁ ସ୍ଥାନରେ ବସେଇବ ଶିଷ୍ୟ ଉପରେ ନିର୍ଭର କରେ।ନିତ୍ୟ ଚଳଣୀରେ ଗୁରୁଙ୍କ ପଦାଙ୍କ ଅନୁସରଣ କଲେ ଭୈତିକ ଭୋଗବିଳାସ,ସୁଖ, ମାନମର୍ଯ୍ୟାଦା, ପ୍ରତିଷ୍ଠା ମିଳିଥାଏ। ଗୁରୁ ପ୍ରାପ୍ତି ପରେ ଅନେକ କୌଶଳ ଶିକ୍ଷାଲାଭ କରିବାକୁ ମିଳିଥାଏ। ସାଧାରଣରେ ଜୀବନରେ ଯାହା ଆବଶ୍ୟକତା ରହିଛି ତାହା ପ୍ରାପ୍ତିର ଯିଏ ଶିକ୍ଷା ଦିଅନ୍ତି ସେ ଗୁରୁ ପଦବାଚ୍ୟ। ଗୁରୁ ମିଳିବା ସହଜସାଧ କିନ୍ତୁ ସଦଗୁରୁ ମିଳିବା ବଡ କଠିନ। ଯିଏ ଶିଷ୍ୟକୁ କର୍ଣ୍ଣ ମାର୍ଗରେ ଦୀକ୍ଷାପ୍ରଦାନ କରି ସଂସାରରେ ଜନ୍ମ ହେବାର ଲକ୍ଷ୍ୟ ବିଷୟରେ ଅବଗତ କରି ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତିଲାଭ କରିବା ପାଇଁ ପଥ ପ୍ରଦର୍ଶନ କରନ୍ତି ସେ ହିଁ ସଦଗୁରୁ ଅଟନ୍ତି। ଯେତେବେଳେ ଶିଷ୍ୟ ସଦଗୁରୁଙ୍କୁ ପ୍ରଣାମ କରେ ସେତେବେଳେ ସାକ୍ଷାତ ଭଗବାନଙ୍କ ପ୍ରତିନିଧି ସ୍ୱରୂପରେ ଆଶୀର୍ବାଦ କରିଦିଅନ୍ତି। ଶିଷ୍ୟଟିଏ ଦୀନହୀନ ଆର୍ତ୍ତଭାବରେ ଗୁହାରୀ ଜଣାଇଲେ ସଦଗୁରୁଦେବ ବର୍ଷ ବର୍ଷର ନିଜ ତପସ୍ୟା, ସାଧନାର ପୂଣ୍ୟଫଳ ଦେବାପାଇଁ ଆଗଭର ହେଇଯାଆନ୍ତି। ଶିଷ୍ୟ ମନରେ ଯଦି ଶଙ୍କା, ଆଶଙ୍କା, ପ୍ରଶ୍ନଜାତ ହୁଏ ସଦଗୁରୁ ଶାସ୍ତ୍ର ରୂପେ ସମସ୍ତ ଜ୍ଞାନ ପ୍ରଦାନ କରି ଭ୍ରାନ୍ତି ଦୂର କରିଥାନ୍ତି। ସଦଗୁରୁ ପ୍ରତି ଶିଷ୍ୟ ଭକ୍ତି, ବିଶ୍ୱାସ, ସେବା ସମର୍ପଣ କରି ଆଦେଶ ପାଳନ କରେ ତଥା ବିଭିନ୍ନ ଅଜ୍ଞାତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଶିଷ୍ୟର ନାମ,କୂଳ,ଗୋତ୍ର ପରିବର୍ତ୍ତନ କରି ଦିବତ୍ୱ ଭାବ ପ୍ରଦାନ କରିଥାନ୍ତି। ଆଶାନ୍ତ ବିଚଳିତ ହୋଇ ଶିଷ୍ୟର ମନ ଅସ୍ଥିର ହେଲେ ସଦ୍ ଗୁରୁଙ୍କ ଅମୀୟବୋଲା ବାକ୍ୟ ଯଦି ଶିଷ୍ୟ ମନେପକାଏ ତେବେ ତତକ୍ଷାଣାତ୍ ଦିବ୍ୟ ଶାନ୍ତ ଭାବକୁ ପ୍ରାପ୍ତ କରିଥାଏ।ଯଦି ସାଧାରଣ ବ୍ୟକ୍ତି ଟିଏ ସଦଗୁରୁଙ୍କ ଶରଣାପନ୍ନ ହେଲେ ବ୍ୟକ୍ତିକୁ ଆଧାତ୍ମିକ ମାର୍ଗର ପଥିକ କରାଇ ଈଶ୍ୱରୀୟ ସତ୍ତାନୁଭବ କରାଇଦିଅନ୍ତି। ଶିଷ୍ୟ ଯେତେବେଳେ ସଂସାରର ଭୋଗ ବିଳାସକୁ ତୁଚ୍ଛ ମନେକରି ନିଜକୁ

### ମୋହନ ଚରଣ ବିଷି

ସଦଗୁରୁଙ୍କ ଠାରେ ସମର୍ପି ଦେଲେ ମଣିଷ ଜନ୍ମର ବାସ୍ତବତାକୁ ଉପଲଛି କରାଇ ଭବସାଗରୁ ପାର ହେବାର ମାର୍ଗଦର୍ଶନ କରାନ୍ତି।ଶିଷ୍ୟ ଯେତେବେଳେ ନିଜ ଜୀବନକୁ ଅନାବଶ୍ୟକ ବୋଝ ଓ ବିରକ୍ତି ଭଳି ଅନୁଭବ କରେ ସେତେବେଳେ ସଦଗୁରୁ ମନୁଷ୍ୟର ଦିବ୍ୟତା, ଅମୂଲ୍ୟତା,ଭଗବତ୍ ସତ୍ତା ଆତ୍ମତତ୍ୱର ଜ୍ଞାନ ପ୍ରଦାନ କରି ଏକ ସୁନ୍ଦର, ଶାଶ୍ୱତ,ପବିତ୍ର ଜୀବନ ନିର୍ବାହର ପଥ ଦେଖାଇ ଦିଅନ୍ତି।

ଗୁରୁ ସଂପର୍କରେ ଅନେକ ଶାସ୍ତ୍ରରେ ଆଲୋଚନା କରାଯାଇଛି। ବିନୁ ଭବନିଧି ତରଇ ନ କୋଇ,ଜୋ ବିରଞ୍ଚି ଶଙ୍କର ସମ ହୋଇ'। ଶାସ୍ତ୍ର କହେ ସମସ୍ତଙ୍କ ଗୁରୁଥିଲେ ରାମଙ୍କର ଗୁରୁ ବଶିଷ୍ଠ,କୃଷ୍ଣଙ୍କର ସନ୍ଦିପନି। ବିନା ଗୁରୁରେ ଭବ ସାଗର ପାରିହୋଇ ପାରିବା ନାହିଁ। ଭଗବାନ ବିଷ୍ଣୁ କି ଶିବ ଶଙ୍କର ପରି ହେଲେ ମଧ ଗୁରୁ ବିନା ସଂସାରରୁ ମୁକ୍ତି କାହିଁ ?

ପୁଣି ମାନସରେ ତୁଳସୀ ଦାସଜୀ କଲମ କରିଛନ୍ତି-'ବଳଉଁ ଗୁରୁପଦ କଂଜ କୃପାସିନ୍ଧୁ ନରରୂପ ହରି,ମହା ମୋହ ତମ ପୁଂଜ ଜାସୁ ବଚନ ରବିକର ନିକର' ।ଗୁରୁ ନର ସିଏ ମୋ ପରମ ବନ୍ଧୁ, ଯିଏ ମୋତେ ଗାଳି ଦିଏ ସିଏ ମୋତେ ମଲ୍ଲୀ ହାର ପିନ୍ଧାଏ'।

ଗୁରୁ ସତ୍ତା ହିଁ ଏକ, ଭେଦଭାବ ରଖିଲେ ଶିଷ୍ୟମାନଙ୍କୁ ପରିପୂର୍ଣ୍ଣ ଜ୍ଞାନ ପାଇବାରୁ ବଞ୍ଚିତ ରଖିଥାଏ। ସେ ଶିକ୍ଷାଗୁରୁ ହୁଅନ୍ତୁ କି ଦୀକ୍ଷା ଗୁରୁ କିମ୍ବା ଆଦ୍ୟଗୁରୁ ପିତାମାତା ଯାହାଙ୍କଠାରୁ ଆମେ କିଛି ଶିକ୍ଷା ଲାଭ କରୁ ସେ ହିଁ ଗୁରୁ। ଆଉ ଜୀବନ ଚକ୍ରରୁ ନିର୍ବାଣ ପାଇଁ ଯିଏ ଦିବ୍ୟ ଜ୍ଞାନ ପ୍ରଦାନ କରନ୍ତି ସେହିଁ ସଦଗୁରୁ ପଦବାଚ୍ୟ। ଗୁରୁଙ୍କ ଆସନ ସହସ୍ରାର ଚକ୍ରରେ। ସେହି ପାଦାମୃତ ପାନ କଲେ ମନୁଷ୍ୟ ଧନ୍ୟ ହୋଇଥାଏ। ଏତେ ଜ୍ଞାନ ଅଛି ଅନେକ ଥର ଜନ୍ମ ନେଲାପରେ ମଧ ଶିଖିହେବ ନାହିଁ। କିନ୍ତୁ



ଗୁରୁଗୀତାରେ କୁହାଯାଉଛି- 'ଗୁରୁଃବ୍ରହ୍ମା ଗୁରୁଃବିଷ୍ଣୁ ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈଶ୍ରୀଗୁରବେ ନମଃ'। ଗୁରୁ ସାକ୍ଷାତ ସଚ୍ଚିଦାନନ୍ଦ ପରଂବ୍ରହ୍ମ ବ୍ରହ୍ମା,ବିଷ୍ଣୁ, ମହେଶ୍ୱରଙ୍କ ସ୍ୱରୂପ ଅଟନ୍ତି। ବ୍ରହ୍ମା ଯେମିତି ସୃଷ୍ଟି କରନ୍ତି; ଗୁରୁ ମଧ ଜ୍ଞାନ ବିତରଣ କରି ଶିଷ୍ୟ ସୃଷ୍ଟି କରନ୍ତି। ବିଷ୍ଣୁ ସୃଷ୍ଟି ପାଳନ କରନ୍ତି ଠିକ୍ ସେହିପରି ଗୁରୁ ମଧ ତାଙ୍କ ଜ୍ଞାନ ଦାନ କରି ଶିଷ୍ୟମାନଙ୍କୁ ସଂସାରରେ ବଞ୍ଚିବାର ମାର୍ଗ ପ୍ରଦର୍ଶିତ କରନ୍ତି। ଯେମିତି ମହେଶ୍ୱର ସଂହାର କରନ୍ତି ଗୁରୁ ମଧ ଶିଷ୍ୟ ମାନଙ୍କର ଅହଙ୍କାର ଦମନ କରନ୍ତି। ତେଣୁ ଗୁରୁଙ୍କୁ ପରଂବ୍ରହ୍ମ କୁହାଯାଇଛି। 'ଗୁରୁ ଗୋବିନ୍ଦ ଦୋନୋ ଖଡେ କାକେ ଲାଗୁଁ ପାୟ, ବଳିହାରୀ ଗୁରୁ ଅପନେ ଗୋବିନ୍ଦ ଦୈୟୋ ବତାୟ'। ଗୁରୁ କେତେ ଗରୀୟାନ କବିରଙ୍କ ଏହି ଦୋହାରୁ ସ୍ପଷ୍ଟ ସଂକେତ ମିଳେ।ଯିଏ ଗୋବିନ୍ଦଙ୍କ ଠିକଣା ବତାଇ ଦିଅନ୍ତି,ଗୋବିନ୍ଦଙ୍କୁ ପ୍ରାପ୍ତିର ମାର୍ଗ ଦର୍ଶନ କରେଇ ଦିଅନ୍ତି ସେହି ଗୁରୁ ପ୍ରଥମେ ବନ୍ଦନୀୟ। ଗୁରୁ ବିନା କଣ ଗୋବିନ୍ଦଙ୍କ ଦର୍ଶନ ସମ୍ଭବ? ରାମ ଚରିତ ମାନସରେ ଗୋସ୍ୱାମୀ ତୁଳସୀ ଦାସଜୀ କହିଲେ-'ଗୁରୁ ରୂପରେ ନାରାୟଣ ଅଟନ୍ତି।ସୂର୍ଯ୍ୟ ଉଦୟ ହେଲେ ଯେମିତି ଅନ୍ଧକାର ଚାଲିଯାଏ, ଗୁରୁଙ୍କ ଜ୍ଞାନ ବିତରଣରେ ଶିଷ୍ୟ ମାନଙ୍କର ମୋହ ରୂପି ତମ ବିନାଶ ହୋଇଥାଏ। ବାଲ୍ମୀକୀ ରାମାୟଣରେ ଉଲ୍ଲେଖ ଅଛି-'ସ୍ୱର୍ଗ, ଧନଂ ଓ୍ୱା ଧାନଂ ବିଦ୍ୟା ପୁତ୍ରାଃ ସୁଖାନି ଚ,ଗୁରୁ ବସୁନୁରୋଧେନ ନ ବିଂଚିତଦପି ଦୁର୍ଲଭମ୍'। ଗୁରୁଙ୍କ କୃପା ହେଲେ ଧନ,ଧାନ୍ୟ,ପୁତ୍ର ସୁଖ ଆପେ ଆପେ ପ୍ରାପ୍ତି ହୋଇଥାଏ।ଏହାବ୍ୟତୀତ ଯେଉଁ ଦୁର୍ଲଭ ବସ୍ତୁ,ଅପ୍ରାପ୍ୟ ବସ୍ତୁ ମଧ ତାଙ୍କ କୃପାରେ କ୍ଷଣକରେ ପ୍ରାପ୍ତି ହୋଇଥାଏ। ଯାହା କାହା ମାଧମରେ ପ୍ରାପ୍ତି ଅସମ୍ଭବ ତାହା ଗୁରୁଙ୍କ ଦିବ୍ୟତାରୁ, ମହାନତାରୁ ଶିଷ୍ୟମାନଙ୍କୁ ଅଚିରେ ମିଳିଥାଏ। ସଦଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ କହିଲେ-'ଗୁରୁ ଏକ ଅଟନ୍ତି, ଗୁରୁ ଗୁରୁ ମଧରେ ଭିନ୍ନତା ନଥାଏ। ତୋର ଗୁରୁ ମୋର ଗୁରୁ ଭାବ ନିଜଗୁରୁଙ୍କ ଠାରୁ ଦୂରେଇ ଦେଇଥାଏ। ଅନ୍ୟଗୁରୁଙ୍କ ଠାରେ ନିଜ ଗୁରୁଙ୍କ ଦର୍ଶନରେ ହିଁ ପୂର୍ଣ୍ଣତା ରହିଛି। ଅନ୍ୟଗୁରୁଙ୍କୁ ନିନ୍ଦା କରିବା ଯାହା ନିଜ ଗୁରୁଙ୍କୁ ନିନ୍ଦା କରିବା ତାହା। ପୁଣି ସେ ଉଦାର କଣ୍ଠରେ କହିଛନ୍ତି 'ଯିଏ ମୋର ନିନ୍ଦାକାରୀ ସଦଗୁରୁଦେବଙ୍କ କୃପା ହେଲେ ଏମିତି କିଛି ଜ୍ଞାନମୃତ ଜୀବନ କାଳରେ ଆହରଣ କରିହୋଇଥାଏ।

ଭାରତରତ୍ନ ଡ଼.ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଏମିତି ଏକ ଲେଖକ,ଶିକ୍ଷକ, ଦାର୍ଶନିକ, ରାଷ୍ଟ୍ର ନିର୍ମାତା,ରାଜନୀତିଜ୍ଞ ଓ ପରମ ତ୍ୟାଗୀ ଥିଲେ ଯିଏ କହିଥିଲେ ମୋ ଜନ୍ମ ଦିନ ପାଳନ କରିବାର ଆବଶ୍ୟକତା ନାହିଁ। ମୋ ଜନ୍ମ ଦିନକୁ ଗୁରୁଦିବସ ଭାବରେ ପାଳନ କଲେ ମୁଁ ଅତ୍ୟନ୍ତ ଆନନ୍ଦିତ ହେବି। ଗୁରୁମାନଙ୍କର ପ୍ରତି ତାଙ୍କର ସହର୍ଷ ଶ୍ରଦ୍ଧା ପାଇଁ ତାଙ୍କର ୭୭ତମ ଜନ୍ମ ଦିନ ସେପଟ୍ମେର ୫ ତାରିଖ ୧୯୬୨ ମସିହା ଠାରୁ ଗୁରୁଦିବସ ଭାବରେ ପାଳନ ହେଉଅଛି। ୧୮୮୮ ମସିହା ସେପଟ୍ମେର ୫ତାରିଖରେ ଜନ୍ମିତ ରାଧାକ୍ରିଷ୍ଣନ ଶିକ୍ଷା ସମାପ୍ତି ପରେ ୧୯୦୯ ମସିହାରେ ମାଡ୍ରାସ ପ୍ରେସିଡେନ୍ସି କଲେଜରେ ଦର୍ଶନ ବିଭାଗରେ ଅଧ୍ୟାପନା ପାଇଁ ଯୋଗଦାନ କରିଥିଲେ। ୧୯୧୮ ମସିହାରେ ମହିସୁର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗରେ ପ୍ରଫେସର ଭାବରେ ଯୋଗ ଦେଇଥିଲେ। ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କୁଳପତି ଭାବରେ ୧୯୩୧ ରୁ ୧୯୩୬ ମସିହା, ବନାରସ ବିଶ୍ୱ ବିଦ୍ୟାଳୟରେ ୧୯୩୯ ରୁ ୧୯୪୮ ମସିହାରେ କୁଳପତି ଭାବରେ କାର୍ଯ୍ୟ କରିଥିଲେ।

କଲିକତା ୟୁନିଭରସିଟିରେ ୧୯୨୧ ରୁ ୧୯୩୨ ମସିହା କିଙ୍ଗ ଜର୍ଜ ଭି ଚେୟାରରେ କାର୍ଯ୍ୟ କରିବା ସହ ୧୯୩୬ ରୁ୧୯୫୨ ମସିହା ମଧରେ ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟରେ ଧର୍ମ ଓ ନୈତିକତା ବିଷୟରେ ଦକ୍ଷତାର ସହ କାର୍ଯ୍ୟ ସଂପାଦନ କରିଥିଲେ। ଏହା ବ୍ୟତୀତ ଭାରତ ଓ ଭାରତ ବାହାରେ ଜଣାଶୁଣା ବିଶ୍ୱ ବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସନ୍ଦର୍ଭ ଉପସ୍ଥାପନା କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଫିଲୋସଫି ଅଫ୍ ରବିନ୍ଦ୍ରନାଥ ଠାକୁର, ଦି ରିଜନ ଅଫ୍ ରିଲିଜନ କଣ୍ଟେଟପରାରୀ ଫିଲୋସଫି, ଫିଲୋସଫି ଅଫ୍ ଉପନିଷଦ, ଏନ୍ ଆଇଡିଏଲ ଭିଉ ଅଫ ଲାଇଫ, ଇଷ୍ଟନ ରିଲିଜ୍ ଆଣ୍ଡ ଓ୍ୱେଷ୍ଟନ ଥଟ, ଦି ପରସ୍ୱିଟ ଅଫ୍ ଟ୍ରୁଥ ରାଧାକ୍ରିଷ୍ଣନଙ୍କ ପ୍ରସିଦ୍ଧ ପୁସ୍ତକ ଥିଲା। ସେ ଅଦ୍ୱୈତ ବେଦାନ୍ତ ଉପରେ ବିଶ୍ୱାସ କରୁଥିଲେ। ତାଙ୍କର ଦର୍ଶନ ଭାରତ ସହ ପଶ୍ଚିମ ରାଷ୍ଟ୍ର ସମୂହକୁ ପ୍ରଭାବିତ କରିଥିଲା। ଏହିପରି ଏକ ମହାନୁଭବ ଭାରତର ପ୍ରଥମ ଉପରାଷ୍ଟ୍ରପତି ଓ ଦ୍ୱିତୀୟ ରାଷ୍ଟ୍ରପତି ହେବାର ଗୌରବ ଅର୍ଜନ କରିଥିଲେ। ତଥାପି ତାଙ୍କୁ କୌଣସି ପଦପଦବୀ ଉଦାରମନା ହେବାରୁ ବଞ୍ଚିତ କରିନଥିଲା। ରାଧାକ୍ରିଷ୍ଣନ୍ ଭାରତୀୟ ଶାସ୍ତ୍ର ଅଧ୍ୟୟନ କରି ଗୁରୁଙ୍କ ମହାନତା ସଂପର୍କରେ ବିଶେଷ ଜ୍ଞାନର ଅଧିକାରୀ ଥିଲେ। ଗୁରୁଙ୍କର ସ୍ୱରୂପ,ଗୁରୁଙ୍କର ମହିମା, ଗୁରୁଙ୍କର ସାଧନା, ଗୁରୁଙ୍କର ତ୍ୟାଗ ଉପରେ ଜ୍ଞାତ ଥିଲେ। ତେଣୁ ସେ ନିଜ ଜନ୍ମ ଦିନକୁ ଗୁରୁଦିବସ ରୂପେ ପାଳନ କରିବା ପାଇଁ ଘୋଷଣା କରି ସମଗ୍ର ଶିକ୍ଷକ ସମାଜର ନିଷ୍ଠା,ତ୍ୟାଗ ଓ ଶିଷ୍ୟ ବତ୍ସଳତାକୁ ସମ୍ମାନିତ କରିଛନ୍ତି। ଶିକ୍ଷକତା ଏମିତି ଏକ ବୃତ୍ତି ନିଜେ ପରିମାର୍ଜିତ ହୋଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ପାଇଁ ପଡିଥାଏ। ନିଜ ମୁଣ୍ଡରେ ତେଲ ଲଗାଇଲା ପରେ ହିଁ ତେଲର ଗୁଣ ଜଣାପଡେ। ଠିକ୍ ସେହିପରି ନିଜେ ଅନେକ ପରୀକ୍ଷାର ସମ୍ମୁଖୀନ ହୋଇ ଉତୀର୍ଣ୍ଣ ହେଲାପରେ ହିଁ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କରେ ଶିକ୍ଷକ। କମାର ଯେମିତି ଅଗ୍ନିକୁ ଲୁହାରେ ପୋଡି ଉତ୍ତପ୍ତ କରେ ଆଉ ଲୁହା ଉପରେ ପାହାର ପକାଇ ନିର୍ଦ୍ଦିଷ୍ଟ ରୂପ ଦିଏ,ଗୁରୁ ମଧ ଶିଷ୍ୟଶିଷ୍ୟାଙ୍କୁ ଅନୁରୂପ ଭାବେ ପ୍ରସ୍ତୁତ ହେବା ପାଇଁ ଆଦେଶ ଦିଅନ୍ତି। ଡ. ରାଧାକ୍ରିଷ୍ଣ ରାଷ୍ଟ୍ରପତି ପରି ଗାରିମାମୟ ପଦବୀରେ ଥାଇ ମଧ ଶିକ୍ଷା,ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଶେଷ ଭାବରେ ଚିନ୍ତା କରୁଥିଲେ। ତାଙ୍କ ଅବଦାନରୁ ଶିକ୍ଷକ ମାନଙ୍କ ପାଇଁ ସ୍ୱତନ୍ତ୍ର ଦିବସର ସୃଷ୍ଟି ହୋଇଛି।


+ପଗଡରାମାଲ, କୋକସରା
କଳାହାଣ୍ଡି
ମୋ-୯୭୭୭୪୬୮୮୪୧

# ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

ବସ୍ତା ୪/୯ (ନିପ୍ର): ରକ୍ତ ଦାନ ମହତ ଦାନ । ଆଜିର ଯୁବ ପିଢ଼ି ଙ୍କ ଉନ୍ନତ ମାନର ଚିନ୍ତା ଧାରା ଓ ସମାଜର ହିତ ପାଇଁ ଓ ରକ୍ତ ର ଅଭାବ କୁ ଲକ୍ଷ୍ୟ କରି ରୂପସା ଥାନା ଅନ୍ତର୍ଗତ ରୟାଲ କ୍ଲବ , ରୂପସା ର ଯୁବକ ମାନେ ଆଗାମୀ ଗଣେଶ ପୂଜା ଉପଲକ୍ଷେ ଆଠ ତାରିଖ ରବିବାର ଏକ ରକ୍ତ ଦାନ ଶିବିର ଆୟୋଜନ କରିବା ପାଇଁ ଏକ ବୈଠକ ହେଇଯାଇଛି । ଏହି ବୈଠକ ରେ କ୍ଲବ୍ ର ସଭାପତି ଜନ୍ମଜୟ ଗିରି , ସଦସ୍ୟ ରୋମ୍ୟରଞ୍ଜନ ରଣା, ଶଶିକାନ୍ତ ପରିଡ଼ା , ସତ୍ୟନାରାୟଣ ହାତୀ , ରାକେଶ ବେହେରା , ହେମନ୍ତ ସାହୁ , ଉତ୍ତମ ରଣା , ମାନସ ବେହେରା , ଶୁଭାଶିଷ ବେହେରା , ଲକ୍ଷ୍ମୀଧର ରଣା , ସଂଗ୍ରାମ ବାରିକ , ଅଜୟ ମୁର୍ମୁ , ମାନସ ରଣା , ନିରଞ୍ଜନ ପ୍ରଧାନ , ବିଶ୍ୱଜିତ ପଟ୍ଟନାୟକ , ସମ୍ୟରଞ୍ଜନ ବେହେରା , ସନ୍ତୋଷ ମହାପାତ୍ର , ଦେବବ୍ରତ ଘୋଉ , ମାନସ ଖିଲାର ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ କିପରି ସୁଚାରୁ ରୁପେ ତୁଲାଇବେ ତାହା ଆଲୋଚନା କରିଥିଲେ ।

# ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସ୍‌ରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୪/୯ (ନି.ପ୍ର): ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସ ହଷ୍ଟେଲ ଛାତରୁ ଡେଇଁ ଜଣେ ଛାତ୍ରୀ ଆତ୍ମହତ୍ୟା । ମୃତ ଛାତ୍ରୀ ଜଣଙ୍କ ବି.ଟେକ ତୃତୀୟ ବର୍ଷରେ ପାଠ ପଢୁଥିଲେ। ତାଙ୍କ ଘର ଦିଲ୍ଲୀରେ ହୋଇଥିବା ବେଳେ ସେ ଏଠାରେ ହଷ୍ଟେଲରେ ରହୁଥିଲେ। କିଛି ଦିନ ହେବ ସେ ମାନସିକ ଚାପରେ ଥିଲେ । ତେବେ ସେ କାହିଁକି ଆତ୍ମହତ୍ୟା କଲେ ତାହାର ପ୍ରକୃତ କାରଣ ଜଣାପଡ଼ିନାହିଁ। ମୃତଦେହ ଉଦ୍ଧାର ହୋଇଥିବା ନେଇ କଲେଜ ପକ୍ଷରୁ ଅଭିଭାବକଙ୍କୁ ଖବର ଦିଆଯାଇଛି। ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଛି।

# ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କଲା ଭଞ୍ଜସେନା



ବାରିପଦା, ୪/୯ (ନି.ପ୍ର): ଦୀର୍ଘ ବର୍ଷର ଆନ୍ଦୋଳନ ପରେ ୧୯୯୮ ମସିହାରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶାର ଆଦିବାସୀ ଅଞ୍ଚଳରେ ପ୍ରଥମ କରି ବାରିପଦାରେ ପ୍ରତିଷ୍ଠିତ ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ (ବର୍ତ୍ତମାନର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟ) ରାଜ୍ୟର ଚତୁର୍ଥ ବିଶ୍ୱ ବିଦ୍ୟାଳୟ ହୋଇଥିବା ବେଳେ ଏହି ବିଶ୍ୱ ବିଦ୍ୟାଳୟ ଦୀର୍ଘ ୨୬ବର୍ଷ ପରେ ମଧ୍ୟ ସ୍ୱୟଂ ସଂପୂର୍ଣ୍ଣ ହେବା ଆଶା ମଉଳି ଯାଇଛି। କାରଣ ଅଦ୍ୟାବଧି ଏହି ବିଶ୍ୱ ବିଦ୍ୟାଳୟକୁ ରାଜନୀତି ଫାଇଦା ପାଇଁ ବାରମ୍ବାର ପକ୍ଷ ଛେଦନ କରାଯାଇଥିବା ବେଳେ ବିଶ୍ୱ ବିଦ୍ୟାଳୟରେ ରହିଥିବା ବାସ୍ତବ ସମସ୍ୟାକୁ ସମାଧାନ କରିବାକୁ ଉଦ୍ୟମ କରାଯାଉ ନଥିବା ଅଭିଯୋଗ ହେଇଆସୁଛି। ଏଣୁ ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ଭାବେ ଗଢିତୋଳିବା ପାଇଁ ଆଜି ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଓଡ଼ିଶାର ମହାମହିମ ରାଜ୍ୟପାଳ ରଘୁବର ଦାସ ଙ୍କୁ ଭେଟି ଯଥାଶୀଘ୍ର ଖାଲି ଥିବା ପଦବୀ ଗୁଡିକ ପୂରଣ କରାଯିବା, ଅତିକମରେ ୫୦ଟି ନୂତନ ଅଣଶିକ୍ଷକ ପଦବୀ ସୃଷ୍ଟି କରି ନିଯୁକ୍ତି ପ୍ରଦାନ କରାଯିବା, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟ ୨ୟ କ୍ୟାମ୍ପସ ରୁ ଧରଣୀଧର ବିଶ୍ୱବିଦ୍ୟାଳୟକୁ ଯାଇଥିବା ବିଭାଗ ଗୁଡିକୁ ଫେରସ୍ତ ସହ ଦ୍ୱିତୀୟ କ୍ୟାମ୍ପସ ନାମରେ ଖର୍ଚ୍ଚ ହୋଇଥିବା ୭୦କୋଟି ଟଙ୍କାକୁ ସରକାର ବର୍ତ୍ତମାନ ବାରିପଦା ସ୍ଥିତ କ୍ୟାମ୍ପସକୁ ଭରଣା କରାଯିବା, ନାକ ଟିମ ଦ୍ୱାରା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ଏ ଗ୍ରେଡ୍ ପାଇଥିବା ସତ୍ୱେ ଦୂର ଓ ନିରନ୍ତର ଶିକ୍ଷା ପାଇଁ ସ୍ଥାୟୀ ଶିକ୍ଷକ ପଦବୀ ନଥିବାରୁ ନାମ ଲେଖା ପାଇଁ ଅନୁମତି ମିଳିପାରୁନାହିଁ. ଏଣୁ ଏହି ସମସ୍ୟାର ତୁରନ୍ତ ସମାଧାନ କରାଯିବା, ମୟୁରଭଞ୍ଜର ଆଦିମ ଜନଜାତି ମାଙ୍କଡ଼ିଆ, ଖଡିଆ, ବାଥୁଡି ପ୍ରମୁଖଙ୍କ ପାଇଁ ବିଶ୍ୱବିଦ୍ୟାଳରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା, ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅନଗ୍ରୀଡ଼ ସୋଲାର ଲାଇଟ ବ୍ୟବସ୍ଥା କରାଯିବା ଆଦି ଦାବୀ କରାଯାଇଛି।

## ବାଲିଗୁଡ଼ାରେ ଦାସ ଚକ୍ଷୁ ଚିକିତ୍ସାଳୟ ଉଦ୍‌ଘାଟିତ

କନ୍ଧମାଳ, ୪/୯ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ଖୋଲିଲା ଘରୋଇ ଚକ୍ଷୁ ଡାକ୍ତରଖାନା ଦାସ ଚକ୍ଷୁ ଚିକିତ୍ସାଳୟ । ଜିଲ୍ଲା ଭାରପ୍ରାପ୍ତ ଚିକିତ୍ସାଧିକାରୀ ବିଜୟ କୁମାର ପଣ୍ଡା ରିବନ କାଟି ଚକ୍ଷୁ ଚିକିତ୍ସାଳୟର ଶୁଭ ଉଦଘାଟନ କରିଛନ୍ତି । ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଚକ୍ଷୁ ରୋଗୀଙ୍କ ପାଇଁ କୌଣସି ସୁବିଧା ନଥିବା ବେଳେ ଉପଖଣ୍ଡର ବହୁ ଚକ୍ଷୁ ରୋଗୀ ଜିଲ୍ଲା ବାହାରକୁ ଯାଇ ଚିକିତ୍ସିତ ହେବା ସହ ମାତ୍ରାଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଏଭଳି ପରିସ୍ଥିତିରେ ଦାଶ ଚକ୍ଷୁ ଚିକିତ୍ସାଳୟ ଅଂଚଳବାସୀଙ୍କ ହିତରେ ଆସିବ । ଅତ୍ୟାଧୁନିକ ଯନ୍ତ୍ରାଂଶ ଦ୍ୱାରା ଅଭିଜ୍ଞ ଡାକ୍ତର ଏଠାରେ ରୋଗୀଙ୍କୁ ଚିକିତ୍ସା କରିବେ ଏବଂ ଅଂଚଳବାସୀ ଆଉ ବାହାରକୁ ନଯାଇ ଏଠାରେ କମ୍ ଖର୍ଚ୍ଚରେ ଉପଯୁକ୍ତ ଚିକିତ୍ସା ପାଇପାରିବେ । ଏଠାରେ ରୋଗୀଙ୍କ ପାଇଁ ୩୦ ଶଜ୍ୟା ରହିଥିବା ସହ ଉତମ ମାନର ଅପରେସନର ବ୍ୟବସ୍ଥା ରହିଛି ବୋଲି କହିଛନ୍ତି ଡାକ୍ତର ଓ ଡାକ୍ତରଖାନା ମାଲିକ ।

# ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହେବ ଦେଶି କୁକୁଡ଼ା ମାଂସ : ଶୋଭା



ଉଦଳା , ୪/୯ (ନି.ପ୍ର): ବର୍ତ୍ତମାନ ବ୍ରଏଲର କୁକୁଡ଼ା ମାଂସ ବଜାରରେ ବହୁଳ ଭାବରେ ଉପଲବ୍ଧ ହେଉଥିବା ବେଳେ ଦେଶି କୁକୁଡ଼ା ମାଂସ ମହଙ୍ଗା ପଡ଼ି ଯାଇଛି । ଫଳରେ ଦେଶି କୁକୁଡ଼ା ମାଂସର ଦାମ ହୁ ହୁ ବଢ଼ିବାରେ ଲାଗିଛି । ଏତିକି ବେଳେ ସ୍ୱେଚ୍ଛା ସେବି ସଂଗଠନ 'ଶୋଭା' ତରଫରୁ 'ହାଇଫର' ସହଯୋଗରେ ଆରମ୍ଭ କରାଯାଇଛି ଦେଶି କୁକୁଡ଼ାର ଫାର୍ମ । ଏହା ଦ୍ୱାରା ଦେଶି କୁକୁଡ଼ା ମାଂସ ବଜାରରେ ଉପଲବ୍ଧ ହେବା ସହିତ ଚାଷୀ ମଧ୍ୟ ବେଶ ଭଲ ଦୁଇ ପଇସା ରୋଜଗାର କରିବେ ବୋଲି 'ଶୋଭା' ର ସଂପାଦକ ରଂଜନ ମିଶ୍ର କହିଛନ୍ତି । ଏଥିପାଇଁ ଚାଷୀ ମାନଙ୍କୁ ଚିହ୍ନଟି କରଣ କରାଯାଇଛି । ଖୁବ୍ ନିକଟରେ ସେମାନଙ୍କୁ କୁକୁଡ଼ା ଚିଆଁ ସହିତ ଖାଦ୍ୟ, ଔଷଧ ସବୁ କିଛି ଯୋଗାଇ ଦିଆଯିବ ବୋଲି କୁହାଯାଇଛି । ଏଥିପାଇଁ ନିକଟରେ ଉଦଳା ସହର ନିକଟ ବୃନ୍ଦାଗଡ଼ି ସ୍ଥିତ 'ଶୋଭା' କାର୍ଯ୍ୟାଳୟ ପରିସରରେ ସମସ୍ତ କର୍ମକର୍ତାଙ୍କ ଗହଣରେ ବୈଠକ ବସିବା ସହ ଚୂଡ଼ାନ୍ତ ନିଷ୍ପତି ନିଆଯାଇଥିବାର ଜଣାଯାଇଛି । ପ୍ରକଳ୍ପ ସଂଯୋଜକ ଅରବିନ୍ଦ ବିନ୍ଧାଣୀ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ମା' ଦୁର୍ଗାଦେବି ପ୍ରଡ଼ୁ୍ୟସର କମ୍ପାନି ମାଂସର ବିକ୍ରୟ ତଥା ବ୍ୟବସାୟ କରିବାର ଦାୟିତ୍ୱ ନେଇଥିବାର ଜଣାଯାଇଛି । ଜୀବନ ଜୀବିକା ମିଶନର ପ୍ରକଳ୍ପ ସଂଯୋଜକ ଅଭିଜିତ ମହାରଣା, ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ପରିଚାଳକ ନିରଂଜନ ନାୟକ ପ୍ରାଣିଧନ ଚିକିତ୍ସକ ଗିରିଜା ଶଙ୍କର ଦାସଙ୍କ ସମେତ ବିଭିନ୍ନ ପଂଚାୟତର ସରପଂଚ, ୱାଡ଼ ମେମ୍ବର ଏବଂ ପ୍ରକଳ୍ପ କମିଟିର ସଭାପତି ଭାରତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବାଘାଯତୀନ ସ୍ମୃତି ପରିଷଦ ପକ୍ଷରୁ ତାଳ ମଞ୍ଜି ରୋପଣ




ବାଲିଆପାଳ , ୪/୯ (ନି.ପ୍ର): ବାଲିଆପାଳ ବ୍ଲକ ବାଘା ଯତୀନ ସ୍ମୃତି ପରିଷଦ ପକ୍ଷରୁ ବୁଧ ବାର କଟୁଆ ପୋଲ ଠାରୁ କାଳିପଦା କେନାଲ ଆଡି କଡ଼ରେ ଅନ୍ୟୁନ ଏକ ହଜାର ତାଳ ମଞ୍ଜି ରୋପଣ କରାଯାଇଛି ।ସ୍ମୃତି ପରିଷଦ ର ସଭାପତି ଅରବିନ୍ଦ ବେହେରା, ବରିଷ୍ଠ ସଦସ୍ୟ ମନ୍ମଥ କୁମାର ପାତ୍ର, ସୁଦାମ କୁମାର ଦାସ, ଗଜେନ୍ଦ୍ର କୁମାର ପାତ୍ର, ନୀଳକଣ୍ଠ ସାହୁ, କ୍ଷିତିଶ ଚନ୍ଦ୍ର ଜେନା, ବସନ୍ତ କୁମାର ବାରିକ, ଜିତେନ୍ଦ୍ର କୁମାର ପାତ୍ର, କାଳି ଚରଣ ବାରିକ ପ୍ରମୁଖ ତାଳ ମଞ୍ଜି ରୋପଣ କାର୍ଯ୍ୟକ୍ରମକୁ ପରିଚାଳନା ଓ ସହ ଯୋଗ କରିଥିଲେ। ଆଗାମୀ ଦିନରେ ଆହୁରି ଅଧିକ ମଞ୍ଜି ରୋପଣ କରାଯିବ ବୋଲି ପରିଷଦ ର ସଭାପତି ଶ୍ରୀ ବେହେରା ସୂଚନା ଦେଇଛନ୍ତି।

# ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ୩୯ତମ ଜାତୀୟ ଚକ୍ଷୁଦାନ ପକ୍ଷ ୨୦୨୪ ପାଳିତ

ବାଲେଶ୍ୱର, ୪/୯ (ନି.ପ୍ର): ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ଚକ୍ଷୁ ବିଭାଗ ଆନୁକୂଲ୍ୟରେ ୩୯ତମ ଜାତୀୟ ଚକ୍ଷୁଦାନ ପକ୍ଷ ୨୦୨୪ ପାଳିତ ହୋଇଯାଇଛି । ଏହି ଅବସରରେ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼. ସୁଚିତ୍ରା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଚକ୍ଷୁଦାନ, ଚକ୍ଷୁବ୍ୟାଙ୍କ ଓ କର୍ଣ୍ଣିଆ ପ୍ରତିରୋପଣ ସମ୍ବନ୍ଧୀୟ ଆକାଡେମିକ ସେମିନାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରି ମେଡିକାଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଚକ୍ଷୁଦାନ ଏକ ମହତ କାର୍ଯ୍ୟକ୍ରମ । ଏଥିରେ ସମସ୍ତେ ଅଂଶଗ୍ରହଣ କରିବା ପାଇଁ ନିବେଦନ କରାଯାଇଥିଲା। ଉକ୍ତ ସେମିନାରରେ ମୁଖ୍ୟ ଅତିଥି ଭାବେ ସୁପେରିଟେଣ୍ଡେଣ୍ଟ ପ୍ରଫେସର ଡ଼. ନିର୍ମଳ ଚନ୍ଦ୍ର ସାହା, ବରିଷ୍ଠ ପ୍ରଶାସିକା ଶ୍ରୀମତୀ ମନୋରମା ଭୂୟାଁ, ବରିଷ୍ଠ ଡିଏମଓ ଡ଼. ସୁଶାନ୍ତ କୁମାର ନାୟକ ଓ ବରିଷ୍ଠ ଚକ୍ଷୁବିଶେଷଜ୍ଞ ଡ଼. ସୁଜିତ ନାରାୟଣ ମହାପାତ୍ର ଯୋଗଦାନ ପୂର୍ବକ ନିଜର ବହୁମୂଲ୍ୟ ମତାମତ ଉପସ୍ଥାପନ କରିଥିଲେ । ବିଭାଗ ମୁଖ୍ୟ ଡ଼. ପାଣିଗ୍ରାହୀ ଚକ୍ଷୁଦାନ, ଚକ୍ଷୁବ୍ୟାଙ୍କ ଓ କର୍ଣ୍ଣିଆ ପ୍ରତିରୋପଣ ଉପରେ ଆଲୋକପାତ କରିଥିଲେ ଓ ଉକ୍ତ ସେମିନାର ପରିଚାଳନାରେ ଚକ୍ଷୁ ବିଭାଗର ଡିଏନବି ଛାତ୍ର ଡ଼. ଗୌରବ ଶ୍ରେଷ୍ଠ, ଡ଼. ଅର୍ପିତା ଘଡେଇ ଓ ଡ଼. ଶୁଭସ୍ମିତା ବିଶ୍ୱାଳ ସହଯୋଗ କରିଥିଲେ ଓ ଏହି ଅବସରରେ ମାରଓ୍ୱାଡି ମହିଳା ସମିତିର ସଭ୍ୟା, ମେଡିକାଲ କଲେଜର ଛାତ୍ରଛାତ୍ରୀ, ଜୁନିଅର ଡାକ୍ତର, ନର୍ସିଙ୍ଗ ଅଧିକାରୀ, ହସ୍ପିଟାଲ ମ୍ୟାନେଜର ଓ କର୍ମଚାରୀମାନେ ସହଯୋଗ କରିଥିଲେ ।


**AFFIDAVIT**

By virtue of an affidavit before the executive Magistrate Bhadrak I, Anita das allias Kanak Manjari Nayak age about 41 year, Wife of Lambodar Nayak, Village/ Po- Bagada, Binayakpur, Dist- Bhadrak declare that I have an LIC Policy No bearing policy No. 589495341 in which my name has been mentioned as Anita das and also in my passbook of SBI Basudevpur my name has been mentioned as Kanak manjari Nayak and also in my Voter ID and Aadhar card. So Anita das and Kanak Manjari Nayak is same and one person. Henceforth I will be known as Anita das in all purpose.

Anita das

**AFFIDAVIT**

An affidavit before the executive Magistrate Bhadrak, I, Jayanti Lata Pallai, allias Runulata Pallai, aged about 40 years, W/o- Pratap Kumar Pallai of vill- Tulamtula, Po.- Beteda, P.S- Basudevpur, Dist.- Bhadrak- PIN- 756268 declare that in State Bank of India Basudevpur vide saving passbook Account No- 34321967517 in which my name has been mentioned as Runulata Pallai as per my Aadhar Card 701628337622 but my nick name is Jayanti Lata Pallai. So i want to change my name Jayanti lata Pallai to Runulata Pallai for other purpose. Both the name as same person. Henceforth I will be known as Runulata Pallai in all purpose.

Runulata Pallai


# ବାଲେଶ୍ୱର ଜିଲ୍ଲାରେ ଶୁଭାରମ୍ଭ ହେଲା ବିଜେପି ସଦସ୍ୟତା ଅଭିଯାନ

ବାଲେଶ୍ୱର, ୪/୯ (ନି.ପ୍ର): ଆଜି ବାଲେଶ୍ୱର ଜିଲାରେ ଭାରତୀୟ ଜନତା ପାର୍ଟିର ସାଂଗଠନିକ ବ୍ୟବସ୍ଥା ମଧ୍ୟରେ ସଦସ୍ୟତା ଅଭିଯାନର ଶୁଭାରମ୍ଭ ହେଲା। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ବସ୍ତା ନିର୍ବାଚନ ମଣ୍ଡଳୀର ଦରଡ଼ା ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ପରିଚାଳନା କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା ପ୍ରାଥମିକ ସୂଚନା ଦେଇଥିଲେ। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ତାଙ୍କ ବ୍ୟକ୍ତବ୍ୟରେ କହିଥିଲେ ଯେ 'ବିଜେପିର ମୂଳ ମନ୍ତ୍ର ହେଉଛି ସେବା ହିଁ ସଂଗଠନ" ଏବଂ ସଂଗଠନର ଆତ୍ମା ହେଉଛି "ପ୍ରାଥମିକ ସଦସ୍ୟତା", ଏହି ସଦସ୍ୟତା ଅଭିଯାନ ଅନ୍ ଲାଇନ, ମିସ୍ କଲ (୮୮୦୦୦୦୨୦୨୪), ନମୋ ଆପ୍, କ୍ୟୁଆର କୋର୍ଡ ଏବଂ ଅଫଲାଇନ ମାଧ୍ୟମରେ ହୋଇପାରିବ। ଭାରତୀୟ ଜନତା ପାର୍ଟିର ପ୍ରତ୍ୟେକ କାଯ୍ୟକର୍ତା ଘରକୁ ଘର ଯାଇ ସଦସ୍ୟତା ଅଭିଯାନକୁ ସଫଳ କରିବେ ବୋଲି କହିଥିଲେ। ବିଶ୍ୱର ସର୍ବବୃହତ ରାଜନୈତିକ ଦଳର ସଦସ୍ୟ ହେବା ପାଇଁ ସଦସ୍ୟତା ଅଭିଯାନରେ ସାମିଲ ହୁଅନ୍ତୁ ବୋଲି ବାଲେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଥିଲେ। ସଙ୍ଗଠନ ଚଳାଇବାର ମୂଳ ଆଧାର ହେଉଛନ୍ତି କାର୍ଯ୍ୟକର୍ତା ଏବଂ ଦଳର ଶକ୍ତିର ମୂଳ ଆଧାର ହେଉଛି ସଙ୍ଗଠନ ତେଣୁ ସଦସ୍ୟତା ଅଭିଯାନ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ହେବ। ସେ ଆହୁରି କହିଥିଲେ ଯେ ସରକାର ଓ ସଙ୍ଗଠନ ମଧ୍ୟରେ ସମନ୍ୱୟ ରଖି ଲୋକଙ୍କ ସେବା କରିବା ହେଉଛି ବିଜେପିର ଲକ୍ଷ୍ୟ। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଦସ୍ୟତା ଅଭିଯାନର ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ସଂଯୋଜକ କମଳଲୋଚନ ଦାସ, ବସ୍ତା ଗଣମାଧ୍ୟମ ସଂଯୋଜକ ଦିବାକର ରାଉତ ଉପସ୍ଥିତ ଥିଲେ।

## ଜଙ୍ଗଲରୁ ମିଳିଲା ଫାଇନାନ୍ସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ

ବଲାଙ୍ଗିର, ୪/୯ (ନି.ପ୍ର): ବଲାଙ୍ଗୀର ଜିଲା ସଇଁତଳା ଥାନା ବଡ଼ମାଳ ଫାଣ୍ଡି ଅଧୀନସ୍ଥ ଗୋଏଲଭାଡ଼ି ବର୍ଣ ଜଙ୍ଗଲରେ ଜଣେ ଫାଇନାନ୍ସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୋଲିସ। ଫାଇନାନ୍ସ କର୍ମଚାରୀ ଜଣକ ଟିଟିଲାଗଡ ଥାନା ସର୍ଗିଗୁଡ଼ାର ଉତମ ନାଗ ବୋଲି ଜଣାପଡିଛି। ସେ ୩ ବର୍ଷ ହେବ ଟିଟିଲାଗଡ ସ୍ଥିତ ବଜାଜ ଫାଇନାନ୍ସରେ କାମ କରୁଥିଲେ। ସେ ଗତ ୨ ତାରିଖରୁ ନିଖୋଜ ଥିବାବେଳେ ତାଙ୍କ ପରିବାର ଲୋକେ ନିଖୋଜ ହୋଇଥିବା ନେଇ ଟିଟିଲାଗଡ ଥାନା ର ଅଭିଯୋଗ କରିଥିଲେ। ଆଜି ଜଙ୍ଗଲରୁ ତାଙ୍କ ମୃତଦେହ ଉଦ୍ଧାର କରିଛି ପୋଲିସ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ବିଜେଡିକୁ ଘାରିଛି ...

ପରାଜୟ ବରଣ କରିବାକୁ ପଡ଼ିଥିଲା। ବିଜେପିରୁ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଜୟୀ ହୋଇ ମନ୍ତ୍ରିମଣ୍ଡଳରେ ସଦସ୍ୟ ଅଛନ୍ତି। ଏହା ପରେ ପାରାଦୀପ ରାଜନୀତି କଡ଼ ଲେଉଟାଇଥିଲା। କିଛି ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ବିଜେପିରେ ମିଶିଥିଲେ। ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ବିଜେପିରେ ମିଶିବା ପରେ ବିଜେଡିକୁ ଘାରିଥିଲା ଅନାସ୍ଥା ଭୟ। କୁଆଡେ କୁଜଙ୍ଗ ବ୍ଲକ ଚେୟାରମ୍ୟାନ୍ ପଦବୀ ହାତରୁ ଖସିଯିବ, ସେଥିପାଇଁ ବିଜେଡି ନେତାଙ୍କ ଛାତିରେ ପଶିଥିଲା ଛନ୍‌କା। ତେଣୁ ୩୨ ପଞ୍ଚାୟତ ପ୍ରତିନିଧିଙ୍କୁ ଧରି ପୁରୀ ଯାଇଛନ୍ତି ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ବାପି ସର୍ଖେଲ, ଗୀତାଞ୍ଜଳି ରାଉତରାୟ ଓ ତାଙ୍କ ସମର୍ଥକ। ଯେଉଁଥିରେ ୨୦ ସମିତି ସଭ୍ୟ, ୮ ସରପଞ୍ଚ ଓ ୪ ଜିଲ୍ଲା ପରିଷଦ ସଭ୍ୟ ରହିଛନ୍ତି। ସେମାନେ ମଙ୍ଗଳବାର ଦିନ ପୁରୀରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପରେ 'ଏକାଠି ରହିବା ପାଇଁ' ଶପଥ କରାଯାଇଥିବା ଚର୍ଚ୍ଚା ହେଉଛି। ଆଜି ସମସ୍ତେ କୋଣାର୍କ ରାମଚଣ୍ଡୀକୁ ଯାଇଥିଲେ। ସେଠାରେ ଭୋଜି ଆୟୋଜନ କରାଯାଇଥିଲା। ଖାଇବା ପୂର୍ବରୁ ସଭା ଆୟୋଜନ କରାଯାଇଥିଲା। ପଞ୍ଚାୟତ ପ୍ରତିନିଧିଙ୍କ ମନୋବଳ ସୁଦୃଢ଼ କରିବା ପାଇଁ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଓ ବିଜେଡି ନେତା ବାପି ସର୍ଖେଲ ଭାଷଣ ଦେଇଥିଲେ। ସଭାରେ କୁଜଙ୍ଗ ବ୍ଲକ୍ ଚେୟାରମ୍ୟାନ ନିନାରାଣୀ ସାହୁ ରହିଛନ୍ତି। ତା'ପରେ ସମସ୍ତେ ଫେରିଥିବା ଜଣାପଡ଼ିଛି। ତେବେ ଅନାସ୍ଥା ଘଟଣାକୁ ଖଣ୍ଡନ କରିଛନ୍ତି ସମ୍ବିତ ରାଉତରାୟ ଓ ବାପି ସର୍ଖେଲ୍। ସମ୍ବିତ କହିଛନ୍ତି, ନିର୍ବାଚନ ପରେ ସମସ୍ତଙ୍କର ମନ ଖରାପ ଥିଲା। ତେଣୁ ଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ଆସିଥିଲେ। ମଙ୍ଗଳବାର ମହାପ୍ରଭୁଙ୍କୁ ଦର୍ଶନ କଲୁ ଓ ଆଜି ବଣ ଭୋଜି କରାଯାଇଥିଲା। ଅନାସ୍ଥା ଫନାସ୍ଥା କିଛି ନାହିଁ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଅନ୍ୟପକ୍ଷରେ ବାପି ସର୍ଖେଲ କହିଛନ୍ତି, ନିର୍ବାଚନ ପରେ ଆମେ ପୁରୀ ଆସିନଥିଲେ। ତେଣୁ ଜଗନ୍ନାଥଙ୍କ ଆଶୀର୍ବାଦ ନେବା ପାଇଁ ପୁରୀ ଆସିଥିଲୁ। ଆଜି ବଣଭୋଜି ପରେ ପାରାଦୀପ ଫେରୁଛୁ। ଏହା ଭିତରେ ଆଉ କିଛି ରାଜନୀତିନାହିଁ ବୋଲି ବାପି କହିଛନ୍ତି।

### ଚଳିତ ମାସରୁ ଜିଲ୍ଲା ଗସ୍ତରେ...

ତଦାରଖ କରିବେ । ଏହାସହିତ ଦିନକୁ ଅତିକମରେ ଧାର୍ଯ୍ୟ ମୂଲ୍ୟଦେଇ ଆହାର କେନ୍ଦ୍ର, ଆବାସିକ ଛାତ୍ରାବାସ, ସ୍କୁଲ ମଧ୍ୟାହ୍ନଭୋଜନ ଅବା ଅନାଥ ଆଶ୍ରମରେ ଭୋଜନ କରି ଖାଦ୍ୟର ଗୁଣବତ୍ତା ଓ ସେଠାକାର ପରିବେଶ ପରିସ୍ଥିତି ଉପରେ ଦୃଷ୍ଟି ଦେବେ । ଏହି ସମୟରେ ସେମାନେ ଛାତ୍ରଛାତ୍ରୀ ଓ ଅନ୍ତେବାସୀଙ୍କ ସହ ଆଲୋଚନା କରି ସେଠାରେ ଉପଲବ୍ଧ ସୁରକ୍ଷା, ସୁବିଧାସୁଯୋଗ ଓ ସେମାନଙ୍କ ପ୍ରତି କରାଯାଉଥିବା ଆଚରଣ ପଚାରି ବୁଝିବେ । କେବଳ ସେତିକି ନୁହେଁ ଜିଲ୍ଲା ଗସ୍ତବେଳେ ବିଭିନ୍ନ ବର୍ଗର ଲୋକ, ହସ୍ପିଟାଲରେ ଚିକିତ୍ସିତ ରୋଗୀ, ଅଙ୍ଗନୱାଡ଼ି ହିତାଧିକାରୀ, ସ୍କୁଲ ଓ ହଷ୍ଟେଲର ଛାତ୍ରୀମାନଙ୍କ ସହ କଥାବାର୍ତ୍ତା କରିବେ । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନାର ସମୀକ୍ଷା କରିବା ସହ ଜିଲ୍ଲାରେ ଥିବା ବନ୍ଦର, ବିମାନ ବନ୍ଦର, ଶିଳ୍ପ ପାର୍କ ଓ କରିଡୋର, ମେଡିକାଲ କଲେଜ, ବୃହତ୍ ଜଳସେଚନ ପ୍ରକଳ୍ପଗୁଡ଼ିକ ଓ ନୂଆ ପ୍ରକଳ୍ପ ଆଦିର ସମୀକ୍ଷା ମଧ୍ୟ କରିବେ । ଜିଲ୍ଲାରେ ଯଦି ଟ୍ରେନି ଆଇଏଏସ୍ ଥିବେ ସେମାନଙ୍କ ସହ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । କ୍ଷେତ୍ର ପରିଦର୍ଶନ ପରେ ଅତିକମରେ ଅଧାଦିନ ସମ୍ପୃକ୍ତ ଜିଲ୍ଲାପାଳ ଓ ସମସ୍ତ ଜିଲ୍ଲା ଅଧିକାରୀମାନଙ୍କ ସହ ଆଲୋଚନା କରି ଏହି ଅଫିସରମାନେ ନିଜସ୍ୱ ମନ୍ତବ୍ୟ ଦେବେ । ଏସବୁ ବ୍ୟତୀତ ୮ଟି ଡିଏମଏଫ ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି ଓ ଓମବାଡ଼ସି ପାଣ୍ଠିର ବିନିଯୋଗ ଏବଂ ୨୯ଟି ଆକାଂକ୍ଷୀ ବ୍ଲକଗୁଡ଼ିକରେ ବିକାଶମୂଳକ କାର୍ଯ୍ୟର ମଧ୍ୟ ସମୀକ୍ଷା କରିବେ । ପ୍ରତିମାସରେ ଜିଲ୍ଲା ଗସ୍ତରୁ ଫେରିବା ପରେ ଗସ୍ତର ସାରାଂଶ ମୁଖ୍ୟ ସଚିବ ଓ ଉନ୍ନୟନ କମିଶନରଙ୍କୁ ଅବଗତ ପାଇ ପଠାଇବେ । ରାଜ୍ୟ ସରକାର ସମସ୍ତ ସୁବିଧା ଓ ଅଧିକ ସ୍ୱଚ୍ଛତା ପାଇଁ ଖୁବଶୀଘ୍ର ଏ ସମ୍ବନ୍ଧରେ ଏକ ୱେବପୋର୍ଟାଲ ଖୋଲି ପରିଦର୍ଶନ ଟିପ୍ପଣୀଗୁଡ଼ିକୁ ଅପଲୋଡ୍ କରିବେ ବୋଲି ଶ୍ରୀମତୀ ଗର୍ଗ ସୂଚନା ଦେଇଛନ୍ତି । ଚଳିତ ମାସରେ ଗୃହ ସଚିବ ସତ୍ୟବ୍ରତ ସାହୁଙ୍କୁ ଜଗତସିଂହପୁର ଜିଲ୍ଲା ଆବଂଟିତ ହୋଇଥିବାବେଳେ ଦେଓରଞ୍ଜନ ସିଂହ- ଅନୁଗୁଳ, ସୁରେନ୍ଦ୍ର କୁମାର-କଟକ, ଜି ମାଥିଭାଥାନନ- କେନ୍ଦ୍ରାପଡ଼ା, ହେମନ୍ତ ଶର୍ମା- କେନ୍ଦୁଝର, ବିଷ୍ଣୁପଦ ସେଠୀ- ମାଲକାନଗିରି, ଚିତ୍ରା ଅରୁମୁଗମ- କୋରାପୁଟ, ସୁଶୀଲ କୁମାର ଲୋହାନୀ- କଳାହାଣ୍ଡି, ଅରବିନ୍ଦ କୁମାର ପାଢ଼ୀ- ଖୋର୍ଦ୍ଧା, ଶାଶ୍ୱତ ମିଶ୍ର- ବରଗଡ଼, ବୀରବିକ୍ରମ ଯାଦବ- ବଲାଙ୍ଗୀର, ବିଶାଳ ଦେବ- ନୂଆପଡ଼ା, ଉଷା ପାଢ଼ୀ- କନ୍ଧମାଳ, ସଞ୍ଜୟ କୁମାର ସିଂ- ମୟୂରଭଞ୍ଜ, ସୁରେଶ କୁମାର ବଶିଷ୍ଠ- ପୁରୀ, ଶୁଭା ଶର୍ମା- ଗଜପତି, ଭାସ୍କରଜ୍ୟୋତି ଶର୍ମା- ନବରଙ୍ଗପୁର, ଶାଳିନୀ ପଣ୍ଡିତ- ରାୟଗଡ଼ା, ଏସ.ଅଶ୍ୱଥି- ସୁନ୍ଦରଗଡ଼, ରାଜେଶ ପ୍ରଭାକର ପାଟିଲ-ଦେବଗଡ଼, ଅରବିନ୍ଦ ଅଗ୍ରୱାଲ- ସମ୍ବଲପୁର, ବଳବନ୍ତ ସିଂ-ଗଞ୍ଜାମ, ଭୂପେନ୍ଦ୍ର ଏସ ପୁନିଆ-ଝାରସୁଗୁଡ଼ା,ଯାମିନୀ ଷଡ଼ଙ୍ଗୀ- ସୋନପୁର, ଗୁହା ପୁନମ ତାପସ କୁମାର- ଭଦ୍ରକ, ବିଜୟକେତନ ଉପାଧ୍ୟାୟ- ବୌଦ୍ଧ, ପ୍ରଶାନ୍ତ କୁମାର ରେଡ୍ଡୀ- ବାଲେଶ୍ୱର, ଏନ.ଥିରୁମାଳା ନାଏକ-ନୟାଗଡ଼, ସୁଧାଂଶୁ ମୋହନ ସାମଲ- ଢେଙ୍କାନାଳ ଓ ରଶ୍ମୀତା ପଣ୍ଡାଙ୍କୁ ଯାଜପୁର ଜିଲ୍ଲା ଆବଂଟିତ ହୋଇଛି । ସୂଚନାଯୋଗ୍ୟ, ବିଜେଡି ସରକାର ଅମଳରେ ଏହି ସଚିବମାନଙ୍କ ଜିଲ୍ଲା ଗସ୍ତକୁ ଅଘୋଷିତ ଭାବେ ବନ୍ଦ କରିଦିଆଯାଇଥିଲା ।


### 'ସୁଭଦ୍ରା'କୁ ନେଇ ...

ଆଜି ବିଧିବଦ୍ଧ ଭାବେ ଉଦଘାଟିତ ହୋଇଛି ସୁଭଦ୍ରା ଯୋଜନା କଲ୍ ସେଣ୍ଟର। ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଉଦଘାଟନ କରିଛନ୍ତି। ୧୪୬୭୮ ଟୋଲ ଫ୍ରି ନମ୍ବର ମାଧ୍ୟମରେ ଫୋନ କଲେ ସୁଭଦ୍ରା ଯୋଜନା ସମ୍ପର୍କରେ ସୂଚନା ପାଇପାରିବେ। ସକାଳ ୬ ରୁ ରାତି ୧୦ ଟା ଯାଏଁ ଏହି କଲ ସେଣ୍ଟର କାର୍ଯ୍ୟ କରିବ। ଏହି ସମୟ ଭିତରେ ଫୋନ କରି ସୁଭଦ୍ରା ସମ୍ପର୍କିତ ସୂଚନା ପାଇପାରିବେ।

### ହରିୟାଣା ନିର୍ବାଚନ...

ଆସନରୁ ଟିକେଟ ଦେଇଛି। କଂଗ୍ରେସ ଛାଡ଼ି ବିଜେପିରେ ମିଶିଥିବା ଶ୍ରୁତି ଚୌଧୁରୀଙ୍କୁ ତୋଶାମ ଆସନରୁ ଟିକେଟ ପାଇଛନ୍ତି। ଜନନାୟକ ଜନତା ପାର୍ଟିର ତିନି ଜଣ ପୂର୍ବତନ ବିଧାୟକଙ୍କୁ ବିଜେପି ଟିକେଟ ଦେଇଛି। ବିଜେପିରୁ ଟିକେଟ ପାଇଥିବା ଏହି ନେତାମାନେ ହେଉଛନ୍ତି- ଦେବେନ୍ଦର ସିଂହ ବବଲି, ରାମ କୁମାର ଗୌତମ ଓ ଅନୁପ ଧାନକ। ଦେବେନ୍ଦର ସିଂହଙ୍କୁ ତୋହାନାରୁ ଦଳ ପ୍ରାର୍ଥୀ କରିଥିବା ବେଳେ ରାମ କୁମାରଙ୍କୁ ସଫିଦୋଁ ଓ ଅନୁପ ଧାନକଙ୍କୁ ଉକଲାନାରୁ ଟିକେଟ ଦେଇଛି ଦଳ। ଜାତୀୟ କବାଡ଼ି ଟିମ୍‌ର ପୂର୍ବତନ ଅଧିନାୟକ ଦୀପକ ହୁଡାଙ୍କୁ ମେହମରୁ ଟିକେଟ ଦେଇଛି ବିଜେପି। ସେହିପରି ଟିକେଟ ନମିଳିଲେ କଂଗ୍ରେସରେ ମିଶିଯିବାକୁ ଧମକ ଦେଇଥିବା ରାଓ ନରବୀର ସିଂହଙ୍କୁ ବିଜେପି ପ୍ରାର୍ଥୀ କରିଛି। ତାଙ୍କୁ ବାଦଶାହପୁର ଆସନ ପାଇଁ ଟିକେଟ ଦେଇଛି ଦଳ। କୁରୁକ୍ଷେତ୍ର ସାଂସଦ ନବୀନ ଜିନ୍ଦଲଙ୍କ ମା' ସାବିତ୍ରୀ ଜିନ୍ଦଲଙ୍କୁ ହିସାରରୁ ବିଜେପି ପ୍ରାର୍ଥୀ କରିପାରେ ବୋଲି ଜୋର ଚର୍ଚ୍ଚା ହେଉଥିଲା। ତେବେ ଦଳ ଏଠାରୁ କମଲ ଗୁପ୍ତାଙ୍କୁ ପ୍ରାର୍ଥୀ କରିଛି। ପ୍ରଥମ ପର୍ଯ୍ୟାୟ ତାଲିକାରୁ ୯ ଜଣ ବିଧାୟକଙ୍କୁ ବାଦ୍ ଦିଆଯାଇଛି। ଏହା ସହିତ ଦୁଇ ଜଣ ବିଧାୟକଙ୍କ ଆସନ ପରିବର୍ତ୍ତନ କରାଯାଇଛି। ପଲୱଲ ବିଧାୟକ ଦୀପକ ମଙ୍ଗଳା, ଫରିଦାବାଦ ବିଧାୟକ ନରେନ୍ଦ୍ର ଗୁପ୍ତା, ଗୁରୁଗ୍ରାମ ବିଧାୟକ ସୁଧୀର ସିଂଘଲ, ଭବାନୀ ଖେରା ବିଧାୟକ ବିଶମ୍ବର ମଲ୍ଲିକ, ରନିୟା ବିଧାୟକ ତଥା କ୍ୟାବିନେଟ ମନ୍ତ୍ରୀ ରଞ୍ଜିତ ଚୌଟାଲା, ଅଟେଲୀ ବିଧାୟକ ସୀତାରାମ ଯାଦବ, ପେହୱା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସନ୍ଦୀପ ସିଂହ, ସୋହନା ବିଧାୟକ ସଞ୍ଜୟ ସିଂହ ଓ ରତିୟା ବିଧାୟକ ଲକ୍ଷ୍ମଣ ନାପାଙ୍କୁ ଦଳ ଟିକେଟ ଦେଇ ନାହିଁ। ଦଳର ଏହି ତାଲିକାରେ ମାତ୍ର ୮ ଜଣ ମହିଳା ଅଛନ୍ତି।

# କବି ଡକ୍ଟର ମନୋରଞ୍ଜନ ନାୟକଙ୍କ ପୁସ୍ତକ ଉନ୍ମୋଚିତ



ବାସୁଦେବପୁର, ୪/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଚୂଡ଼ାମଣି ପଞ୍ଚାୟତରେ ଜନ୍ମ ଲାଭ କରିଥିବା ବିଶିଷ୍ଟ ଲେଖକ କବି ଡକ୍ଟର ମନୋରଞ୍ଜନ ନାୟକ ଙ୍କ ଚାରୋଟି ପୁସ୍ତକ ବାଲେଶ୍ୱର ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ଶାନ୍ତି କାନନ ଠାରେ ଉନ୍ମୋଚିତ ହୋଇ ଯାଇଛି । ଚାରୋଟି ପୁସ୍ତକ ହେଉଛି ଆସକ୍ତି, ସ୍ନେହ ପ୍ରତିବିମ୍ବ, ଅଭିବ୍ୟକ୍ତି ଓ କୁହୁଡି ବସା । ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ । ସମାଜର ବଶିଷ୍ଠ ସାମ୍ବାଦିକ କୁଳମଣି ବାରିକ, ବିଶିଷ୍ଟ କବି ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ବଲାଙ୍ଗି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ରତ୍ନାକର ସିଂହ ପ୍ରମୁଖ ଏହି ଉତ୍ସବରେ ଆତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ । ପୁସ୍ତକର ଲେଖକ ଡକ୍ଟର ମନୋରଞ୍ଜନ ନାୟକ ଲେଖକୀୟ ଅଭିବ୍ୟକ୍ତି ବାଢ଼ିଥିଲେ । ପରିଷଦର ସଂପାଦକ ଦୀପକ ବୋଷ ପ୍ରାରମ୍ଭିକ ସୂଚନା ଓ କବି ସାରଙ୍ଗ ଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ରୂହ୍ୟାଜୀଙ୍କର ଶ୍ରଦ୍ଧାଞ୍ଜଳୀ ଦିବସ ପାଳନ

ରୂପସା , ୪/୯ (ନି.ପ୍ର): ସାଧନା- ସିଦ୍ଧ-ସାଧକ, ମୁନି ଶିରୋ ମଣି ରୂହ୍ୟାଜୀ ମହାରାଜ ଙ୍କର ଅଷ୍ଟାଦଶତମ ଶ୍ରଦ୍ଧାଞ୍ଜଳୀ ଦିବସ, ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଜୀଙ୍କ ସଭାପତିତ୍ୱରେ, ମହା ସମା ରୋହରେ ପାଳିତ ହୋଇଯାଇଛି । ବକ୍ତା ହିସାବରେ ଯୋଗଦାନ କରିଥିଲେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ । ସେ ତାଙ୍କ ପରମ ପୂଜ୍ୟ ଗୁରୁଦେବ ରୂହ୍ୟାଜୀ ମହାରାଜ୍ ଙ୍କର ସମ୍ପୂର୍ଣ୍ଣ ଜୀବନୀ ଏବଂ ତାଙ୍କର ଅଲକୀକ ପ୍ରତିଭା କୁ ପ୍ରାଞ୍ଜଳ ଭାବରେ ପ୍ରକାଶ କରିଥିଲେ । ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମ ହୋଦୟା ଶିବ ବଚନାମତ ପାଠ କରିଥିଲେ । ଯୋଗ ଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମୁନି ସଙ୍ଗୀତ ଗାନ କରିଥିଲେ । ଉପସ୍ଥିତ ଥିଲେ ଉପାଧ୍ୟକ୍ଷା ମୁନିରାଜ୍ଞୀ କନକ ଲତା ମହାପାତ୍ର, ମୁନିମତୀ ନିନ ସାହୁ, ବାସନ୍ତୀ ପରିଡା, ମାଳତୀ ବେଜ, ସୁମତୀ ବେହେରା, ମୁନିରାଜ୍ଞୀ ସୁମତୀ ଦଳାଇ, ବିମଳା ଲେଙ୍କା, ବାସନ୍ତୀ ମହାଳିକ, ମୁନିମତୀ ଫୁଲମଣି ବେହେରା, ଲକ୍ଷ୍ମୀମଣୀ ବେହେରା, ମିନା ନାୟକ, ଉର୍ମିଳା ରାଉଳ, ମିନତୀ ବର, ଆରତୀ ଗିରି, କୁନି ମାଝୀ, ଯମୁନା ବର, ମିନତୀ ବର, ମୁନିକୁମାରୀ ମିନତୀ ଦଳାଇ, ମୁନି ରଘୁନାଥ ବେହେରା, ଗଣେଶ୍ୱର ବର, ଜନ୍ମେଞ୍ଜୟ ପରିଡା, ସିନ୍ଧୁ ସିଂ, ଶଶଧର ସେନାପତି ଏବଂ ଶ୍ରୀନାଥ ବେହେରା ପ୍ରମୁଖ । ଶେଷରେ ମୁନିମତୀ ମଞ୍ଜୁଲତା ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।




## ରୁଗୁଡିରେ ମିଶନ ତାଳ କାର୍ଯ୍ୟକ୍ରମ

କପ୍ତିପଦା, ୪/୯ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ବଣ ପାହାଡଘେରା କଳମଗଡିଆ ଗ୍ରାମ ପଞ୍ଚାୟତର ରୁଗୁଡି ଗ୍ରାମରେ 'ମିଶନ ତାଳ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ସରପଞ୍ଚ ଚନ୍ଦ୍ରାଇ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ କପ୍ତିପଦା ରେଂଜର ଅଚ୍ୟୁତାନନ୍ଦ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ତାଳ ମଂଜି ରୋପଣ କରି ଉକ୍ତ କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ଶିକ୍ଷକ ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ସନ୍ତୋଷ କୁମାର ସାହୁ, ସମାଜସେବୀ କୁଜୁରୀ ସିଂ, ଜଗନ୍ନାଥ ନାଏକ, ବନପାଳ ସୁଜିତ କୁମାର ଜେନା ତଥା ରୁଗୁଡି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗ୍ରାମବାସୀମାନେ ଯୋଗଦେଇ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ତାଳ ମଂଜି ରୋପଣ କରିଥିଲେ ।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୪/୯ (ନି.ପ୍ର): ଜୟପୁର ଜଗଦିଶ ଚନ୍ଦ୍ର ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମଟି ଉଦଘାଟନ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇଥିଲା । ଜୟପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଉପକନିଷ୍ଠ ବିଭାଗ ରେ ୯୦ ଜଣ, କନିଷ୍ଠ ବିଭାଗରେ ୭୦ ଜଣ ଓ ବରିଷ୍ଠ ବିଭାଗରେ ୬୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଜୟପୁର କଲେଜ ଅଫ ଫାର୍ମାସିର ପରିଚାଳନା ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ମିଶ୍ର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟାପିକା ଶୁଭସ୍ମିତା ଦାସ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ଶତପଥୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିଷେକ ଭୁଇ, ଜଗଦିଶ ଚନ୍ଦ୍ର ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦୀପ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ଗଣେଶ ପୂଜା ଉପଲକ୍ଷେ ପ୍ରଶାସନିକ ପ୍ରସ୍ତୁତି ବୈଠକ : ଅକ୍ଟୋବର ୬ରୁ ୧୦ ମଧ୍ୟରେ ଭସାଣି

ଭଦ୍ରକ, ୪/୯ (ନି.ପ୍ର): ପ୍ରତିବର୍ଷ ଭଦ୍ରକ ଜିଲ୍ଲାରେ ପ୍ରାୟ ମାସେ ଧରି ପାଳନ କରାଯାଇ ଆସୁଥିବା ପ୍ରସିଦ୍ଧ ଗଣେଶ ପୂଜୋତ୍ସବ ପର୍ବ ଚଳିତ ବର୍ଷ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ । ବିଗତ ଦିନରେ ଯେପରି ଶାନ୍ତି ଶୃଙ୍ଖଳାର ସହିତ ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଗଣେଶ ପୂଜା ଓ ଭସାଣି ପାଳିତ ହୋଇଆସିଛି ଚଳିତ ବର୍ଷ ମଧ୍ୟ ସେହିପରି ଭାଇଚରାର ସଂସ୍କୃତି ବଜାୟ ରଖି ଉତ୍ତମ ବାତାବରଣ ମଧ୍ୟରେ ଗଣେଶ ପୂଜା ଉତ୍ସବ ପାଳନ ଓ ଭସାଣି ଯାତ୍ରା ସମସ୍ତଙ୍କ ସହଯୋଗ ମଧ୍ୟରେ ଅନୁଷ୍ଠିତ ହେବା ନେଇ ଜିଲ୍ଲାପାଳ ପ୍ରକାଶ କରିଥିଲେ । ସେପ୍ଟେମ୍ବର ମାସ ୭ ତାରିଖ ଶନିବାର ଦିନ ପାଳିତ ହେବାକୁ ଥିବା ଗଣେଶ ପୂଜା ଦିନ ଠାରୁ ଭଦ୍ରକର ପ୍ରସିଦ୍ଧ ବୁଢ଼ା ଗଣେଶ, ପିଲା ଗଣେଶ, କାଞ୍ଚନ ଗଣେଶ, ଟୋକା ଗଣେଶ ଓ ଛୁଆ ଗଣେଶଙ୍କ ପୂଜା ଆରମ୍ଭ ହୋଇ ପ୍ରାୟ ଏକମାସ ପର୍ଯ୍ୟନ୍ତ ମଣ୍ଡପରେ ପୂଜା ଉତ୍ସବ ଅନୁଷ୍ଠିତ ହେବା ନେଇ ବୈଠକରେ ଉପସ୍ଥିତ ସଂପୃକ୍ତ ପୂଜା କମିଟିର ସଭାପତି, ସମ୍ପାଦକ ପ୍ରକାଶ କରିଥିଲେ । ଅନ୍ୟ ପର୍ବଭଳି ଏ ପର୍ବରେ ମଧ୍ୟ ଡି.ଜେ. ବ୍ୟବହାର କରାନଯିବା ପ୍ରସ୍ତାବ ଅନୁମୋଦିତ ହୋଇଥିଲା । ଭସାଣିରେ ପାରମ୍ପରିକ ବାଦ୍ୟ ବ୍ୟବହାର କରାଯିବାନେଇ ପୂଜା କମିଟିର କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ । ନ୍ୟାୟାଳୟର ମାର୍ଗ ଦର୍ଶିକା ଅନୁଯାୟୀ ଶବ୍ଦ ବ୍ୟବସ୍ଥାରେ ନିୟନ୍ତ୍ରଣ ରଖିବାକୁ ଏସ୍.ପି. ପରାମର୍ଶ ପ୍ରଦାନ କରିଥିଲେ । ଅକ୍ଟୋବର ୬ ରେ ବୁଢ଼ା ଗଣେଶଙ୍କ ଭସାଣିରୁ ସମସ୍ତ ଗଣେଶ ମେଢ଼ର କ୍ରମାନୁଯାୟୀ ଭସାଣି ଯାତ୍ରା ଆରମ୍ଭ ହେବ । ୭ ରେ ପିଲା ଗଣେଶ, ୮ ରେ ଟୋକା ଗଣେଶ ୯ ରେ କାଞ୍ଚନ ଗଣେଶ ଏବଂ ୧୦ ରେ ଛୁଆ ଗଣେଶଙ୍କ ଭସାଣି ହେବା ନେଇ କାର୍ଯ୍ୟସୂଚୀ ବୈଠକରେ ଅନୁମୋଦିତ ହେଲା । ପୂଜା ସମୟରେ ଆବଶ୍ୟକ ପୋଲିସ୍ ମୂତୟନ, ଜନ ଗହଳି ଓ ଟ୍ରାଫିକ୍ ନିୟନ୍ତ୍ରଣ, ପୋଲିସ୍, ପେଟ୍ରୋଲିଂ, ବିଦ୍ୟୁତ୍ ଓ ଅଗ୍ନି ନିରାପତ୍ତା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପ୍ରତି ମଣ୍ଡପରେ ସି.ସି.ଟିଭି କ୍ୟାମେରା, ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା, ପୂଜାମଣ୍ଡପରେ ନିୟୋଜିତ ସ୍ୱେଚ୍ଛାସେବକ ମାନଙ୍କ ପାଇଁ ପରିଚୟ ପତ୍ର, ପରିଷ୍କାର ପରିଚ୍ଛନ୍ନତା, ରାସ୍ତା ଆଲୋକି କରଣ, କଳସ ବୁଢ଼ା ଘାଟ ପରିଷ୍କାର ଆଦି ସମ୍ବନ୍ଧରେ ଟିକିନିଖି ସମୀକ୍ଷା କରାଯାଇ ଆବଶ୍ୟକ ମତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ବୈଠକରେ ଉପସ୍ଥିତ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ସେହିପରି ଭସାଣିଯାତ୍ରା ପାଇଁ ଆମ୍ବୁଲାନସ୍ ବ୍ୟବସ୍ଥା, ପୋଲିସ୍ ବ୍ୟବସ୍ଥା, ଶୋଭାଯାତ୍ରାରେ କୌଣସି ପ୍ରକାର ଅଗ୍ନିଖେଳ ପ୍ରଦର୍ଶନ ନ କରିବା, ଅବକାରୀ ଧରପଗଡ଼, ମେଢ଼ ନ ଲାଗିବା ପାଇଁ ଡାଳ କଟାଯିବା, ସଂପୃକ୍ତ ରାସ୍ତା ମରାମତି ଓ ରାସ୍ତା ଆଲୋକି କରଣ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଦ୍ୱାରା ଜାରି ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ପୂଜା ପାର୍ବଣ ସମୟରେ ବାସିଫୁଲ, ପତ୍ର, ଫଳ ଆଦି ସହ ମୂର୍ତ୍ତି ବିସର୍ଜନ ପ୍ରାକୃତିକ ଜଳାଶୟରେ ନ ପକାଇବା ପାଇଁ ପ୍ରଶାସନ ତରଫରୁ ସଚେତନତା ସୃଷ୍ଟି କରାଯିବା ମୂର୍ତ୍ତି ବିସର୍ଜନ ପାଇଁ କୃତ୍ରିମ ଜଳାଶୟ ବ୍ୟବସ୍ଥା କରିବାକୁ ପରୀକ୍ଷା ନିରୀକ୍ଷା କରିବା ଆଦି ଦିଗରେ ମଧ୍ୟ ଆଲୋଚନା କରାଯାଇ ଆବଶ୍ୟକ ଅନୁଯାୟୀ ପାଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ । ଏହି ପର୍ବ ପାଳନରେ ମୁସଲିମ୍ ଜମାତ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବା ନେଇ ବୈଠକର ଉପସ୍ଥିତ ସଦସ୍ୟ ପ୍ରକାଶ କରିଥିଲେ । ସଂପୃକ୍ତ ପୋଲିସ୍ ଓ ବିଭାଗୀୟ ଅଧିକାରୀ, ଶାନ୍ତି କମିଟିର ସଦସ୍ୟ, ସଂପୃକ୍ତ ୫ଟି ପୂଜା କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ମତାମତ ରଖିଥିଲେ । ଉପଜିଲ୍ଲାପାଳ ଶ୍ରୀଯୁକ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



# ଓଡ଼ିଆ ଜାଗରଣ ମଂଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା , ୪/୯ (ନି.ପ୍ର): ନବ ଓଡ଼ିଶାର ଅନ୍ୟତମ ନିର୍ମାତା, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମୟୂରଭଞ୍ଜର ପୂର୍ବତନ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଙ୍କ ଜନ୍ମ ଦିନ ଡିସେମ୍ବର ୧୭ ତାରିଖକୁ ସରକାରୀ ଛୁଟି ଘୋଷଣା କରାଯିବା ନିମନ୍ତେ ଓଡ଼ିଆ ଜାଗରଣ ମଞ୍ଚ ତରଫରୁ ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ମାଝୀ ଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ସହ ଜିଲ୍ଲାର ଜନ ପ୍ରତିନିଧି ଭାବରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ବଡ଼ସାହି ବିଧାୟକ ସନାତନ ବିଜୁଳି, ଉଦଳା ବିଧାୟକ ଭାସ୍କର ମଢ଼େଇ, ବାରିପଦା ବିଧାୟକ ପ୍ରକାଶ ସୋରେନ ଙ୍କୁ ମଧ୍ୟ ଦାବିପତ୍ର ଡାକ ଯୋଗେ ପ୍ରଦାନ କରାଯାଇଛି । ମୟୂରଭଞ୍ଜର ସାଧାରଣ ଜନତା ଦୀର୍ଘ ବର୍ଷ ହେବ ମହାରାଜାଙ୍କ ଜନ୍ମ ଜୟନ୍ତି କୁ ସରକାରୀ ଛୁଟି ଘୋଷଣା କରାଯିବା ପାଇଁ ଦାବି କରି ଆସୁ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି ଏହି ଦାବି ପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ସଂଗଠନ ସମ୍ପାଦକ ପିତାମ୍ବର ମଲ୍ଲିକ, ଆଇନଜୀବୀ ଅରବିନ୍ଦ ଦାସ, ସତ୍ୟବାନ ପାଲ, ଲିଙ୍ଗରାଜ ମିଶ୍ର ପ୍ରଦୀପ କୁମାର ପଳେଇ, ଅରୁଣ କୁମାର ମହାପାତ୍ର, ଇନ୍ଦୁମତି ମହାନ୍ତି, ଲୋକନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ




ନୀଳଗିରି, ୪/୯ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜସେବା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଗୋଷ୍ଠୀ ସମ୍ପର୍କ ଓ ସଚେତନତା କାର୍ଯ୍ୟକ୍ରମ ( ସି ଟୁ ସି) ବା କ୍ଲାସରୁମ ଠାରୁ ଗୋଷ୍ଠୀ ପର୍ଯ୍ୟନ୍ତ ଆରମ୍ଭ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ, ସମାଜସେବା ବିଭାଗର ଛାତ୍ରଛାତ୍ରୀମାନେ ନିକଟସ୍ଥ ରସଲପୁର ଗ୍ରାମରେ ଏକ ଜନସଚେତନା ସହ ବ୍ୟକ୍ତିଗତ ଭାବେ ଲୋକଙ୍କ ସହିତ ଏକତ୍ରିତ ହୋଇ ବିଭିନ୍ନ ସମସ୍ୟାଗୁଡିକୁ ପଚାରି ବୁଝିଥିଲେ । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ, ସମାଜସେବା ବିଭାଗର ଅଧ୍ୟାପିକା ରଶ୍ମିରେଖା ରାଉତଙ୍କ ତତ୍ତ୍ୱାବଧାନରେ ଏକ ନୂତନ କାର୍ଯ୍ୟାବଳୀ (ପି.ଆର.ଏ) ପ୍ରସ୍ତୁତ କରାଯାଇ, ଲୋକଙ୍କ ବହୁବିଧ ସମସ୍ୟା ଯଥା ବାଳିକାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ଯତ୍ନ, ମହାମାରୀ ରୋଗର ନିରାକରଣ, ନିଶା ନିବାରଣ ଇତ୍ୟାଦି ସଂପର୍କିତ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ଛାତ୍ରଛାତ୍ରୀମାନେ ସେଠାରେ ଉପସ୍ଥିତ ଲୋକଙ୍କ ବ୍ୟତୀତ ଗ୍ରାମବାସୀଙ୍କ ଘରକୁ ଯାଇ ଏହି ସଚେତନଶୀଳ ବାର୍ତ୍ତା ଗୁଡିକ ପହଞ୍ଚାଇବାର ପ୍ରୟାସ କରିଥିଲେ । ଗ୍ରାମବାସୀମାନେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏଭଳି କାର୍ଯ୍ୟକ୍ରମକୁ ସ୍ୱାଗତ ଜଣାଇଥିଲେ ଓ କୁଳପତି ପ୍ରଫେସର ତ୍ରିପାଠୀ ତଥା ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମର ଛାତ୍ର ପ୍ରତିନିଧି ଶ୍ରଦ୍ଧାଞ୍ଜଳୀ ସାମଲ ଗ୍ରାମବାସୀଙ୍କ ସହଯୋଗ ପାଇଁ, କୃତଜ୍ଞତା ପ୍ରକାଶ କରିଥିଲେ । ଆଗାମୀଦିନରେ ଏହି କାର୍ଯ୍ୟକ୍ରମକୁ ମାତ୍ରାଧିକ ଗୋଷ୍ଠୀ ଗୁଡ଼ିକ ପାଖରେ ପହଞ୍ଚାଇବାର ଲକ୍ଷ୍ୟ ସହ ଆଗାମୀ ସପ୍ତାହ ଠାରୁ ପୋଷଣ ମାସ ପାଳନ କରିବା ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ଯଥା ବୃଦ୍ଧାଶ୍ରମ, ବାଳାଶ୍ରମ, କାରାଗାର ଇତ୍ୟାଦି ପରିଦର୍ଶନ ସହ, ସେଠାକାର ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ସହ ଅବଗତ ହେବା ନେଇ, ପ୍ରୟାସ କରାଯିବା ନେଇ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି ।

# ବାଲେଶ୍ୱର ଜିଲ୍ଲାରେ ସୁଭଦ୍ରା ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ସାମ୍ବାଦିକ ସମ୍ମିଳନୀ



ବାଲେଶ୍ୱର, ୪/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଆଜି ଅପରାହ୍ନ ଘ. ୪ ଟା ସମୟରେ ସ୍ଥାନୀୟ ସଭାବନା ସଭାଗୃହଠାରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଗୌରିମଣି ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀ ବିକାଶ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସଂପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ ଓ ସୁଭଦ୍ରା ଯୋଜନା ହିତାଧିକାରୀ ଦରଖାସ୍ତ ଫର୍ମ ଅଙ୍ଗନବାଡି କେନ୍ଦ୍ର ଓ ଅଙ୍ଗନବାଡି ଦିଦିଙ୍କ ଠାରୁ ଗ୍ରହଣ କରିପାରିବେ ଓ ଏହି ସମ୍ବନ୍ଧିତ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟର ସୁଭଦ୍ରା ସହାୟତା କେନ୍ଦ୍ରରେ ଯୋଗାଯୋଗ କରି ପାରିବେ ଓ ଯୋଗ୍ୟ ହିତାଧିକାରୀମାନେ ନିଜ ଆଧାର କାର୍ଡ, ମୋବାଇଲ ନମ୍ବର ଓ ବ୍ୟାଙ୍କ ଆକାଉଣ୍ଟ ନମ୍ବର ର ସମସ୍ତ ଦରକାରୀ କାଗଜପତ୍ର ନେଇ ଚିହ୍ନଟ ହୋଇଥିବା ନିକଟସ୍ଥ ମୋ ସେବା କେନ୍ଦ୍ର କିମ୍ବା ଜନ ସେବା କେନ୍ଦ୍ର ଠାରେ ନିଜ ନାମ ସୁଭଦ୍ରା ପୋର୍ଟାଲରେ ପଞ୍ଜିକରଣ କରିପାରିବେ ଓ ଏଥି ନିମନ୍ତେ ଇ-କେୱାଇସିର ବ୍ୟବସ୍ଥା ଅଛି ଓ ଇତି ମଧ୍ୟରୁ କୌଣସି ଏକ ର-କଣଉ ମାଧ୍ୟମରେ ଯୋଗ୍ୟ ହିତାଧିକାରୀମାନେ ପଞ୍ଜିକରଣ କରିପାରିବେ । ଏହି ସମୟରେ ହିତାଧିକାରୀମାନେ ନିଜେ ଉପସ୍ଥିତ ରହିବାକୁ ସୂଚନା ଦିଆଯାଇଛି । ହିତାଧିକାରୀଙ୍କ ଅନୁପସ୍ଥିତିରେ କୌଣସି ପ୍ରାମାଣିକିକରଣ କରାଯିବ ନାହିଁ ଓ ଆବେଦନକାରୀଙ୍କୁ କୌଣସି ସ୍ତରରେ ଏଥି ପାଇଁ କୌଣସି ଦେୟ ଦେବାକୁ ପଡିବ ନାହିଁ । ନିଷ୍କ୍ରିୟ ଥିବା ଆଧାର କାର୍ଡ ଗୁଡିକରେ ଆବଶ୍ୟକ ପରିବର୍ତ୍ତନ କରିବା ପାଇଁ ଆମ ଜିଲ୍ଲାରେ ସର୍ବମୋଟ ୨୫୮ ଟି ଆଧାର କେନ୍ଦ୍ର ଚିହ୍ନଟ କରାଯାଇଛି ଓ ଏହି ପରିବର୍ତ୍ତନ ନିମନ୍ତେ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ବାୟୋମେଟ୍ରିକ୍ ଅପଡେସନପାଇଁ ୧୦୦/- ଟଙ୍କା ଓ ଡେମୋଗ୍ରାଫିକ ଅପଡେସନ ପାଇଁ ୫୦/- ଟଙ୍କା ଧାର୍ଯ୍ୟ କରାଯାଇଛି ଓ ଏହା ବ୍ୟତୀତ ଅନ୍ୟ କୌଣସି ସ୍ତରରେ ଦେୟ ପ୍ରଦାନ କରାଯିବ ନାହିଁ ଓ ସେହି ଭଳି ସର୍ବମୋଟ ୨୨୦୦ ଟି ସୁଭଦ୍ରା କ୍ୟାମ୍ପ ମଧ୍ୟ ଖୋଲା ଯାଇଛି । ପୋଲିସ ପ୍ରଶାସନ ପକ୍ଷରୁ କରାଯାଇଥିବା ପ୍ରସ୍ତୁତି ବିଷୟରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଥ ସାମ୍ବାଦିକଙ୍କୁ ଅବଗତ କରାଇଥିଲେ ଓ ଜନ ଗହଳି ହେଉଥିବା କେନ୍ଦ୍ରଗୁଡିକ ପରିସରରେ ପୋଲିସ ପାଟ୍ରୋଲିଂ କରାଯାଇ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ସୁବନ୍ଦୋବସ୍ତ କରାଯାଇଛି ଓ ଶୃଙ୍ଖଳିତ ଭାବରେ ନିର୍ଦ୍ଧାରିତ ତାରିଖ ଏବଂ ସମୟ ଅନୁଯାୟୀ ଜନ ସେବା କେନ୍ଦ୍ର କିମ୍ବା ମୋ ସେବା କେନ୍ଦ୍ରରେ ପହଞ୍ଚି ନିଜ ନାମ ପଞ୍ଜିକୃତ କରିହେବ ଓ ସୁଭଦ୍ରା ଯୋଜନା ଅନ୍ତର୍ଗତ ଆବେଦନ କରିବା ପାଇଁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ ଓ ଏହା ଏକ ନିରନ୍ତର ପ୍ରକ୍ରିୟା ବୋଲି ସର୍ବଶେଷରେ ମଞ୍ଚସ୍ଥ ସମସ୍ତ ଅଧିକାରୀମାନେ ହିତାଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହି ସମ୍ମିଳନୀରେ ସୁଭଦ୍ରା ଯୋଜନାର ଜିଲ୍ଲା ନୋଡାଲ ଅଧିକାରୀ ଶ୍ରୀ ପୁରୁଷୋତ୍ତମ ମିଶ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଓ ଡିପିସି, ମମତା ଶ୍ରୀ ବାମଦେବ ପାଣିଗ୍ରାହୀ ଉପସ୍ଥିତ ଥିଲେ ।

# ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର 'ପାରିକରିବେ ଭୋଳା ଶଙ୍କର' ୩ର ଅଡିଓ ମୁକ୍ତିଲାଭ: ଆସନ୍ତା ୮ ରେ ପ୍ରସାରଣ



ଭୁବନେଶ୍ୱର, ୪/୯ (ନି.ପ୍ର): ଓଡ଼ିଆ ଫିଲ୍ମକୁ ଦର୍ଶକଙ୍କର ପୁଣି ଭଲପାଇବା ମିଳୁଛି ଯାହାକୁ ଧ୍ୟାନରେ ରଖି ଫିଲ୍ମ ମେକର୍ସ ନୂଆ ନୂଆ କାହାଣୀକୁ ନେଇ ବଡ଼ ପରଦାକୁ ଫେରିଛନ୍ତି । ଏହି ଧାରାରେ ଜୀ ସାର୍ଥକ ପୁଣି ନେଇ ଆସିଛି ଏକ ନୂଆ ଫିଲ୍ମ । ସୋମନାଥ ଫିଲ୍ମସ ବ୍ୟାନରରେ ସୁନୀଲ ପଟ୍ଟନାୟକ ପ୍ରଯୋଜିତ ଫିଲ୍ମ ଖୁବ ଶୀଘ୍ର ଟିଭି ପରଦାରେ ମୁକ୍ତିଲାଭ କରିବାକୁ ଯାଉଛି 'ପାରିକରିବେ ଭୋଳା ଶଙ୍କର ୩' ଆସନ୍ତା ରବିବାର ସନ୍ଧ୍ୟା ୬:୩୦ ରେ କେବଳ ଜୀ ସାର୍ଥକରେ । ଫିଲ୍ମର କାହାଣୀ ଖୁବ ଭିନ୍ନ ରହିବା ସହିତ ରୁଚିକର ମଧ୍ଯ ରହିଛି । ଶ୍ରାବଣ ପୂର୍ଣ୍ଣିମାର ପବିତ୍ର ଦିନରେ ଶଙ୍କର ନାମରେ ଜଣେ ଶିଶୁ ଗାଁର ଶିବ ମନ୍ଦିର ବାହାରେ ଚେତାଶୂନ୍ୟ ଅବସ୍ଥାରେ ମିଳେ । ଗାଁ ଲୋକଙ୍କ ଭଲପାଇବା ଦ୍ୱାରା ବଡ଼ ହୋଇ ସେ ମନ୍ଦିରର ସୁରକ୍ଷା କର୍ତ୍ତା ଭାବରେ ପରିଣତ ହୁଏ । ଗାଁ ମନ୍ଦିରରେ ରହିଥାଏ ଏକ ଦିବ୍ୟମଣୀ ଯାହାକୁ ହାତେଇବାକୁ ପରାଶର ନାମକ ଜଣେ ତନ୍ତ୍ର ମନ୍ତ୍ର ସାଧକ ନିଜର ଅହରହ ଚେଷ୍ଟା ଜାରି ରଖିଥାଏ କିନ୍ତୁ ସବୁ ଯୋଜନା ଶଙ୍କର ଥାଉ ଥାଉ ବିଫଳ ହୁଏ । ଶେଷରେ ଅଖଣ୍ଡ କୁଚକ୍ରାନ୍ତ କରି କଳା ଯାଦୁର ପ୍ରୟୋଗ କରି ଶଙ୍କର ଏକ ତନ୍ତ୍ର ମନ୍ତ୍ର ସାଧକ ବୋଲି ଗାଁ ଲୋକଙ୍କୁ ଜଣାଏ ଓ ଗାଁରୁ ବିଦା କରିଦିଏ । କିଛି ବର୍ଷ ପରେ ପୁଣି ଅଖଣ୍ଡ ମଣି ଚୋରି କରିବାର ଯୋଜନା ସମୟରେ ପୁଣି ଫେରିଆସେ ଶଙ୍କର କ୍ଷ ତେବେ ଶଙ୍କର କ'ଣ ତାକୁ ରୋକି ପାରିବ ? ଶଙ୍କରକୁ ଏହି କାମ ପାଇଁ କେତେ କଠିନ ପରିଶ୍ରମ କରିବାକୁ ପଡୁଛି ଓ ଶେଷରେ କ'ଣ ହେଉଛି ଫିଲ୍ମ ମାଧ୍ୟମରେ ଜାଣିବାକୁ ପାଇବେ ଦର୍ଶକ । ଫିଲ୍ମରେ ମୁଖ୍ୟ ଅଭିନେତା ରହିଛନ୍ତି ରାଜ ରାଜେଶ । ତାଙ୍କ ସହିତ ମୁମୀତା, ବାଦଲ ମହାନ୍ତି, ରବି ମିଶ୍ର ଓ ଉଦିତ ଗୁରୁ ରହିଛନ୍ତି । ଫିଲ୍ମର କାହାଣୀ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା, ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମୃତ୍ୟୁଞ୍ଜୟ ସାହୁ । ସଙ୍ଗୀତ ନିର୍ଦ୍ଦେଶନାରେ ରହିଛନ୍ତି ବୈଦ୍ୟନାଥ ଦାଶ ଗୀତକୁ ଲେଖିଛନ୍ତି ଡଃ ନିର୍ମଳ ନାୟକ । ଗୀତଗୁଡିକୁ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା, ଗୌରବ ଆନନ୍ଦ ଓ ବୈଭବ ପୃଷ୍ଟି । ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ କହିଛନ୍ତି ଯେ, ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବା ପରି କାହାଣୀ ହୋଇଛି ତେଣୁ ଆଗ ଭଳି ଦର୍ଶକ ଏହି ଫିଲ୍ମକୁ ଉପଭୋଗ କରିବେ ଓ ଭଲପାଇବା ମଧ୍ୟ ଦେବେ ବୋଲି ମୋର ଆଶା ଓ ବିଶ୍ୱାସ ।

# ଆନନ୍ଦବଜାର ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ

ବେତନଟୀ, ୪/୯ (ନି.ପ୍ର): ବେତନଟୀସ୍ଥିତ ଆନନ୍ଦବଜାର ହନୁମାନ ମନ୍ଦିର ପରିସରରେ ସାର୍ବଜନୀନ ଆନନ୍ଦବଜାର ଦୁର୍ଗାପୂଜା କମିଟି ପକ୍ଷରୁ ଏବର୍ଷ ୫୨ତମ ଦୁର୍ଗାପୂଜା ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ସତୀଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଥମେ ଗତ ବର୍ଷର ଆୟ ବ୍ୟୟର ହିସାବ ଆଲୋଚନା ହୋଇଥିଲା । ତତସହିତ ଏବର୍ଷ ମାଙ୍କ ପୂଜାକୁ କିପରି ଭାବରେ ଧୁମଧାମରେ ପାଳନ ହେବ ସେନେଇ ବିଶେଷ ଆଲୋଚନା ହୋଇଥିଲା । ଚଳିତ ଦୁର୍ଗାପୂଜା ନିମନ୍ତେ କମିଟିକୁ ପୁନଃ ଗଠନ କରାଯାଇଥିଲା । କମିଟିର ସ୍ଥାୟୀ ସଭାପତି ଭାବେ ସତୀଶ ଚନ୍ଦ୍ର ପାତ୍ର, କାର୍ଯ୍ୟକାରୀ ସଭାପତି ଭାବେ ରାଜେଶ ଖଣ୍ଡେଲୱାଲ, ଉପସଭାପତି ଭାବେ ଆଶିଷ କୁମାର ପାତ୍ର ଓ ହିମାଂଶୁ କବାଟ, ସାଧାରଣ ସମ୍ପାଦକ ଭାବେ ଭବାନୀ ଶଙ୍କର ପରିଡା, ସହ ସମ୍ପାଦକ ଭାବେ ଅରୂପ ରଞ୍ଜନ ଲେଙ୍କା, ମଳୟ ସେଠୀ, ସତ୍ୟ ନାରାୟଣ ବେହେରା, ଦୀପକ ସିଂ, କମଲ ଲେଙ୍କା, କୋଷାଧକ୍ଷ ଭାବେ ଭାରତ ଭୂଷଣ ଦ୍ୱିବେଦୀ, ଉପଦେଷ୍ଟା ଭାବେ ସର୍ବେଶ୍ୱର ମହାନ୍ତ, ଗିରିଜା ଶଙ୍କର ଜେନା, ତପନ ପରିଡା, ନିଳେନ୍ଦୁ ଜେନା, ତ୍ରିଦୀପ ପାତ୍ର, ହରିଶ ଚନ୍ଦ୍ର ବେହେରା , ଦେବବ୍ରତ ପରିଡା, ରଞ୍ଜନ ବଳବନ୍ତରାୟ, ଦାମଦର ପ୍ରସାଦ ଅଗ୍ରୱାଲ, ସତୀଶ କୁମାର ସାହୁ, ଦିବ୍ୟରଞ୍ଜନ ଦାସ, କମଳାକାନ୍ତ କବାଟ, ଯୋଗେଶ୍ୱର ଆଚାର୍ଯ୍ୟ, କାଳିଚରଣ ବିନ୍ଧାଣି, ରବୀନ୍ଦ୍ର ଦାସ, ପ୍ରତାପ ମହାନ୍ତ ଙ୍କ ନାମ ପ୍ରସ୍ତାବ ସହ କମିଟି ପୁନଃ ଗଠନ ହୋଇଥିଲା । ଏହି ବୈଠକରେ କମିଟିର ଶତାଧିକ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo